# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଦଶମ ସଂଖ୍ୟା ୧ ଏପ୍ରିଲ ୨୦୨୩

https://epatrika.cspursahityasansad.com/

Publisher :

**Newtra Creations**

Bhubaneswar



ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Website: www.newtracreations.com / www.cspursahityasansad.com

Email : cspursahityasansad@gmail.com

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଦଶମ ସଂଖ୍ୟା
୧ ଅପ୍ରେଲ୨୦୨୩

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ପ୍ରଫେସର ଅଶୋକ କୁମାର ମହାନ୍ତି
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
ବିଦ୍ୟାଧର ଗୁରୁ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭
e-mail: newtracreations@gmail.com
website : www.newtracreations.com

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Prof. Ashok Kumar Mohanty
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Bidyadhar Guru
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547
e-mail: newtracreations@gmail.com
website : www.newtracreations.com

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

## ସମ୍ପାଦକୀୟ...



# ଗଣ ସଂସ୍କୃତିର ଅନୁଚିନ୍ତନ

ଶିଳ୍ପ ସାହିତ୍ୟ ହେଉଛି ଜନଗଣଙ୍କର ସମ୍ପଦ । ଜନସାଧାରଣଙ୍କ ନିମନ୍ତେ ଶିଳ୍ପ ସାହିତ୍ୟର ଆବଶ୍ୟକତା ଅତୀତରୁ ରହିଆସିଛି । ଏହି କାରଣରୁ ଜନସାଧାରଣଙ୍କ ମଧ୍ୟରୁ ଶିଳ୍ପୀ ସାହିତ୍ୟିକ ସୃଷ୍ଟି ହୋଇଥାଆନ୍ତି । ସାମ୍ପ୍ରତିକ ଇଣ୍ଟର୍‌ନେଟ ଯୁଗରେ ଫେସ୍‌ବୁକ ଓ ଅନ୍ୟାନ୍ୟ ମାଧ୍ୟମରେ ଏହି ଶିଳ୍ପୀ ସାହିତ୍ୟିକମାନଙ୍କର ଆବିର୍ଭାବ ହେବା ଦେଖିବାକୁ ମିଳୁଛି ।ଏମାନେ ସମାଜରେ ଦେଖାଯାଉଥିବା ଅନ୍ୟାୟ-ଅନୀତି, ସାମାଜିକ ମୂଲ୍ୟବୋଧର ଅବକ୍ଷୟ ବିରୋଧରେ ବେଶ୍ ପ୍ରତିବାଦୀ ସ୍ୱର ଉତ୍ତୋଳଣ କରୁଥିବାର ଦେଖାଯାଉଛି । ଏମାନଙ୍କ ପ୍ରତି କିଛି ଅଂଶର ଲୋକେ ନାସିକା କୁଞ୍ଚନ କରୁଥିଲେ ବି ଏମାନେ ହୋଇଉଠୁଛନ୍ତି ପ୍ରକୃତରେ ଗଣସଂସ୍କୃତି ସୃଷ୍ଟିର ଉତ୍ସ । ଗଣସଂସ୍କୃତିର ଶିଳ୍ପୀମାନଙ୍କୁ ଅଧିକ ମାତ୍ରାରେ ସାମାଜିକ ଦାୟିତ୍ୱ ନେବାକୁ ପଡ଼ିଥାଏ । ଏହାହିଁ ଏମାନଙ୍କର ପ୍ରାଥମିକ କର୍ତ୍ତବ୍ୟ । ଗଣସଂସ୍କୃତି ହେଉଛି ଏପରି ଏକ ହତିଆର ଯାହାଦ୍ୱାରା ସମାଜକୁ ଉନ୍ନତ ପର୍ଯ୍ୟାୟକୁ ନିଆଯାଇ ପାରିବ । ସତ୍ୟବାଦୀ ଯୁଗ, ସ୍ୱାଧୀନତା ସଂଗ୍ରାମ କାଳ ଏବଂ ଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଏହି ଗଣସଂସ୍କୃତିର ଶିଳ୍ପୀମାନେ ହିଁ ତ ସମସ୍ତ ଗୁରୁ ଦାୟିତ୍ୱ ତୁଲାଇଥିବା ଇତିହାସ କହିଥାଏ ।

ଗଣସଂସ୍କୃତିର ଉଦ୍ଦେଶ୍ୟ ନୁହେଁ ଶିଳ୍ପ ପାଇଁ ଶିଳ୍ପ ବା କଳା ପାଇଁ କଳା ସୃଷ୍ଟି କରିବା । କଳା ପାଇଁ କଳା ସୃଷ୍ଟି ବାବଦରେ ଯୁକ୍ତି ପ୍ରଦର୍ଶନ କରିବା ହେଉଛି ଦାୟିତ୍ୱହୀନ ମନ୍ତବ୍ୟ ବା ଆଦର୍ଶବୋଧ । ଗଣସଂସ୍କୃତିର ଅନ୍ୟତମ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନ ବିଚାରକୁ ଗୁରୁତ୍ୱ ପ୍ରଦାନ କରିବା ଏବଂ ମାନସିକ ଦାସତ୍ୱରୁ ମୁକ୍ତହୋଇ ଏକ ସୁସ୍ଥ ସମାଜିକ ପରିବର୍ତ୍ତନ ଆଣିବା । ଏହି ଦିଗରେ ଇ-ପତ୍ରିକା ନିଜର କ୍ଷୁଦ୍ର କଳେବର ମାଧ୍ୟମରେ ପ୍ରଚେଷ୍ଟା କରି ଆସିଛି ।ପ୍ରିୟ ଲେଖକ ଓ ପାଠକଙ୍କ ମଧ୍ୟରେ ଗଣସଂସ୍କୃତିକୁ ପ୍ରତିଷ୍ଠା କରିବାର ପ୍ରୟାସ ଜାରି ରଖିଛି । ସୃଷ୍ଟିଶୀଳ ପ୍ରତିଭାଙ୍କୁ ପରିଚିତ କରାଇବାର ଏହି କାର୍ଯ୍ୟରେ ପ୍ରିୟ ପାଠକମାନଙ୍କର ଅକୁଣ୍ଠ ପ୍ରେରଣା ଆମକୁ ବେଶ୍ ଉତ୍ସାହିତ କରୁଛି ।

ପରିଶେଷରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଜନ୍ମ ମାସରେ "ଇ-ପତ୍ରିକା" ତରଫରୁ ସମସ୍ତ ବିଦଗ୍ଧ ପାଠକ ଭାଷାପ୍ରୀତିକୁ ଉର୍ଦ୍ଧ୍ୱରେ ତୋଳି ଧରିବେ ବୋଲି ଆଶା ରଖୁଛୁ ।

■■■

**ସରୋଜ କୁମାର ଶତପଥୀ**
**ସମ୍ପାଦକ**



# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୩ |
| | **ବ୍ୟାକରଣ ବିଭାଗ** | | |
| ୨. | ବିଶେଷଣ | ଡ. ଦେବାଶିଷ ମହାପାତ୍ର | ୦୭ |
| | **ଗଦ୍ୟ ବିଭାଗ** | | |
| ୪. | କବିସୂର୍ଯ୍ୟ ବିରଚିତ: କିଶୋର ଚନ୍ଦ୍ରାନନ୍ଦ ଚମ୍ପୁରେ ଲଳିତା | କବି ପ୍ରଭାକର | ୧୩ |
| ୫. | କ୍ଷୀର ଉତୁରିଲେ | ଛନ୍ଦା ମିଶ୍ର | ୨୦ |
| ୬. | ଧର୍ମଗଡ ହସ୍ ପିଟାଲରେ ଏକ ଅଭୁଲା ଘଟଣା | ଡା. ଘନଶ୍ୟାମ ଜୈନ | ୨୨ |
| ୭. | ଆମେ ଏମିତି କାହିଁକି ? | ଶଶାଙ୍କ ଶେଖର ମିଶ୍ର | ୨୫ |
| ୮. | ପରିବାର | ବିନୋଦିନୀ ଗଉଡ଼ | ୨୬ |
| ୯. | ତଫାତ୍ | ପ୍ରମୋଦ କୁମାର ମହାପାତ୍ର | ୨୭ |
| ୧୦. | ଅସହାୟ ମାଳୀ | ଗୀତା ପଟ୍ଟନାୟକ | ୨୮ |
| ୧୧. | ବୈରାଗ୍ୟରେ ଜୀବନ | ଶୁଭଶ୍ରୀ ମିଶ୍ର | ୩୧ |
| ୧୨. | ମହନୀୟତା | ପ୍ରଜ୍ଞା ମହାନ୍ତି | ୩୨ |
| ୧୩. | ଅବର୍ତ୍ତମାନ | ପଦ୍ମାଳୟା ପାଢ଼ୀ | ୩୪ |
| | **ପଦ୍ୟ ବିଭାଗ** | | |
| ୧୪. | ଅହଲ୍ୟା | ବିଦ୍ୟାଧର ଗୁରୁ | ୪୦ |
| ୧୫. | ଶକୁନ୍ତଳା | ଶିବପ୍ରିୟା ମିଶ୍ର | ୪୧ |
| ୧୬. | ଉଇ ଖିଆ ପୁରଥି | ସରୋଜ କୁମାର ଶତପଥୀ | ୪୨ |
| ୧୭. | ବିନ୍ ବିହା ହେଇ ନାଇଁ ମରେଁ | ପ୍ରଜ୍ଞା ଦର୍ଜୀ ମହାପାତ୍ର | ୪୩ |
| ୧୮. | ଆଉ୍ ବଏଁଶୀ | ପଞ୍ଚାନନ ତାଣ୍ଡି | ୪୪ |
| ୧୯. | ଏମାନଙ୍କ ଜୀବନ | ଜ୍ୟୋତିପ୍ରକାଶ ଗଡତ୍ୟା | ୪୫ |
| ୨୦. | ମୂହୁର୍ତ୍ତ | ଯୋଗେଶ ଚନ୍ଦ୍ର ମିଶ୍ର | ୪୬ |
| ୨୧. | ବୈଶାଖର ଦଲିଲ୍ | ବସନ୍ତ ମାଝି | ୪୭ |
| ୨୨. | ପ୍ରାଣ ପ୍ରତିଷ୍ଠା | ପ୍ର. ବୀଣାପାଣି ତ୍ରିପାଠୀ | ୪୮ |
| ୨୩. | ସର୍ଗ | ଯଶୋବନ୍ତ ସେଠୀ | ୪୯ |
| ୨୪. | କବିତାଲେଖା | ଅଧ୍ୟାପକ ଅଜୟ ପଟ୍ଟନାୟକ | ୫୦ |
| ୨୫. | ପିଲାଦିନ | ବିଷ୍ଣୁପ୍ରିୟା ମହାପାତ୍ର | ୫୧ |
| ୨୬. | ଲଣ୍ଡା ପାହାଡ଼ | ଅଞ୍ଜଳି ଆଚାର୍ଯ୍ୟ | ୫୨ |
| ୨୭. | ଫୁଲ ପାଖୁଡ଼ାରେ | ମନୋରମା ମିଶ୍ର | ୫୩ |
| ୨୮. | ସାରାଂଶ | ନିହାରୀକା ରାୟବରାଳ | ୫୪ |
| ୨୯. | ରଙ୍ଗର ପର୍ବ ହୋଲି | ଶୁଭଶ୍ରୀ ସିଂ | ୫୫ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୦. | ରବିବାର | ପଦ୍ମାଳୟା ସାମଲ | ୫୬ |
| ୩୧. | ବାପା | ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୫୭ |
| ୩୨. | ତଥାପି ଆଶା | ଯଜ୍ଞଦତ୍ତ ସାମନ୍ତରାୟ | ୫୮ |
| ୩୩. | ବସନ୍ତ ଆସିଛି | ଗୀତାଞ୍ଜଳି ସ୍ୱାଇଁ | ୫୯ |
| ୩୪. | ଏମିତି ଲାଗେ କାହିଁକି ? | ବୀରେଶ୍ୱର ମହାନ୍ତି | ୬୦ |
| ୩୫. | ଏପ୍ରିଲ ଓ ମୋ ବାପା | ଶ୍ରୀ କୁଞ୍ଜବିହାରୀ ସାହୁ | ୬୧ |
| ୩୬. | କୃଷ୍ଣଚୂଡ଼ା | ସ୍ୱର୍ଣ୍ଣଲତା ମହାପାତ୍ର | ୬୨ |
| ୩୭. | ସ୍ୱପ୍ନ | ପ୍ରତିତୀ ମହାନ୍ତି | ୬୩ |
| ୩୮. | ନାରୀ-ନାରାୟଣୀ | ବାସନ୍ତୀ ବାରିକ୍ | ୬୪ |
| ୩୯. | ଭାଗ୍ୟର ଭଗ୍ନାଂଶ | ମାନଗୋବିନ୍ଦ ବାରିକ୍ | ୬୫ |
| ୪୦. | ସପନର ମାୟା | ଡ. ପ୍ରିୟମ୍ବଦା ସାମଲ | ୬୬ |
| ୪୧. | ପ୍ରେମ ଜୟକରେ ହୃଦୟ | ଡ. ବିଜୟଲକ୍ଷ୍ମୀ ପଟ୍ଟନାୟକ | ୬୭ |
| ୪୨. | ଫଗୁଣ ରେ ଫଗୁଣ | କବିତା ନାୟକ | ୬୮ |
| ୪୩. | ଫେରିବ କି ସେ'ଦିନ | ଡ. ପ୍ରବୀଣା ପରିଡ଼ା | ୬୯ |
| ୪୪. | ବଞ୍ଚିବାର ଦୌଡ଼ | ମନୋରମା ସାହୁ | ୭୦ |
| ୪୫. | କଥାହେବି କାଲି ସକାଳେ | ଜାହ୍ନବୀ ଚୌଧୁରୀ | ୭୧ |
| ୪୬. | ମନ ଚାହୁଁ ନଥିବା ଯାଗାକୁ | ପୁଷ୍ପାଞ୍ଜଳି ପଣ୍ଡା | ୭୨ |
| ୪୭. | ଦିଆସିଲି | କମଳିନୀ ଦେବୀ | ୭୩ |
| ୪୮. | ହେ କୃଷ୍ଣ | ଶ୍ରୀମତୀ ରୀତା ମିଶ୍ର | ୭୪ |
| ୪୯. | ଫଗୁଣର ରଙ୍ଗ | ରଶ୍ମିମୟୀ ପତି | ୭୫ |
| ୫୦. | ସମ୍ପର୍କର ପର୍ବ | ଡ. ମନୋରଞ୍ଜନ ବିଶୋୟୀ | ୭୬ |
| ୫୧. | ପୁଅ | ଅଧ୍ୟାପକ ହିମାଞ୍ଚଳ ସାହୁ | ୭୭ |
| ୫୨. | ଅମୃତର ତତ୍ତ୍ୱ | ସମିତା ସ୍ୱାଇଁ | ୭୮ |
| ୫୩. | ଟିକି ଚଢ଼େଇ | କରିସ୍ମା ତ୍ରୀପାଠି | ୭୯ |
| ୫୪. | ବସନ୍ତର ଅଭିମାନ | ଅନସୂୟା ବାରିକ | ୮୦ |
| ୫୫. | ସପନେ ସପନେ ଆସିଥିଲ ତୁମେ | ପୀତାମ୍ବର ଭୋଇ | ୮୧ |
| ୫୬. | ମହାକାଳ | ସୁରେଶ ଚନ୍ଦ୍ର ମିଶ୍ର | ୮୨ |
| ୫୭. | ଇ - ପତ୍ରିକା ର ମାର୍ଚ୍ଚ ସଂଖ୍ୟା ର କିଛି ସ୍ମୃତି | | ୮୩ |

# ବ୍ୟାକରଣ ବିଭାଗ





# ବଚନ

ଡ. ଦେବାଶିଷ ମହାପାତ୍ର

ଯାହା ଦ୍ୱାରା ବ୍ୟକ୍ତି ବା ବସ୍ତୁର ସଂଖ୍ୟା ଜଣାଯାଏ, ତାହାକୁ ବଚନ କୁହାଯାଏ । ବିଶେଷ୍ୟ ଓ ସର୍ବନାମ ପଦର ବଚନ ଥାଏ । ଏହା ଦୁଇ ପ୍ରକାରର – **ଏକବଚନ** ଓ **ବହୁବଚନ** । ଯେଉଁ ବିଶେଷ ବା ସର୍ବନାମ ପଦରୁ ବ୍ୟକ୍ତି ବା ବସ୍ତୁର ସଂଖ୍ୟା ଗୋଟିଏ ବା ଏକ ବୋଲି ବୁଝାପଡ଼େ, ତାହାର ଏକବଚନ ହୁଏ । ଯେମିତିକି– ମୁଁ, ସେ, ତୁମେ,ବହି, କଲମ, ଝିଅ, ନଈ । ସେହିପରି ଯେଉଁ ବିଶେଷ୍ୟ ବା ସର୍ବନାମ ପଦରୁ ବ୍ୟକ୍ତି ବା ବସ୍ତୁର ସଂଖ୍ୟା ଗୋଟିଏ ବା ଏକରୁ ଅଧିକ ବୋଲି ବୁଝାପଡ଼େ ତାହାର ବହୁବଚନ ହୋଇଥାଏ । ଯେମିତିକି–ସେମାନେ, ତୁମେମାନେ, ଆମେମାନେ, ବହିଗୁଡ଼ିକ, କଲମଗୁଡ଼ିକ, ଝିଅମାନେ, ନଈଗୁଡ଼ିକ । ପଦର ଏକତ୍ୱ ବା ବହୁତ୍ୱ ଅର୍ଥରେ ବଚନର ବ୍ୟବହାର ହୁଏ ।

| **ଏକବଚନ** | **ବହୁବଚନ** |
|---|---|
| ଲୋକ | ଲୋକମାନେ, ଲୋକେ |
| ବାଳକ | ବାଳକମାନେ |
| ପିଲା | ପିଲାମାନେ, ପିଲାଏ |
| ଫୁଲ | ଫୁଲଗୁଡ଼ିକ |
| ଛାତ୍ର | ଛାତ୍ରମାନେ |
| ଫଳ | ଫଳଗୁଡ଼ିକ |
| ସେ | ସେମାନେ |
| ବହି | ବହିଗୁଡ଼ିକ |
| କଲମ | କଲମଗୁଡ଼ିକ |
| ଖାତା | ଖାତାଗୁଡ଼ିକ |

(ବହୁବଚନ ସୂଚକ ପ୍ରତ୍ୟୟଗୁଡ଼ିକ ହେଉଛି – ଏ, ମାନେ, ସବୁ, ଗଣ, ବୃନ୍ଦ, ସମସ୍ତ, ସମଗ୍ର, ସକଳ, ସମୂହ, ତଳ, ଗୁଡ଼ିଏ, ଗୁଡ଼ାଏ ସେହିପରି ଟି, ଟାଏ, ଟା ଏକବଚନ ସୂଚକ)

**କ) ଏକବଚନ** – ଯେଉଁ ବିଶେଷ୍ୟ ବା ସର୍ବନାମ ପଦରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଗୋଟିଏ ବା ଏକ ବୋଲି ଜଣାଯାଏ ତାହାର ଏକବଚନ ହୋଇଥାଏ ।

ଯେମିତିକି – ମୁଁ
ତୁମେ
ସେ
ବହି
ଗଛ
ଘର

**ଖ) ବହୁବଚନ** – ଯେଉଁ ବିଶେଷ୍ୟ ବା ସର୍ବନାମ ପଦରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଏକାଧିକ ବା ବହୁତ ବୋଲି ଜଣାଯାଏ, ତାହାର ବହୁବଚନ ହୋଇଥାଏ ।

ଯେମିତିକା– ସୋମନେ
ତୁମେମାନେ
ଆମେମାନେ
ବହିସବୁ
ଗଛଗୁଡ଼ିକ
ଘରଗୁଡ଼ିକ

ଏକବଚନ ପାଇଁ ସାଧାରଣତଃ ଶବ୍ଦରେ କିଛି ଚିହ୍ନ ଦିଆଯାଇ ନଥାଏ । ଯେମିତିକି- ବହି, ଘର, ଗଛ, ପିଲା, ବାଳିକା, ବିଦ୍ୟାଳୟ, ଫୁଲ, ଚଢ଼େଇ । ତେବେ ଆମେମାନେ ବୁଝିବାକୁ ସହଜ ହେବାପାଇଁ **ଟା, ଟି, ଟିଏ, ଗୋଟିଏ, ଖଣ୍ଡେ, ଖଣ୍ଡିଏ** ଏମିତି ସବୁ ଏକବଚନ ଚିହ୍ନ ଯୋଗ କରାଯାଇଥାଏ । ଯେମିତିକି -

ପିଲାଟା ଭଲ
କଥାଟେ କୁହ
ଗୋଟାଏ ଓଜନ
ଘର ଖଣ୍ଡିଏ
ବହି ଖଣ୍ଡେ
କିଆରୀ ଗୋଟାକ
କିଲେ ଚାଉଳ
ମୁଠେ ଭିକ

କେତେକ କ୍ଷେତ୍ରରେ ଏକବଚନରେ **'ଏ'** ଲାଗିଥାଏ-

ଦାସେ ଆପଣେ ପଦେ କଥା
ପ୍ରଧାନେ ମାଣେ ଜମି
ସ୍ୱାଇଁଏ ଇଞ୍ଚେ ଜାଗା
ମହାପାତ୍ରେ ଟଙ୍କାଏ

ତେବେ ବହୁବଚନ ବୁଝାଯିବା ପାଇଁ ବିଶେଷ୍ୟ ପଦ ସହ ସାଧାରଣତଃ ଏ, ମାନେ, ମାନ, ଗୁଡ଼ିକ, ଗୁଡ଼ାକ ପ୍ରଭୃତି ବହୁବଚନ ଚିହ୍ନ ଯୋଗ କରାଯାଇଥାଏ । ଯେମିତିକି-

ପିଲେ ଝିଅମାନେ
ବାଳକେ ଗ୍ରନ୍ଥମାନ
ଲୋକେ ଅଳିଆଗୁଡ଼ାକ
ସେମାନେ କଲମଗୁଡ଼ିକ

ବେଳେବେଳେ ବହୁତ୍ୱ ବୁଝାଉଥିବା ବିଶେଷ୍ୟପଦ ଏକବଚନ ବିଶେଷ୍ୟ ପଦର ପୂର୍ବରେ ରହି ବ୍ୟବହାର ହେଲେ ତାହା ବହୁବଚନକୁ ବୁଝାଇଥାଏ ।

କାନ୍ଧିକାନ୍ଧି କଦଳୀ ଦଳଦଳ ଶ୍ରମିକ
ପେନ୍ଥାପେନ୍ଥା ଫୁଲ ମାଳମାଳ ମେଘ
ପଲପଲ ଗୋରୁ ବୋଝବୋଝ ଆମ୍ବ
ହଜାରହଜାର ଭକ୍ତ ଡେଙ୍ଗାଡେଙ୍ଗା ଗଛ

କେତେକ କ୍ଷେତ୍ରରେ **ଦଳ, ଶ୍ରେଣୀ, ବର୍ଗ, ବୃନ୍ଦ, ପଲ, ଗଣ, ମାଳା, ରାଶି, ମଣ୍ଡଳୀ, ସମାଜ, ସମୂହ** ପ୍ରଭୃତି ସମୂହବାଚକ ଶବ୍ଦ ଏକବଚନ ଶବ୍ଦରେ ଯୋଡ଼ିହୋଇ ବହୁବଚନକୁ ବୁଝାଇଥାଏ । ଯେମିତିକି -

ପଙ୍ଗପାଳଦଳ ବିଲୁଆପଲ
ପଛୁଆବର୍ଗ ଜନଗଣ
କବିବୃନ୍ଦ ଧନରାଶି
ଉକ୍ତସମାଜ ବିଦ୍ୱାନମଣ୍ଡଳୀ
ପର୍ବତଶ୍ରେଣୀ ଜନସମୂହ

ବସ୍ତୁବାଚକ ବିଶେଷପଦ ସଂଖ୍ୟା ବୁଝାଉ ନଥିବାରୁ ତାହାର ବହୁବଚନ ହୋଇନଥାଏ । ଯେମିତିକି-

ସୁନା ଚାଉଳ ପଥର ବାଲି
ରୁପା ତେଲ ଜଳ ମାଟି
ଲୁହା ତମ୍ବା ଗୋଡ଼ି କାଠ

ତେବେ ଏହାକୁ ବସ୍ତୁବାଚକ ବିଶେଷ୍ୟ ସଂଖ୍ୟାସୂଚକ ହେଲେ ତାହାର ବହୁବଚନ ହେବାରେ ଅସୁବିଧା ହୋଇ ନ ଥାଏ । ଯେମିତିକି-

ଦୁଇଭରି ସୁନା ଶଗଡ଼େ କାଠ

ଚାରିଲିଟର ତେଲ    ତିନିଟ୍ରକ୍ ଗାଡ଼ି
ଏକକିଲୋ ଲୁହା    ପାଂଝୁଡ଼ି ମାଟି
ଅଢ଼େଇକେଜି ଚାଉଳ

ଚିରନ୍ତନ ସତ୍ୟ ବା ନିତ୍ୟ ସ୍ୱଭାବ ବୁଝାଉଥିବା ଜାତିବାଚକ ବିଶେଷ୍ୟ ଏକବଚନ ହୋଇଥିଲେ ବି ବହୁବଚନ ଅର୍ଥ ପ୍ରକାଶ କରିଥାଏ । ଯେମିତିକି –

ମନୁଷ୍ୟ ମରଣଶୀଳ ।
କୁକୁର ବିଶ୍ୱସ୍ତ ଜୀବ ।
ମାଛ ପାଣିରେ ରହେ ।
ଗାଈ ଗୃହପାଳିତ ପଶୁ ।
ବିଲେଇ ଉପକାରୀ ପ୍ରାଣୀ ।

ଅନେକ ସମୟରେ ଆମେ ଅଜ୍ଞାନତାବଶତଃ ଗୋଟିଏ ପଦକୁ ବହୁବଚନ କରିବାପାଇଁ ଦୁଇଟି ବହୁବଚନ ସୂଚକ ଶବ୍ଦ ବ୍ୟବହାର କରିଥାଉ । ଏହା ଭୁଲ୍ । ଯେମିତିକି–

କ) ଅନେକ ଶ୍ରମିକ ମାନେ ।
ଏହାର ଠିକ୍ ପ୍ରୟୋଗ ହେଉଛି– ଅନେକ ଶ୍ରମିକ
ଖ) ବହୁତ ପୋଷାକ ଗୁଡ଼ିକ ।
ଏହାର ଠିକ୍ ପ୍ରୟୋଗ – ବହୁତ ପୋଷାକ / ପୋଷାକ ଗୁଡ଼ିକ ।
ଗ) ଅଧିକାଂଶ କୃଷକ ମାନଙ୍କର ।
ଏହାର ଠିକ୍ ପ୍ରୟୋଗ – ଅଧିକାଂଶ କୃଷକଙ୍କ ॥
ଘ) ସମସ୍ତ ବନ୍ଧୁବର୍ଗ ।
ଏହାର ଠିକ୍ ପ୍ରୟୋଗ – ସମସ୍ତ ବନ୍ଧୁ ।
ଙ) ବହୁଜନ ଗଣ ।
ଏହାର ଠିକ୍ ପ୍ରୟୋଗ – ଜନଗଣ ।

**ପ୍ରଥମ ପୁରୁଷ ଏକବଚନ –**

ମୁଁ, ମୋତେ, ମୋ' ଦ୍ୱାରା, ମୋ'ଠାରୁ, ମୋ'ର, ମୋ'ଠାରେ ।

**ପ୍ରଥମ ପୁରୁଷ ବହୁବଚନ –**

ଆମେ, ଆମେମାନେ, ଆମକୁ, ଆମମାନଙ୍କୁ, ଆମ ଦ୍ୱାରା, ଆମମାନଙ୍କଦ୍ୱାରା, ଆମଠାରୁ, ଆମମାନଙ୍କଠାରୁ, ଆମମାନଙ୍କର, ଆମଠାରେ, ଆମମାନଙ୍କଠାରେ ।

**ଦ୍ୱିତୀୟ ପୁରୁଷ ଏକବଚନ –**

ତୁ, ତୁମେ, ଆପଣ, ତୋତେ, ତୁମକୁ, ଆପଣଙ୍କୁ, ତୋ'ଦ୍ୱାରା, ତୁମଦ୍ୱାରା, ଆପଣଙ୍କଦ୍ୱାରା, ତୋ'ଠାରୁ, ତୁମଠାରୁ, ଆପଣଙ୍କଠାରୁ, ତୋ'ର, ତୁମର, ଆପଣଙ୍କର, ତୋ'ଠାରେ, ଆପଣଙ୍କଠାରେ ।

**ଦ୍ୱିତୀୟ ପୁରୁଷ ବହୁବଚନ –**

ତୁମେମାନେ, ଆପଣମାନେ, ତୁମମାନଙ୍କୁ, ଆପଣମାନଙ୍କୁ, ତୁମମାନଙ୍କଦ୍ୱାରା, ଆପଣମାନଙ୍କଦ୍ୱାରା, ତୁମମାନଙ୍କଠାରୁ, ଆପଣମାନଙ୍କଠାରୁ, ତୁମମାନଙ୍କର, ଆପଣମାନଙ୍କର, ତୁମମାନଙ୍କଠାରେ, ଆପଣମାନଙ୍କଠାରେ ।

**ତୃତୀୟ ପୁରୁଷ ଏକବଚନ –**

ସେ, ତାହା, ଏ, ଏହା, ତାକୁ, ଯାକୁ, ଯାଙ୍କୁ, ତଦ୍ୱାରା, ତାଙ୍କଦ୍ୱାରା, ଏହାଦ୍ୱାରା, ଏହାଙ୍କଦ୍ୱାରା, ତା'ଠାରୁ, ତାଙ୍କଠାରୁ, ଏହାଠାରୁ, ଏହାଙ୍କଠାରୁ, ତା'ର, ତାଙ୍କର, ଯାର, ଯାଙ୍କର, ଯାଙ୍କଠାରେ ତା'ଠାରେ, ତାଙ୍କଠାରେ, ଯା'ଠାରେ ।

**ତୃତୀୟ ପୁରୁଷ ବହୁବଚନ –**

ସେମାନେ, ଏମାନେ, ଏଗୁଡ଼ିକ, ସେଗୁଡ଼ିକ, ସେଗୁଡ଼ିକୁ, ଏମାନଙ୍କୁ, ସେମାନଙ୍କୁ, ଏମାନଙ୍କଠାରେ, ଏଗୁଡ଼ିକୁ, ସେମାନଙ୍କ ଦ୍ୱାରା, ସେଗୁଡ଼ିକ ଦ୍ୱାରା, ଏମାନଙ୍କ ଦ୍ୱାରା, ଏଗୁଡ଼ିକ ଦ୍ୱାରା ।

ଶ୍ରେଣୀ, ବର୍ଗ, ଦଳ, ପଲ, ଗଣ, ମାଳା, ରାଜି, ରାଶି, ମଣ୍ଡଳୀ, ସମାଜ, ସମୂହ ଆଦି ଲଗାଯାଇ ଏକବଚନକୁ ବହୁବଚନ


କରାଯାଇଥାଏ ।

ପର୍ବତଶ୍ରେଣୀ, ପକ୍ଷୀଆବର୍ଗ, ପଙ୍ଗପାଳଦଳ, ଗୋରୁପଲ, ଜନଗଣ, ମେଘମାଳା, ବନରାଜି, ଧନରାଶି, ଶକ୍ଷକମଣ୍ଡଳୀ, କବିସମାଜ, ଜନସମୂହ ।

ବାକ୍ୟର କ୍ରିୟା ଭାଗରେ କ୍ରିୟା ପଦ ସହିତ ବାଚ୍ୟ, କାଳ, ଭାଗ, ପୁରୁଷ ଓ ବଚନ ଯୁକ୍ତ ହୋଇଥାନ୍ତି । ସର୍ବନାମର ପ୍ରତ୍ୟେକ ପୁରୁଷର ଏକବଚନ ଓ ବହୁବଚନ ରୂପ ଅଛି । ବିଭିନ୍ନ ଭାଷାର ବ୍ୟବହାର ବିଧି ଅନୁସାରେ ଏକବଚନ, ଦ୍ୱିବଚନ ଓ ବହୁବଚନ ଭେଦରେ ବଚନର ପ୍ରୟୋଗ ହୋଇଥାଏ । ଓଡ଼ିଆରେ ବିଶେଷ୍ୟର ବ୍ୟାକରଣିକ ଅଂଶଗୁଡ଼ିକ ହେଉଛି- ପୁରୁଷ, ବଚନ ଓ କାରକ । ଏଗୁଡ଼ିକ ପ୍ରତ୍ୟେକ ପ୍ରତ୍ୟୟ ରୂପରେ ବିଶେଷ୍ୟ ପଦ ସହିତ ଯୁକ୍ତ । ଓଡ଼ିଆରେ ବଚନ ଦୁଇପ୍ରକାରର ଏହା ଛଡ଼ା ଓଡ଼ିଆରେ ଦ୍ୱିବଚନର ବ୍ୟବହାର ନଥିଲେ ମଧ୍ୟ କେତେକ ଦୁଇଅଙ୍କ ବିଶିଷ୍ଟ ଶବ୍ଦର ବ୍ୟବହାର ରହିଛି ଯେମିତିକି- ଦୁହେଁ, ହଳେ, ବେନି, ଯୋଡ଼ା, ଉଭୟ ଓ ଦ୍ୱୟ ଇତ୍ୟାଦି । **ବଚନ** ବିଷୟରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରଥମ ଖଣ୍ଡ ପୃଷ୍ଠା ୫୨୯୩ ରେ କୁହାଯାଇଛି ଯେ, "କଥା, ମୁଖୋଚ୍ଚାରିତ ବାକ୍ୟ ଏବଂ ସଂସ୍କୃତ ବ୍ୟାକରଣରେ ତିନୋଟି ବଚନ ଅଛି, ଯଥା- ଏକବଚନ, ଦ୍ୱିବଚନ ଓ ବହୁବଚନ। କିନ୍ତୁ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ଦୁଇଟି- ଏକବଚନ ଓ ବହୁବଚନ ।"

■■■

ଓଲ୍‌ଡ ଟାଉନ୍ , ଭୁବନେଶ୍ୱର




## କବୀ କ୍ଷଣପ୍ରଭା ମହାନ୍ତିଙ୍କ କବିତା ସଂକଳନ "ବାପା"

# ଭାଷା, ସାହିତ୍ୟ ଓ ସଂସ୍କୃତି ର ବିକାଶ ଦିଗରେ
# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବିଭିନ୍ନ ପ୍ରଗତିମୂଳକ ପଦକ୍ଷେପ

ଇ-ପତ୍ରିକା
ଦଶମ ସଂଖ୍ୟା, ୧ ଅପ୍ରେଲ ୨୦୨୩

# ଗଦ୍ୟ ବିଭାଗ



## ଆଲୋଚନା



# କବିସୂର୍ଯ୍ୟ ବିରଚିତ: କିଶୋର ଚନ୍ଦ୍ରାନନ୍ଦ ଚମ୍ପୁରେ ଲଳିତା

**କବି ପ୍ରଭାକର**

ସତ୍ୟକଥା କହି ଯା ତା ଭିତରେ କଳି ଲଗେଇ ଶେଷକୁ ଭଗବାନଙ୍କୁ ଅବତାର ପାଇଁ ଟାଣିବାରେ ନାରଦଙ୍କ ଭୂମିକା ଯେପରି ; ମିଛସତ ଯୋଡ଼ି ରାଧାକୃଷ୍ଣଙ୍କ ମଧ୍ୟରେ ପ୍ରେମସଂପର୍କ ଓ ମିଳନ କରାଇବାରେ ଲଳିତାଙ୍କ ଭୂମିକା ଅବିକଳ ସେମିତି । ସୁନାକୁ ବାରମ୍ବାର ନିଆଁରେ ପୋଡ଼ି ସୁନାରୀ ଯେପରି ଜାଜ୍ଜ୍ୱଲ୍ୟମାନ କରାଏ, ପ୍ରେମରେ ବାରମ୍ବାର ଛଳ ବିଚ୍ଛେଦ ଓ ବିରହର ସ୍ପର୍ଶ କରାଇ ଲଳିତା ରାଧାକୃଷ୍ଣଙ୍କର ପ୍ରେମକୁ ନିବିଡ଼ ଓ ଚରମ ସ୍ଥାନରେ ପହଞ୍ଚାଇଛି । ଲଳିତା ଚରିତ୍ରଟିଏ ନଥିଲେ ଏ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଆଗକୁ ବଢିଥାନ୍ତା ବା କେମିତି ?

କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ପ୍ରତ୍ୟେକ ଗୀତ ସ୍ୱତନ୍ତ୍ର ଆଲୋଚନାର ସ୍ଥାନ ବହନ କରେ । ଯା' ପୂର୍ବରୁ ଚ ଚମ୍ପୂ ମୋ ଦ୍ୱାରା ବିସ୍ତୃତ ଭାବାର୍ଥ କରାଯିବା ପର୍ଯ୍ୟନ୍ତ ଚମ୍ପୂରେ କୋଉ ଗୀତ କାହା ମୁଖରେ କୁହାଯାଇଛି ଏବଂ ଗୀତଗୁଡ଼ିକର ଭାବାର୍ଥ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ ଥିଲି । ପ୍ରକାଶ ଥାଉ କି ମୁଁ ଭାବାର୍ଥ ନିମିତ୍ତ ପୂର୍ବରୁ ଭାବାର୍ଥ କରିଥିବା କୌଣସି ବ୍ୟକ୍ତିବିଶେଷ ବା ପୁସ୍ତକର ସହାୟତା ନ ନେଇ ସ୍ୱକୀୟ ଧୀମତାରେ ଅର୍ଥପାଇଁ ଚେଷ୍ଟା କରିଛି । ମୁଁ ଭାବୁଛି କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଗୀତଗୁଡ଼ିକର ଧାରାବାହିକତା ଓ ଗତିଶୀଳତା ସଂପର୍କରେ ଗୋଟିଏ ଦୁଇଟି ବାକ୍ୟରେ ସୂଚନା ଅବଗତ କରାଇବି ; ଯାହାଦ୍ୱାରା ସାହିତ୍ୟପ୍ରେମୀ ବନ୍ଧୁମାନେ ଲଳିତାର ଭୂମିକା ସଂପର୍କରେ ଅବଗତ ହୋଇପାରିବେ । ହଁ କହିରଖେ, ଆପଣମାନଙ୍କ ଆନନ୍ଦ ପାଇଁ କଥୋପକଥନକୁ ଓଡ଼ିଆ ଗ୍ରାମୀଣ ଭାଷାରେ ଉପସ୍ଥାପନ କରିଛି । ଏମିତିରେ ଗୋପ ଗଉଡ଼ ଗଉଡୁଣୀ କୋଉ ସଂସ୍କୃତରେ କଥା ହେଉଥିବେ କି !

**'କ' ଚମ୍ପୂ - ରାଧା**

କି ହେଲା ରେ, କହିତ ନୁହଇ ଭାରତୀରେ
କାଲି ଯା ଦୂରରୁ ଦେଖି/ସଖୀ,
କଳନା କଲା ମୋ ଆଖି
କଳା ଇନ୍ଦୀବର ଆରତିରେ ।।

ରାଧା - (ଲଳିତାକୁ) ଆଲୋ ଲଳିତା.. କଣ କହିବି .. କାଲି ଯାହା ଦେଖିଲି କହିବାକୁ ମୋର ଭାଷା ନାହିଁ । କି ମୋହନମୂରତି ..କି କୋଟି ଚନ୍ଦ୍ରର ଶୋଭା । ଦେଖିବା ବେଳୁ ଆଉ ଭୋକ ଶୋଷ ଲାଗୁନି .. କଣ କରିବି ?

**'ଖ' ଚମ୍ପୂ - ଲଳିତା**

ଖର୍ବ ହୋଇ ସୁରତରୁକୁସୁମ ବାଞ୍ଛିଲୁ ରେ,
ଖେଦବୀଜ ନିଜ ହୃଦ କେଦାରେ ବିଞ୍ଛିଲୁରେ ।।

ଲଳିତା - (ରାଧାଙ୍କୁ).. ଆଲୋ ତୁ ଏ ଦୁର୍ବୁଦ୍ଧି କାହିଁକି କଲୁ ? ତତେ ୟେ ଖରାପ ବୁଦ୍ଧି ଦେଲା କିଏ ? ସେ ନନ୍ଦରାଜା ପୁଅ.. ତୁ ଚନ୍ଦ୍ରଶେଖରର ସ୍ତ୍ରୀ .. ବାମନ ହେଇକି ସ୍ଵର୍ଗ ପରିଜାତ ପାଇବାକୁ ଚାହିଁଲୁ ? ତୋ କୁକର୍ମର ଫଳ ତୁ ପାଇବୁ .. ଜାଣି ଜାଣି ଦୁଃଖ ମଞ୍ଜି ହୃଦ କିଆରୀରେ ବୁଣିଲୁ । ତୁ ଭୋଗିବୁ .. କାର କଣ ଯାଇଚି।

**'ଗ' ଚମ୍ପୂ - ରାଧା**
ଗଲାଣି ତ ଗଲା କଥା, ରେ ସଙ୍ଗାତ
ଗୁପତେ ସିନା ମୁଁ ତୋତେ ପଚାରିଲି ବଳି ପଡିବାରୁ ବ୍ୟଥା ॥
ଗଙ୍ଗାରୁ ବିଷଦ ଗଭୀର ତୋ ହୃଦ ଗଣ୍ଡିଧନ ତୋର ସ୍ନେହ
ଗୋଡ଼ ଖସି ଖେଦ ହେବାର ଦରଦ ଯିବାର ଉପାୟ କହ ॥

ରାଧା - (ଲଳିତାକୁ) ହଉ ଛାଡ଼ ଛାଡ଼.. ଗଲା କଥା ତ ଗଲାଣି । ତୁ ବିଶ୍ୱାସୀ ବୋଲି ସିନା ତୋତେ କହିଦେଲି । କିନ୍ତୁ ଗୋଟେ କଥା ମତେ କହ ଯେ ପ୍ରେମରେ ଗୋଡ଼ ଖସିକି ଯଦି ହୃଦୟ ଦରଜ ହୁଏ କଣ ଉପାୟ ଅଛି କି ?

**'ଘ' ଚମ୍ପୂ - ଲଳିତା**
ଘୋଳାରେ ପଛେ ମରୁ ଆଜୁ ତୋ ହୁକୁମରୁ
ନିକୁଞ୍ଜୀ ଦଉଡ଼କୁ ରହିଲୁ ରେ
ଘାଣ୍ଟି ହେଉଛୁ ମାତ୍ର ଆନୀଳଶତପତ୍ର
-ନେତ୍ରା ଯା ଆତ୍ମବଶ ନୋହିଲୁରେ ॥

ଲଳିତା - (ରାଧାଙ୍କୁ).. ଆଲୋ କାହିଁକି ଏମିତି ପ୍ରେମ ପ୍ରେମ ହଉଚୁ .. ଯେତେ ବୁଝେଇଲେ ବୁଝୁନୁ । ତୋ ଯୋଗୁ ମୁଁ ଅଯଥାରେ ଘାଣ୍ଟିହେବି ଜଣା ପଡ଼ିଲାଣି । ହଉ କହିଲୁଣି ଯେତେବେଳେ ନ ମାନିକି ମୋର ଗତି ଅଛି ? ଯାଉଚି ସେ ନଟକୁଟିଆ ପାଖକୁ ।

**-ଲଳିତା କୃଷ୍ଣ ଥିବା କଦମ୍ବ ବନକୁ ଯାଇଛି ।**

'ଙ' ଚମ୍ପୂ - ଲଳିତା
ନୃଆନଟପଟଳୀମୁକୁଟ ହେ ନାହିଁ କି ଶ୍ରୀଅଙ୍ଗ ସୁଖ
ନିପଟ ନିସ୍ତେଜ ଦିଶୁଛି ତ ଆଜ ନିରଳସ ଚନ୍ଦ୍ରମୁଖ ॥

ଲଳିତା - ( କୃଷ୍ଣଙ୍କୁ) ହୟେ ନଟନାଗର .. ତୁମ ମୁହଁ କିଆଁ ଶୁଖିଯାଇଚି ? ହସ ହସ ମୁହଁଟା କିଆଁ ନିସ୍ତେଜିଆ ଦିଶୁଚି । ତମର କଣ ହେଇଚି କି ?

**'ଚ' ଚମ୍ପୂ - କୃଷ୍ଣ**
ଚୁମ୍ବି ରବିନନ୍ଦନାର ନୀର,
ଚନ୍ଦ୍ରିକାଚୟ ତୁଷାର ସାର,
ଚାରୁ ମାରୁତରୁ-ତରୁ, ତଳ ଶୀତଳ ହେତୁରୁ,
ଚିନାଏ ତ ଖେଦ ନାହିଁ ମୋରରେ ॥

କୃଷ୍ଣ - (ଲଳିତାଙ୍କୁ) କାଇଁ ..କିଛି ନାଇଁ ତ .. ମୁଁ ଯମୁନାର ଥଣ୍ଡାପାଣି ପିଇ ..କଦମ୍ବ ଛାଇରେ ଶୋଇକି ତ ମୋ ସାଙ୍ଗମାନଙ୍କୁ ଦେଖୁଚି.. ମୋର ଦୁଃଖ କାହିଁକି ହବ.. ମୁହଁ କାହିଁକି ଶୁଖିବ ?

**'ଛ' ଚମ୍ପୂ - ଲଳିତା**
ଛଳବାହିନୀଶ ହେ,
ଛାଡ଼ ଏ ସାହସ ହେ ॥
ଛବି ତ ଆବିଳ ଦିଶେ, ଛପିବାରେ ଅଛି କି ସେ ॥

ଲଳିତା- (କୃଷ୍ଣଙ୍କୁ) ଖାଲି ସିନା ଫୁଟାଣି ମାରିକି କହୁଚ କିଛି ହେଇନି .. ଲୁଚେଇଲେ କଣ ଲୁଚିବ ? ଯିଏ ଦେଖିଲେ ଜାଣିଦବ ଯେ ତମ ମୁହଁ ଶୁକୁଟା ଦିଶୁଚି ।

**'ଜ' ଚମ୍ପୂ - କୃଷ୍ଣ**
ଜାଣିଛି ମୁଁ ଏତେ ମାତ୍ର ଗୋ ଲଳିତେ
ଯାହା ଇଚ୍ଛା ତୋର ତାହା କର,
ଜ୍ୱଳନରୁ ବଳି ସେହି ଦିନୁ କେଳି
କରେ ବିଭାବରୀନାହାକର ॥
ଜହରକୁ ଗୋଳି ଦେଲା ପରି ଗିଳି,
ମୋହର ଦେହର ପୀଡ଼ା ଗଲା ବଳି,
ଜୀବନାଶା ଟଳି ଯାଉଅଛି କଳି
ପାରୁ ନାହିଁ ମୁଁ ମୋ ହୃଦନ୍ତର ॥

କୃଷ୍ଣ - (ଲଳିତାଙ୍କୁ) ହଁ ମୁଁ ଜାଣିଚି .. କିନ୍ତୁ କଣ କରିବି । କାମଦଶା ହେତୁ ମତେ ଚନ୍ଦ୍ରକିରଣ ବି ନିଆଁ ପରି ଜାଳିଦଉଚି । ବିଷ ଖାଇଲା ପରି କଷ୍ଟ ଲାଗୁଚି । ଲାଗୁଚି ମୁଁ ଯେମିତି ଆଉ ବଂଚିବିନି ।

'ଝ' ଚମ୍ପୂ - ଲଳିତା
ଝଳି ପାଞ୍ଚାଳୀ ଝଟକେ ନାହିଁ କି? ଝୋଲା ମାଇଲା ତୁମ୍ଭଙ୍କୁ କାହିଁକି ॥

ଲଳିତା - (କୃଷ୍ଣଙ୍କୁ) ଯେ.. ତୁମେ ଏମିତି ହତାଶ ହେଇଯାଉଛ କାହିଁକି ? ସୁନା ନିଆଁରେ ପୋଡ଼ିଲେ ପୋଡ଼ିଯାଏ ନାହିଁ..ବରଂ ଉଜ୍ଜଳ ହୁଏ ।

**'ଞ' ଚମ୍ପୂ - କୃଷ୍ଣ**
ନୋହିଲେ ତ ପରିତ୍ରାଣ, ନିର୍ଦ୍ଦୟ ନତନୁ ବାଣ,
ନିଃଶେଷ କଲାଟି ଦେହ ଲାହା ॥
ନୀପକୁଞ୍ଜ ଉପକଣ୍ଠେ, ନ୍ୟସ୍ତ କରାଅ ମୋ କଣ୍ଠେ,
ନାଗରୀନ୍ଦ୍ର ନିରୁପମ ବାହା ॥

କୃଷ୍ଣ - (ଲଳିତାଂକୁ) ଆଗୋ ସୁନ୍ଦରୀ.. ମୋର ଗୋଟେ କଥା ରଖିବୁ ? ସେ ରାଧାକୁ ଟିକେ ଏଇ ନୀପକୁଞ୍ଜକୁ ମୋ ପାଖକୁ ଡାକିପାରିବୁ । ନ ହେଲେ କନ୍ଦର୍ପ ଦଶାରେ ମୁ ମରିବାଟା ନିଶ୍ଚିତ ।

**'ଟ' ଚମ୍ପୂ - ଲଳିତା**

ଟାଣପଣ କର ସାର ହେ ମୋହନ,
ଟାଣପଣ କର ସାର,
ଟିକାଏ ମଦନ କଦନକୁ ସହି ସଦନକୁ ବିଜେ କର ॥
ଟେକାଟେକି ମୋତେ କରି ନାନାମତେ
ତୁମ୍ଭ କାମନା ପୁରିବ,
ଟାଣଖୁଣ୍ଟା ଗୁରୁଜନ ଗଞ୍ଜନାରୁ
ମୋ ପ୍ରାଣସଖି ସରିବ ହେ ॥

ଲଳିତା - (କୃଷ୍ଣଙ୍କୁ) ହଁ.. ତମେ ଭାବିଚ ମତେ ଏମିତି ଟେକାଟେକି କରିଦେଲେ ମୁଁ ତାକୁ ଡାକିଆଣିବି । ତୁମ କାମ ସରିଗଲେ ମତେ ଆଉ କିଏ ପଚାରେ ? ସମସ୍ତେ ଜାଣିଲେ ମୁଁ ତ ଯାହା ମରିବି ମରିବି ମୋ ସଖି ରାଧା ସମସ୍ତଙ୍କଠୁ ନିନ୍ଦା ପାଇକି ମରିବ । ରାଧା ତ  ଆସିବାକୁ ବିଲକୁଲ ରାଜି ହବନି ।

**'ଠ' ଚମ୍ପୂ - କୃଷ୍ଣ**

ଠଉରାଇ ଅବସର, କଲେ ତୁ ପ୍ରସଙ୍ଗ ମୋର,
ଯିବ ରାଜୀବନେତ୍ରାକୁ ରୁଚିତରେ ।
ଠାରିଦେଲେ ନେତ୍ରାଞ୍ଚଳେ, ବିଜନ ସ୍ଥଳେ ସେ ବଳେ,
ବିରାଜିବ କ୍ଷଣରୁଚି ଉଚିତରେ ।

କୃଷ୍ଣ - (ଲଳିତାଂକୁ) ନାଇଁ ମ.. ତୁ ଠିକ ବେଳକାଳ ସୁଯୋଗ ଦେଖି ତାଂକୁ କହିବୁ ନା । ମୋ କଥା ଟିକେ ବାଗେଇକି କହିଲେ ସେ ଆସିବାକୁ ରାଜି ହେଇଯିବ ।

**'ଡ' ଚମ୍ପୂ - ଲଳିତା**

ଡକା ଦେବା ଦିନେ ଅରିଷ୍ଟେ ଉଡାନେ
ଦେଖିଛୁ ଶକଟ ଦଶା,
ଡାକିମଧ୍ୟମାକୁ ଡାକି ଆଣିବାକୁ ଏଠାକୁ
କାହା ଭରସା ।
ଡାକି ତ ଜାଣି ମୋହନ ବଂଶୀରବେ
ବିହର ସୁଖେ ଏ ବନେ,
ଡୁଇଁ ହେବୁ ସିନା ଆମ୍ଭେ ଫଳ ବିନା
ନ ପଡୁ ତା ଆମ୍ଭ କାନେ ।

ଲଳିତା - (କୃଷ୍ଣଙ୍କୁ) ଆଲୋ ବୋପାମା.. ମତେ ସେ କଥା କହନି । ମୁଁ ପାରିବିନି । ତମକୁ କଣ ପରସ୍ତ୍ରୀ ହରଣ କରିବାକୁ ଡର ମାଡୁନି ? ତମେ ତ ବନ୍ଧା ହବ ..ମୁଁ ବି ମରିବି । ମୁଁ ତମକୁ ଠିକ ଚିହ୍ନିଚି ; ଭାରୀ ଦୁର୍ଦ୍ଦାନ୍ତ । ପିଲାଦିନେ ଶକଟାସୁରକୁ ମାରିଦେଇଥିଲ । କୋଉ ଭରସାରେ ମୋ ସଖୀକୁ ତମ ପାଖକୁ ଆଣିବି ? କାଲେ କଣ ହବ । ତମେ ପାରୁଚ ଯଦି ବଂଶୀ ବଜେଇ ନିଜେ ଡାକ । ମତେ ପଛେ ପ୍ରାଇଜ ନ ମିଳିଲେ ନାଇଁ ।

**'ଢ' ଚମ୍ପୂ - କୃଷ୍ଣ**
ଢକ୍କା ବାଜୁଥାଇ ବ୍ରଜେ, ଲଳିତାର ହୃଦମ୍ବୁଜେ,
କରୁଣା ଅଛି ବୋଲି ଯା ନେଲା କେ ତା ହରି କିରେ ।
ଢୁକାଇ ଦେଲେ ତୃଷିତ, ଚକୋର ଚଞ୍ଚୁରେ ଶୀତ-
ଭାନୁଚନ୍ଦ୍ରିକାକୁ ବିଷ୍ଣ ଯାଏ କିଛି ସରିକିରେ ।

କୃଷ୍ଣ - (ଲଳିତାଂକୁ) ସମସ୍ତେ କହନ୍ତି ଲଳିତା ଭାରୀ ଦୟାଳୁ ଝିଅଟିଏ । ଆଜି ଦେଖୁଚି ତୋଠି ଦୟା ବୋଲି ଟୋପାଏ ନାହିଁ । ତୃଷାର୍ତ୍ତ ଚକୋରକୁ ଚନ୍ଦ୍ର ସହିତ ମିଳାଇଦେଲେ ତୋର କଣ ସରିଯାଉଚି । ମୋ ଅନୁରୋଧ ରଖ ।

**'ଣ' ଚମ୍ପୂ - ଲଳିତା**
ଅଳି ତୃମ୍ଭର ନିବିଡ଼, ଅସହିଷ୍ଣୁ ସେ ଯେ ବଡ଼,
ଅବଶ୍ୟ ତ ଛାମୁରେ ମୁଁ ନିବେଦନ କଲିଟି ।
ଆରକତ କଲେ ମୁଖ, ଅଖଣ୍ଡ ସୁଧାମୟୂଖ,
ଆବୁର ସରିବି ମୋର ଜୀଇଲେ ହେଁ ମଲିଟି ।

ଲଳିତା - (କୃଷ୍ଣଙ୍କୁ) ତମେ ଯେମିତି ବିକଳ ହଉଚ.. ମୁଁ ସମ୍ଭାଳି ପାରୁନି । ହଉ ଯାଉଚି .. ତାକୁ ତମକଥା କହିବି । ସେ ଯଦି ଶୁଣିକି ରାଗିଲା ନା.. ମୁଁ ମଲି ।

**ଏହାପରେ ଲଳିତା କୃଷ୍ଣଂକ ବାର୍ତ୍ତା ନେଇ ରାଧାଙ୍କ ପାଖରେ ପହଞ୍ଚିଛି ।**

**'ତ' ଚମ୍ପୂ - ଲଳିତା**
ତୋ ଘେନି ତମାଳଶ୍ୟାମ ମୋ ମରଜି କଷିଲା ରେ,
ତଥାପି ତ ତିଳେ ହେଲେ ତୋ ସ୍ନେହେ ନ ରସିଲାରେ ।

ଲଳିତା - (ରାଧାଙ୍କୁ) ବୁଝିଲୁ .. ତୋ ଯୋଗୁ ମୁଁ ବହୁତ କଥା କଥା ଶୁଣିଲିଣି । ତୋ କଥା ତାକୁ କହିଲି ଯେ ସେ ବେରସିକ ଟିକିଏ ବି ରସିଲାନି । ପାଟିରେ କୁଟା କାମୁଡ଼ିକି ଅନୁନୟ ବିନୟ କଲି । ଶୁଣିଲାନି । ତାର ତ ଜମାରୁ ତୋ ପ୍ରତି ଆଗ୍ରହ ନାଇଁ ।

**'ଥ' ଚମ୍ପୂ - ରାଧା**
ଥାପିରେ କହ ତଥାପିରେ ପ୍ରିୟସଖି,
ଥିବି କି ଛାଡ଼ିବି ପ୍ରାଣ ।ପଦ।
ଥିଲା ପରି ସ୍ନେହ, ଲାଗିଲା କି କହ,
ଅଛିଟି ତୋତେ ମୋ ରାଣ ।
ରାଧା - (ଲଳିତାକୁ) ସଖୀ.. ମୁଁ ବଞ୍ଚିବି ନା ମରିବି ଠିକକରିକି କହ । ସତରେ କଣ ମୋ ପ୍ରତି ତାଙ୍କର ଟିକିଏ ବି ସ୍ନେହ ନାଇଁ ? ଥରେ ଯେମିତି ହଉ ମୋ ଦେହ ମନ ଦେଇ କାମଦଶାରୁ ବଞ୍ଚିବି । କପଟ ନ କରି ସତ କହ । ନ ହେଲେ ମୁଁ ମରିଯିବି ।

**'ଦ' ଚମ୍ପୂ - ଲଳିତା**
ରେ ଦୁଃଖୀଧନ

ଦମ୍ଭ ଦେଖିବାକୁ ସିନା କଲି ଛନ
ଦୁଃଖମୟ ନ କର ସରସ ମନ ।
ଦୂରୁ ମୁଁ ଯିବାର ଜାଣି ହରି
ଦରିଦ୍ର ନିଧି ଲଭିଲା ପରି
ଦ୍ୱିଗୁଣ ଆଦରେ ପ୍ରମୋଦନଦରେ
ମଜ୍ଜି ଘେନିଗଲେ କରଧରି ।

ଲଳିତା - (ରାଧାଙ୍କୁ) ଆଲୋ ନାଇଁ ମ..ମୁଁ ଟିକିଏ ତୋତେ ପରୀକ୍ଷା କରୁଥିଲି ନା ତୋ ଦମ୍ଭ କେତେ ! କିଆଁ ବ୍ୟସ୍ତ ହଉଚୁ ? ମତେ ଦେଖିକି ସେ ନଟନାଗର ଯୋଉ ଆନନ୍ଦ ଯୋଉ ଖୁସି । ତୋ କଥା ଶୁଣିବାକୁ ପରା ମୋ ହାତଧରି ଟାଣି ଟାଣି ନେଇଗଲେ । ଜାଣିଚୁ .. ତୋତେ ଝୁରି ଝୁରି ସେ ନୀଳହାତୀ ଦ୍ୱିତୀୟା ଜହ୍ନ ପରି କଣ୍ଟା ହେଇଗଲେଣି ।

**'ଧ' ଚମ୍ପୂ - ରାଧା**
ଧୀରାରେ କି ଧନ ତୁ ନ ଦେଲୁ ଆଜ,
ଧଇଲେ କି ସତେ କର ଯୁବରାଜ ।

ରାଧା - (ଲଳିତାଙ୍କୁ) ଆଃ .. ଆଜି ମତେ ସବୁ ସମ୍ପତ୍ତି ମିଳିଗଲା ପରି ଲାଗୁଚି ଲୋ ସଖୀ । ସତରେ ସେ ମୋ କଥା ଶୁଣିବାକୁ ତୋ ହାତ ଧରିଲେ ? ମୁଁ ଆଉ ଧୈର୍ଯ୍ୟ ଧରିପାରୁନି ଲୋ !

**'ନ' ଚମ୍ପୂ - ଲଳିତା**
ନବବିଳାସିନୀ ରେ, ନକ୍ଷତ୍ରେଶ-ହାସିନୀ ।
ନିବେଦନ କରୁଛି, କରକଞ୍ଜ ଧରୁଛି,
ହେଲେ ହେଉ ଅରୁଚି ନିଦ୍ରାହାରେ,
ନରନାଥ ଶ୍ରୀହରି- ଚନ୍ଦନ ବନ୍ଦେ ଗୋରି,
ନ ରସ ନୀଳବାହା ମୁଦ୍ରାହାରେ ।

ଲଳିତା - (ରାଧାଙ୍କୁ) ଅବଶ୍ୟ ସିଏ ତୋତେ ନାହିଁ କରିନି..କିନ୍ତୁ ମୁଁ ତୋତେ ଯିବାକୁ ନାହିଁ କରୁଚି । ଭାବୁଚି ତୋ ଭଳିଆ ତାର ଏମିତି କେତେ ଥିବେ । ଅଯଥାରେ ନିନ୍ଦା ପାଇବୁ । ସେ ଟିକେ ନିଷ୍ଠୁର ପରି ଜଣାଯାଉଚି । ଆଠବର୍ଷର ପିଲାବେଳେ ଯିଏ ଗୋବର୍ଦ୍ଧନ ପର୍ବତକୁ ଯିଏ ନଖରେ ରାମ୍ପଡ଼ିକି ହାତରେ ଧରିଥିଲା ତା ହାତକୁ ତୋ ଉରଜ କଣ ଅଣ୍ଟିବ?

**'ପ' ଚମ୍ପୂ - ରାଧା**
ପ୍ରିୟସହି, ପରମାଦ ବଡ଼ ତୁହି ଗୋ,
ପାରୁ କେତେ ଛନ୍ଦେ ମୋହି ଗୋ ।
ପରମପଦରେ ଦେଇ ଜାଣୁ ତୁ ରସାଇ,
ପୁଣି ତହୁଁ ଜାଣୁ ତଳାତଳକୁ ଖସାଇ,
ପାସୋରାଇ ମନୁ ନାନା କଦନ ଲସାଇ,
ପୀଡୁ ଅଶ୍ରୁ ବରଷାଇ ଗୋ ।

ରାଧା - (ଲଳିତାକୁ ରାଗିକି) ତୁ ଗୋଟେ ପରମ ବଦମାସ ଟୋକୀ । ତୋ କଥାବାର୍ତ୍ତା ଠିକନାଇଁ । କେତେବେଳେ ଟେକିଦଉଚୁ.. କେତେବେଳେ ପକେଇଦଉଚୁ । କେତେବେଳେ କୁତୁକୁତୁ କରିପକାଉଚୁ ତ କେତେବେଳେ କନ୍ଦେଇ ଦଉଚୁ । ମୁଁ ଜାଣିଚି ପରପୁରୁଷ ସହ ସଂପର୍କ ଭଲ ନୁହଁ । କିନ୍ତୁ ପ୍ରାଣ ସାଙ୍ଗେ ଦେହ ପରର ବଶ ହେଲେ ପ୍ରାଣୀ କଣ କରିବ ? ଥରେ ଭେଟକରେଇ ଅଧର ପାନ କରେଇ ଦେ । ତା ପରେ ପୁତନା ବଧ କାହାଣୀ ଶୁଣା ପଛେ ।

'ଫ' ଚମ୍ପୂ - ଲଳିତା
ଫୁରୁଣା ହୋଇ ତୁ ରସ,
ଫେରି ଆସି ମାତ୍ର ଆମ୍ଭ ଆଗେ ନେତ୍ରକୁଞ୍ଜୁ ନୀର ନ ବରଷରେ ।

ଲଳିତା - (ରାଧାଙ୍କୁ) ମୋର ତ କପାଳ ଫଟା.. ଭଲ କାମ କଲେ ବି ପ୍ରଶଂସା ନାଇଁ । ସେପାଖେ ସେ ଗାଳି ଦଉଚି.. ଏପାଖେ ତୁ .. ହଉ .. ମୋର ଭାଗ୍ୟରେ ଏସବୁ ଶୁଣିବାକୁ ଲେଖା ଅଛି । ହଉ ଯିବୁ ଯଦି ଯା.. କିନ୍ତୁ ଫେରିଆସିକି ମୋ ଆଗରେ ନାକ ସୁଁ ସୁଁ କରି କାନ୍ଦିବୁ ଯଦି ପଚାରିବି ତତେ ।

'ବ' ଚମ୍ପୂ - ରାଧା
ବିଚକ୍ଷଣା ରେ, ବିନା ତୋ ପ୍ରୀତି କେ ଗତି ଅଛି ଜଗତୀରେ ।
ବୋଲି ଦେଲି ସିନା ଗେଲେ ହସି
ବିଶ୍ୱେ ତୋ ସମ କାହିଁ ବିଶ୍ୱାସୀ
ବାନ୍ଧିବାକୁ ମୋ ମନ ତୁ ପାଶି
ବିଶେଷରେ ମୋ ହୃଦନ୍ତର ତୋତେ ଜଣା ରେ।

ରାଧା - (ଲଳିତାକୁ) ଆଲୋ ସଖୀ.. ରାଗିଲୁ କି.. ମୋ ସୁନାଟା ପରା । ତୋତେ ସିନା ଏମିତି ଗେଲରେ କହିଦେଲି । ତୋଠୁ ଏ ସଂସାରେ କିଏ ଆଉ ଏତେ ବିଶ୍‌ବାସୀ ଅଛି କହିଲୁ ? ମୋ ହୃଦୟ କଥା ତୋତେ କହିବିନି ତ ଆଉ କାହାକୁ କହିବି କହିଲୁ ।

■■■

ଭୁବନେଶ୍ୱର



# କ୍ଷୀର ଉତୁରିଲେ...

**ଛନ୍ଦା ମିଶ୍ର**



ଆଲେଖ୍ୟ ଟି ଆରମ୍ଭ କରୁଛି ଏଇ କିଛିଦିନ ତଳେ ଘଟିଥିବା ଏକ ଘଟଣା ରୁ। ମା ଟିଏ  ତିନୋଟି କୋମଳମତି ଶିଶୁ ଙ୍କୁ ଛାଡି, ନିଜ ଯୁବ ପ୍ରେମିକ ସହିତ ବିବାହ କରିବା ପାଇଁ ଅଡି ବସିଲା। ମାଆ ଟି ର ଅସଭ୍ୟ ଆଚରଣ ଓ ଉଚ୍ଚାରଣ ପାଇଁ, ତା ନିଜ ଜୀବନ ନଷ୍ଟ ହେବା ସହ ଦୁଇଟି ପରିବାର ଓ ସମଗ୍ର ବାତାବରଣ ହୋଇ ଉଠିଲା କଳୁଷିତ। କିଛି ମନ୍ଦ ବୁଦ୍ଧିଙ୍କୁ ତାହା ଏତେ କୌତୂହଳୀ କଲା ଯେ, ସେମାନେ ଘଟଣା କୁ ନେଇ ଗୀତ ଲେଖିଲେ, ତାକୁ ନେଇ ଛୋଟ ଛୋଟ ଭିଡିଓ ତିଆରି ହେଲା, ଯାହା ସାମାଜିକ ଗଣ ମାଧ୍ୟମ ରେ କେତେଦିନ ପାଇଁ କେତେକ ଙ୍କୁ ସମୟ ନଷ୍ଟ କରିବା କୁ ବାଧ୍ୟ କଲା। ଘୋର ଲୋକଲଜ୍ଜା ଓ ଅପମାନ କୁ ସହି ଥିବା ଉପରୋକ୍ତ ଦୁଇଟି ପରିବାର ଲୋକେ ବର୍ତ୍ତମାନ କେଉଁ ମାନସିକ ଅବସ୍ଥା ଦେଇ ଗତି କରୁଛନ୍ତି, ସେ ବିଷୟ ରେ ଅଧିକ ବଖାଣିବା ନିଷପ୍ରୟୋଜନ।

ଆଉ ଗୋଟିଏ କଥା ଦେଖିବା। ଭୁବନେଶ୍ବର ରାଜରାସ୍ତା ରେ ନିତିଦିନ ପୁରୁଷ ମଦୁଆ ରାସ୍ତା ରେ ଗଡୁ ଥାଆନ୍ତି, ମାତ୍ର ଝିଅ ଟିଏ ମାତାଲ ହେଲେ ତାହା ଯେଉଁ ହଇଚଇ ସୃଷ୍ଟି କରେ ସେ ବିଷୟରେ ଆଉ ବେଶି କିଛି ବୁଝାଇ କହିବା ଆବଶ୍ୟକ କି!

କୁହାଯାଏ, ପୁରୁଷ ଟିଏ ଶିକ୍ଷିତ ହେଲେ, ଜଣେ ବ୍ୟକ୍ତି ଶିକ୍ଷିତ ହୁଏ, ମାତ୍ର ମହିଳା ଟିଏ ଶିକ୍ଷିତ ହେଲେ, ସମ୍ପୂର୍ଣ୍ଣ ପରିବାର ହୁଏ ଶିକ୍ଷିତ। ଏହାର ବିପରୀତ ଟି ମଧ୍ଯ ନିରାଟ ସତ୍ୟ। ନାରୀ ଟିଏ ଅଶିକ୍ଷିତ ହେଲେ ସମଗ୍ର ପରିବାର ହୋଇଉଠେ ଅଶାନ୍ତ, ଅଶିକ୍ଷିତାନାରୀ ବିଶୃଙ୍ଖଳିତ ହେଲେ ଘର ନାମକ ଅନୁଷ୍ଠାନ ଟି ଭାଙ୍ଗି ରୁଜି ଯାଏ। ନାରୀ ଓ ପୁରୁଷ ସମାନ୍ କହି ଆମେ ଯେତେ ଚିତ୍କାର କଲେ ବି ବାସ୍ତବତା ହେଉଛି ଯେ ନାରୀ ଓ ପୁରୁଷ ଙ୍କୁ ସ୍ବୟମ ସ୍ରୁଷ୍ଟି ମଧ୍ଯ ସମାନ୍ କରି ଗଢି ନାହିଁ। ଜଣକ ଶରୀର ଓ ମନ କୁ ଅତ୍ୟନ୍ତ କୋମଳ କରି ଥିଲା ବେଳେ ଅପର ଟିକୁ କରିଛି କଠୋର। କୋମଳତା, ସୃଷ୍ଟି କରେ ଓ କଠୋରତା ତାକୁ ଦିଏ ସୁରକ୍ଷା। ମୁଦ୍ରା ର ଦୁଇଟି ପାର୍ଶ୍ଵ ପରି ଉଭୟ ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସମୃଦ୍ଧ ସମାଜ ଗଠନରେ। ବିଶେଷ କରି ପରିବାର କୁ ଆବଶ୍ୟକୀୟ ସମ୍ବଳ ଓ ସୁରକ୍ଷା, ପୁରୁଷ ପ୍ରଦାନ କରୁ ଥିଲା ବେଳେ ନାରୀ ପରିବାର ଜନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଥାଏ ଉତ୍ତରଦାୟୀ।ଉଭୟ ସ୍ବତନ୍ତ୍ର ଓ ଅନନ୍ୟ।
ସାଧାରଣ ଭାବେ ଆମେ ଯଦି କାଉ ଓ କୋଇଲି ଙ୍କୁ ତୁଳନା କରିବା ତେବେ ତାହା ସ୍ବୟଂ ସ୍ରଷ୍ଟା ଙ୍କ ନିକଟରେ ହେବ ଗୋଟିଏ ଅକ୍ଷମଣୀୟ ଅପରାଧ। ସେ ଉଭୟ ଙ୍କୁ କଳା ରଙ୍ଗ ଦେଇଥିଲେ ବି ଜଣ କୁ ପରିବେଶ ପରିଷ୍କାର କରିବାର ଦାୟିତ୍ୱ ଓ ଅପର କୁ ମଧୁର କୁହୁ ତାନ୍ ରେ ପରିବେଶ କୁ ମୁଖରିତ କରିବାର ସୁଯୋଗ ପ୍ରଦାନ କରିଛନ୍ତି। କେହି ବଡ଼ ନୁହେଁ, କେହି ନୁହେଁ ଛୋଟ। ଉଭୟ, ଉଭୟ ଙ୍କ ସ୍ଥାନ ରେ ଅଦ୍ବିତୀୟ ।

ତେବେ, ଆଜିର ଅତ୍ୟାଧୁନିକ ନାରୀ, ପୁରୁଷ ସହ ସମକକ୍ଷ ହେବା କୁ ଯାଇ ଅନେକ ସମୟରେ ନକାରାତ୍ମକ ଦିଗ ଗୁଡିକୁ ଆପଣେଇ ନେବାକୁ ହେଉଛି ଆଗଭର। ଏବଂ ପାଶ୍ଚାତ୍ୟ ର ଅଂଧ ଅନୁକରଣ ଏଥିରେ ତାକୁ କରୁଛି ଅକୁଣ୍ଠ ସହଯୋଗ। ସ୍ବଳ୍ପ ପୋଷାକ ପିନ୍ଧିବା, ମାଦକ ଦ୍ରବ୍ଯ ସେବନ କରିବା, ଅଶ୍ଳୀଳ ଶବ୍ଦ ଉଚ୍ଚାରଣ କରିବା ଆଦି କୁ ଅଳ୍ପ କିଛି ବର୍ଷ ପୂର୍ବେ, ସାଧାରଣ ଝିଅ ଟିଏ ଗ୍ରହଣ କରିବାକୁ   ସଙ୍କୋଚ କରୁଥିଲା । କିନ୍ତୁ ଆଜି ତାହାକୁ ଆଧୁନିକତା ର ପ୍ରଥମ ପାହାଚ ବୋଲି ସେ ଭାବି ନେଇଚି।

ପୁରୁଖା ଲୋକେ କହି ଯାଇଛନ୍ତି ନାରୀ ନାଶ ଯାଏ ହାଟ ରେ। କିନ୍ତୁ ଆଜି ପୁରୁଷ ଙ୍କ ଚଡି ଠାରୁ ଆରମ୍ଭ କରି ଦାଢି ପର୍ଯ୍ୟନ୍ତ ସବୁଥିରେ ନଗ୍ନ ନାରୀ ଦେହ ର ବିପଣି ଲୋକ ଙ୍କୁ  କରୁଛି ଆକୃଷ୍ଟ। କାଳେ କାଳେ ନାରୀ ର ଶରୀର ଓ ନାରୀ ର

ସୌନ୍ଦର୍ଯ୍ୟ ପୁରୁଷ କୁ ପ୍ରଲୁବ୍ଧ କରି ଆସିଛି। ନିଆଁ ରେ ଘିଅ ଢାଳିଲା ପରି ଏହି ନାରୀ ଶରୀର ର ବିଜ୍ଞାପନ ସମାଜ ରେ ବଢୁଥିବା ଦୁଷ୍କର୍ମ କୁ ପ୍ରତ୍ୟକ୍ଷ ଭାବେ ଉତ୍ସାହିତ କରୁଛି । ତା ସାଙ୍ଗ କୁ ଖୁବ୍ ଚତୁରତା ର ସହିତ ମଦ ପିଇବା କୁ ଏପରି ପ୍ରୋତ୍ସାହନ ଦିଆ ଯାଉଚି ଯେ, ସାଧରଣ ମସ୍ତିସ୍କ ଟିଏ ତାର ଟେର ପାଉନାହିଁ। ଆଗେ ଯେଉଁଠି ଆମେ ଗୁରୁଜନଙ୍କ ସମ୍ମୁଖ ରେ ଚାହା ପିଇବା କୁ ସଙ୍କୋଚ କରୁଥିଲୁ, ଏବେ ବାପା ମା ଙ୍କ ସହିତ ଗୋଟିଏ ଟେବୁଲ ରେ ବସି ପିଲାଏ ମଦ ପିଇବାକୁ ଆଭିଜାତ୍ୟ ମନେ କରୁଛନ୍ତି। ଦିନ ଦିପହରରେ ଝିଅ ଛୁଆ ମାନେ ଦୋକାନ ରୁ ମଦ କିଣୁ ଛନ୍ତି। ରାସ୍ତା ଘାଟ ରେ ସିଗାରେଟ୍ ଟାଣି ବୁଲୁଛନ୍ତି। ଏପରି ବିଶୃଙ୍ଖଳିତ ଜୀବନ, ତାଙ୍କୁ ଟାଣି ନେଉଛି ବିପର୍ଯ୍ୟୟ କୁ। ତାଙ୍କ ସହିତ ତାଙ୍କ ପରିବାର ଓ ତାଙ୍କ ସନ୍ତାନ ମାନେ ହେଉଛନ୍ତି କ୍ଷତିଗ୍ରସ୍ତ।ଯେଉଁଥିପାଇଁ ଆଜି ନାରୀ ହତ୍ୟା, ନାରୀ ଧର୍ଷଣ ର ଖବର ଗୁଡିକ ଆମ ଦେଶରେ ବଢି ଚାଲିଛି। ଏବଂ ଆଶ୍ଚର୍ଯ୍ୟ ର କଥା ଯେ, ଏହି ଖବର ଗୁଡିକ ଆମକୁ ବିଚଳିତ କରିବା ପରିବର୍ତେ ହୋଇ ଯାଇଚି ଦେହ ସୁହା।

ଅନେକ୍ ସମୟରେ ଆଜିକାଲି ର ପିଲାଏ କହିବା ଶୁଣା ଯାଉଛି ଯେ, ପୁଅ ମାନେ କଲେ ଯଦି ଦୋଷ ନାହିଁ ତେବେ ଝିଅ କଲେ ଅସୁବିଧା କେଉଁଠି? ସେ ଅପରିପକ୍ୱ ମସ୍ତିସ୍କ ମାନଙ୍କୁ କିଏ ବୁଝାଇବ ଯେ, ପୁରୁଷ ଅବାଟ କୁ ଗଲେ ତାକୁ ନାରୀ ଟିଏ ବାଟ କୁ ଆଣିପାରିବ, ମାତ୍ର ନାରୀ ଅବାଟ କୁ ଗଲେ, ଫେରିବା ଅସମ୍ଭବ ହୋଇପଡେ। ପୁଣି ନାରୀ ହାତରେ ସମାଜ ସଂସ୍କାର ର ଯେଉଁ ଗୁରୁଦାୟିତ୍ୱ ଟି ନ୍ୟସ୍ତ, ସେଥିରେ ବି ବାଧା ସୃଷ୍ଟି ହୁଏ। ନାରୀ ନିଜର ସହଜାତ ପ୍ରବୃତ୍ତି ଭାବେ ଯେଉଁ ଶାଳିନତା, ସହନଶୀଳତା, ଧୈର୍ଯ୍ୟ, ଆଦର ପଣିଆ ର ଉପହାର ଗୁଡ଼ିକୁ ଈଶ୍ୱର ଙ୍କ ଠାରୁ ପାଇଚି, ତାହାରି ଉପଯୋଗ ରେ ସେ ଗୋଟିଏ ଶୃଙ୍ଖଳିତ ସମାଜ ଗଢିବାର ସାମର୍ଥ୍ୟ ବହନ କରେ।

ନାରୀ ନିର୍ଯ୍ୟାତନା ର କଥା ଉଠିଲେ, ଆମ ଦୃଷ୍ଟି ରେ ପୁରୁଷ, ଦୋଷୀ ପାଲଟି ଯାଏ ।ହେଲେ ଅଧିକାଂଶ କ୍ଷେତ୍ରରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନାରୀ ଟିଏ ହିଁ ନାରୀ ର ଶତ୍ରୁ ସାଜି ଥାଏ। ବଧୂ ନିର୍ଯାତନା ହେଉ ଅବା ହେଉ ପରକୀୟା ପ୍ରୀତି, ବେଶ୍ୟାଳୟ ହେଉ ବା କାର୍ଯ୍ୟାଳୟ, ପ୍ରାୟ ସ୍ଥାନ ରେ ନାରୀ, ନାରୀ କୁ ଅସହିଷ୍ଣୁ ହୋଇ ହିଂସ୍ର ହେବାର ଆଶଙ୍କା ରହିଥିଲା, ଏବେ ବି ରହିଛି। ଯଦିଓ ହାତ ଗଣତି କେତେକ ସ୍ଥାନରେ ସଉତୁଣୀ ବି ଭଉଣୀ ସାଜି ବାର ବ୍ୟତିକ୍ରମ ଦେଖାଯାଇଛି। ତେଣୁ ଆମକୁ ମନେ ରଖିବାକୁ ହେବ ଯେ, ପ୍ରତି ଟି ନାରୀ ସୀତା ନୁହଁନ୍ତି ବା ପ୍ରତ୍ୟେକ ପୁରୁଷ ନୁହଁନ୍ତି ରାବଣ, ଉଣା ଅଧିକେ ଦୋଷ ଓ ଗୁଣ ସମ୍ବଳିତ ସାଧାରଣ ମଣିଷ ସମସ୍ତେ।

ଆଜି ପ୍ରତ୍ୟେକ, ନାରୀ ସ୍ୱାଧୀନତାର କଥା କହୁଛନ୍ତି। ମାତ୍ର ସ୍ୱାଧୀନତା ର ମୁଖା ପିନ୍ଧି ସ୍ୱେଚ୍ଛାଚାରିତା ହେଉଛି ଚଳ ପ୍ରଚଳ। ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା ଭିତରେ ଥିବା ଅଦୃଶ୍ୟ ଲକ୍ଷ୍ମଣ ରେଖା ଟି ସହଜ ରେ ଖାଲି ଆଖି କୁ ଦିଶେନା। ସ୍ୱେଚ୍ଛାଚାରୀ କହେ, ମୋର ଯାହା ଇଚ୍ଛା ମୁଁ ତାହା କରିବି। ସ୍ୱେଚ୍ଛାଚାରିତା ସହିତ ବିଶୃଙ୍ଖଳା ହାତ ମିଳାଇ ଥାଏ। ଅପରପକ୍ଷେ କିନ୍ତୁ ସ୍ୱାଧୀନତା କହେ, ଯାହା କରିବା ଉଚିତ ମୁଁ ତାହା କରିବି, ସେ ଅଧିକାର ରୁ କେହି ମତେ ବଞ୍ଚିତ କରି ପାରିବ ନାହିଁ। ସ୍ୱାଧୀନତା ସହିତ ଥାଏ କର୍ତ୍ତବ୍ୟ ବୋଧ, ଯାହା ସଭ୍ଯ ସମାଜ ରେ ମଣିଷ କୁ ମୁଣ୍ଡ ଟେକି ବାଟ ଚାଲିବାର ଶକ୍ତି ଦିଏ। କ୍ଷୀର ଭଳି ମହାନୀୟ ଚିଜ, ଗରମ ହେଲେ ସର ବସେ, ସର ରୁ ଲହୁଣୀ ଓ ଲହୁଣୀ ମନ୍ଥିଲେ ଘିଅ ବାହାରେ। ମାତ୍ର କ୍ଷୀର ଉତୁରିଲେ ଚୁଲି କୁ ଯାଏ ବୋଲି, ଯେତେ ଶୀଘ୍ର ହେଜିବା ସେତେ ମଙ୍ଗଳ। ତେଣୁ ନାରୀ ଆଗକୁ ବଢୁ, ମାତ୍ର ନିଜ ଅନନ୍ୟ ନାରୀ ପଣିଆ କୁ ବଜାୟ ରଖୁ।

■■■

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

# ଆମରି ସ୍ୱାସ୍ଥ୍ୟ ଆମ ହାତରେ

**ଡା.ଘନଶ୍ୟାମ ଜୈନ**



ଏହି ସଂସାରରେ ଦୁଇ ପ୍ରକାର ଲୋକ ଅଛନ୍ତି। ପ୍ରଥମଟି ହେଲେ,ସାଂସାରିକ ଭୌତିକ ବସ୍ତୁବାଦୀ ଭୋଗି ବ୍ୟକ୍ତି,ଏବଂ ଦ୍ୱିତୀୟଟି ହେଲେ, ସଂସାର ତ୍ୟାଗୀ ସାଧନାରତ ଯୋଗୀ ବ୍ୟକ୍ତି। ଏହି ଦୁଇ ପ୍ରକାର ବ୍ୟକ୍ତିତ୍ୱ ମଧ୍ୟରେ ଗୋଟିଏ ସାମଞ୍ଜସ୍ୟ ସାଧାରଣତଃ ଦେଖିବାକୁ ମିଳେ। ସେଇଟା ହେଲା, ଦୁହେଁ ଏକ ସୁଖମୟ ଏବଂ ଆନନ୍ଦମୟ ଜୀବନର ଅନ୍ୱେଷଣରେ ନିଜ ନିଜ ପ୍ରଚେଷ୍ଟାରେ ସାଧନାରତ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଏହା ଆମେ କିପରି ପାଇ ପାରିବା।

ଆମେ ସମସ୍ତେ ଜାଣୁ ଯେ ଏକ ସୁଖମୟ ଏବଂ ଆନନ୍ଦମୟ ଜୀବନ ଏକ ସୁସ୍ଥ ଶରୀର ମାଧ୍ୟମରେ ହିଁ ପ୍ରାପ୍ତ କରାଯାଇପାରେ। ଶାରୀରିକ କିମ୍ବା ମାନସିକ ଅସୁସ୍ଥତା ଥିଲେ କୌଣସି ପ୍ରକାର ସାଧନା ଯେ ସଫଳ ହେଇ ପାରେ ନା, ତାହା ନିଃସନ୍ଦେହରେ କୁହାଯାଇପାରେ । ସେଇଥିପାଇଁ ଆମ ମୁନିଋଷିମାନେ କହିଗଲେ,'ଶରୀରଂ ଆଦ୍ୟଂ,ଖଲୁ ଜୀବନଂ'। ହିନ୍ଦୀ ସାହିତ୍ୟରେ ମଧ୍ୟ ମହାନ ବିଚାରକମାନେ ଯେଉଁ ସାତ ପ୍ରକାର ସୁଖର ପରିକଳ୍ପନା କରିଯାଇଛନ୍ତି, ସେଥିରେ ପ୍ରଥମ ସୁଖ 'ପହଲା ସୁଖ,ନିରୋଗୀ କାୟା' ବୋଲି ସେମାନେ ମତ ଦେଇଛନ୍ତି । ହେଲେ ଆସନ୍ତୁ, ଆମେ ବର୍ତ୍ତମାନ ବିଚାର କରିବା, କେମିତି ଏକ ସୁସ୍ଥ ଶରୀର ପାଇ ପାରିବା।

ଯେତେ ପ୍ରକାର ରୋଗ ଆମ ଶାରୀରରେ ଦେଖା ଦେଇଥାଏ । ତା ଭିତରୁ ପ୍ରାୟ 85% ମନୋକାୟିକ ବା (PSCHYCOSOMATIC) ବୋଲି ଆଜିକାଲି ଆମ ବୈଜ୍ଞାନିକମାନେ ଗବେଷଣା ପୂର୍ବକ ପ୍ରମାଣ କରି ସାରିଲେଣି । ତା'ମାନେ ଶରୀରରେ ଦେଖାଦେଉଥିବା ପ୍ରାୟ 85% ରୋଗ ମାନସ ପଟଳରେ ଉପୁଜୁଥିବା ମାନସିକ ଚିନ୍ତା( Stress) ରୁ ଆରମ୍ଭ ହେଇଥାଏ। ଯଥା- ଉଚ୍ଚ ରକ୍ତଚାପ, ମଧୁମେହ, Obesity, ପେପଟିକ ଅଲସର, ଗଣ୍ଠିବାତ, ଅନୀଦ୍ରା, ହୃଦଘାତ, ପକ୍ଷାଘାତ, ମହିଳାମାନଙ୍କ କ୍ଷେତ୍ରରେ ପି. ସି. ଓ. ଡି. (PCOD) ଇତ୍ୟାଦି ଇତ୍ୟାଦି।

ସେମାନେ ମଧ୍ୟ କହନ୍ତି ଯେ, ଏହି ସବୁ ରୋଗ ପାଇଁ ଆମ ଭୁଲ ଜୀବନଶୈଳୀ ଦାୟୀ । ଜୀବନରେ ସଂଯମତାର ଅଭାବ ଏହାର ମୂଳ କାରଣ(lack of discipline)। ସେ ଖାଇବା ପିଇବା କ୍ଷେତ୍ରରେ ହେଉ, ବିଶ୍ରାମ ନେବା କ୍ଷେତ୍ରରେ ହେଉ, କର୍ମ କ୍ଷେତ୍ରରେ ହେଉ କିମ୍ବା ଦୈନନ୍ଦିନ ଆମ ବ୍ୟବହାର କ୍ଷେତ୍ରରେ ହେଉ,ଯଥା- ମିଥ୍ୟାଚାର, ରାଗ, ଦ୍ୱେଷ, କାମ, କ୍ରୋଧ, ଅହଂକାର, ଇର୍ଷା, ଅଯଥା ଯୁକ୍ତିତର୍କ, ଅନାବଶ୍ୟକ ତୁଳନା କରିବା ଏବଂ ଆଲୋଚନା କରିବା, ଅସନ୍ତୋଷ ଓ ଉଦାସୀନ ମନୋଭାବ, ସହନଶୀଳତା ଏବଂ ଧୈର୍ଯ୍ୟର ଅଭାବ, ଅତ୍ୟଧିକ ବାକଚାତୁରୀର ପ୍ରଦର୍ଶନ ଇତ୍ୟାଦି ଇତ୍ୟାଦି । ଅଳସୁଆ ହେବା, ଠିକ ସମୟରେ କାର୍ଯ୍ୟ ସମ୍ପାଦନ ନ କରିବା, ଭବିଷ୍ୟତ ଏବଂ ଅତୀତକୁ ନେଇ ଅତ୍ୟଧିକ ଚିନ୍ତିତ ହେବା, ପୂର୍ବାଗ୍ରହରେ ଗ୍ରସିତ ହେଇ ନିର୍ଣ୍ଣୟ ନେବା ଇତ୍ୟାଦି ଇତ୍ୟାଦି ।

ଏହି ପ୍ରକାର ବ୍ୟବହାର ଆମ ବିଚାରଧାରା ଉପରେ ନିର୍ଭର କରେ ଏବଂ ଆମ ବିଚାରଧାରା ଆମ ପାରିବାରିକ, ସାମାଜିକ, ଏବଂ ଶିକ୍ଷାଗତ ସଂସ୍କୃତି ଉପରେ ନିର୍ଭର କରେ । ଏହି ପ୍ରକାର ନକାରାତ୍ମକ ବିଚାରଧାରା ଦ୍ୱାରା ଆମେ ଅନେକ ସମୟରେ ମାନସିକ ଚିନ୍ତାର ଶିକାର ହେଇଥାଉଁ,ଯାହାକି ପରବର୍ତ୍ତୀ ଅବସ୍ଥାରେ ଆମ ଶରୀର ଉପରେ ତା'ର କୁପ୍ରଭାବ ପଡେ ଏବଂ ରୋଗ ରୂପରେ ପରିପ୍ରକାଶ ହୋଇଥାଏ।

ତେଣୁ ଏକ ସୁସ୍ଥ ଜୀବନଶୈଳୀ (Healthy life style) ର ମୂଳ ଆଧାର ହେଲା ଏକ ସୁସ୍ଥ ସକାରାତ୍ମକ ବିଚାରଧାରା ଏବଂ ସଂଯମିତ ଜୀବନଶୈଳୀ । (positive thinking & disciplined life) ।

## ମାନସିକ ଚିନ୍ତା କିପରି ଶାରୀରିକ ରୋଗରେ ପରିବର୍ତ୍ତିତ ହୋଇଥାଏ ?

ମଣିଷ ଏବଂ ପଶୁମାନଙ୍କ ମସ୍ତିଷ୍କ ଗଠନରେ ଏକ ମୂଳ ତଫାତ ହେଲା, ଆମ ମାନଙ୍କ ପାଖରେ ତିନୋଟି ମସ୍ତିଷ୍କ ଥିବାବେଳେ  ପଶୁମାନଙ୍କ ଠାରେ କେବଳ ଦୁଇଟି ମସ୍ତିସ୍କ ଥାଏ । ଡାକ୍ତରୀ ଭାଷାରେ ତାକୁ ଫୋରବ୍ରେନ(Forebrain), ମିଡବ୍ରେନ(Midbrain) ଏବଂ ହାଇଣ୍ଡବ୍ରେନ(Hind brain) ବୋଲି କହନ୍ତି । ଏହି ଫୋରବ୍ରେନ ଟି ବାସ୍ତବରେ ଆମକୁ ପଶୁମାନଙ୍କଠାରୁ ପାର୍ଥକ୍ୟ କରି ରଖେ । କାରଣ ଆମ ସବୁ ବିଚାରଧାରା, ନିର୍ଣ୍ଣୟ କରିବା ଶକ୍ତି, ସ୍ମରଣ ଶକ୍ତି ଏବଂ ଭାବନାତ୍ମକ ପରିବର୍ତ୍ତନ ଏହି ମସ୍ତିଷ୍କରେ ହିଁ ଘଟିଥାଏ । ଏହିଠାରୁ ସମସ୍ତ ସମ୍ବାଦ ମିଡବ୍ରେନ ର ଲିଂବିକ ସିଷ୍ଟମକୁ ବିଭିନ୍ନ ସ୍ନାୟୁ ଏବଂ ରାସାୟନିକ ତତ୍ତ୍ୱ ମାଧ୍ୟମରେ ପହଞ୍ଚିଥାଏ ।

ଏହି ମିଡବ୍ରେନ ରେ ଅନେକ କଂଟ୍ରୋଲିଂ ସେଣ୍ଟର ସବୁ ରହିଛି, ଯଥା- ହିପକେମ୍ପସ,ଏମିଗ୍ଡ଼ୋଲା, ବେସାଲ ଗାଁଗଲିଆ ଇତ୍ୟାଦି ଇତ୍ୟାଦି। ତା ମଧ୍ୟରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଦୁଇଟି ଅନ୍ତଃସ୍ରାବି ଗ୍ରନ୍ଥି (Endocrine glands) ଅଛି,ଯାହାକୁ ହାଇପୋଥାଲାମସ ଏବଂ ପିଚୁଟାରୀ ଗ୍ଲାଣ୍ଡ ବୋଲି କୁହାଯାଏ ।

ଆମ ମାନସପଟରେ ଯେଉଁ ପ୍ରକାର ବିଚାରଧାରାର ଉତ୍ପତ୍ତି ହୁଏ, ସେହି ପ୍ରକାର ସମ୍ବାଦ (message) ଏହି ଗ୍ରନ୍ଥିମାନଙ୍କୁ ଯାଇଥାଏ । ସକାରାତ୍ମକ ବିଚାରଧାରା ଏବଂ ନକାରାତ୍ମକ ବିଚାରଧାରା ପାଇଁ ଏଇ ହାଇପୋଥାଲାମସ ଗ୍ରନ୍ଥିରୁ ଅଲଗା ଅଲଗା ରସାୟନର କ୍ଷରଣ ହୁଏ ଏବଂ ଏହି ରସାୟନ ସବୁ ନିୟନ୍ତ୍ରିତ କରିଥାନ୍ତି ପିଚୁଟାରି ଗ୍ରନ୍ଥିକୁ । ଯାହା ପୁଣି ଶରୀରରେ ଥିବା ଅନ୍ୟ ସମସ୍ତ ଅନ୍ତଃସ୍ରାବି ଗ୍ରନ୍ଥି ଯଥା ଥାଇରେଡ଼, ଏଡରିନାଲ, ପେନକ୍ରିୟାସ, ଗୋନାଡ୍ସ ଆଦି ଗ୍ରନ୍ଥିମାନଙ୍କୁ ନିୟନ୍ତ୍ରିତ କରିଥାଏ । ସେଇଥିପାଇଁ ଏହି ଗ୍ରନ୍ଥିକୁ 'ରିଂ ମାଷ୍ଟର ଅଫ ଅଲ ଏଣ୍ଡୋକ୍ରାଇନ ଗ୍ଲାଣ୍ଡସ' ବୋଲି କୁହାଯାଏ ।

ଏଇଥିରୁ ପ୍ରମାଣିତ ହେଉଛି ଯେ ଆମ ବିଚାରଧାରା ପରୋକ୍ଷ ରେ ଏଇ ସବୁ ଗ୍ରନ୍ଥି ମାନଙ୍କ ମାଧ୍ୟମରେ ଆମ ମନର ଭାବ ଏବଂ ଶରୀରର କାର୍ଯ୍ୟ ପ୍ରଣାଳୀକୁ ନିୟନ୍ତ୍ରିତ କରିଥାଏ । ଯାହାକି ପରବର୍ତ୍ତି ସମୟରେ ଶରୀରର ସୁସ୍ଥତା ନିର୍ଣ୍ଣୟ କରିଥାଏ। ଉଦାହରଣ ସ୍ୱରୂପ, ଆମ ମନରେ ଯେତେବେଳେ ଅତ୍ୟଧିକ କ୍ରୋଧ, ବ୍ୟସ୍ତତା, କିମ୍ବା  ଭୟ ଆସେ, ସେତେବେଳେ ଏଡରିନାଲିନ, ନର-ଏଡରିନାଲିନ, କରଟିଜ଼ଲ ପରି ରସାୟନ କ୍ଷରଣ ହୁଏ, ଯାହା ବହୁଦିନ ଧରି ଲାଗି ରହିଲେ ଉଚ୍ଚ ରକ୍ତଚାପ, ମଧୁମେହ ପରି ଘାତକ ରୋଗର କାରଣ ହେଇଥାଏ।

ଅନ୍ୟ ପକ୍ଷରେ, ଆମ ମନ ଯେତେବେଳେ ଶାନ୍ତ, ବ୍ୟବସ୍ଥିତ,ନିର୍ଭୟ ଅବସ୍ଥାରେ ଥାଏ,ସେତେବେଳେ ଆମ ମସ୍ତିଷ୍କରୁ ଶିରୋଟୋନିନ, ଅକ୍ସିଟୋସିନ, ଡୋପାମିନ, ଏଣ୍ଡୋରଫିନ ପରି ପଜିଟିଭ ରସାୟନ କ୍ଷରଣ ହେଇ ଆମକୁ ସୁଖ ଏବଂ ଆନନ୍ଦ ପ୍ରଦାନ କରିବା ସାଙ୍ଗେସାଙ୍ଗେ ରୋଗ ପ୍ରତିରୋଧକ ଶକ୍ତିର ବିକାଶ କରି ଶରୀରକୁ ବିଭିନ୍ନ ରୋଗ ଦାଉରୁ ରକ୍ଷା କରିଥାଏ।


ତେବେ ଆସନ୍ତୁ, ଆଜିଠାରୁ ଆମେ ପ୍ରତିଦିନ ଆମ ଜୀବନର ଅନ୍ତତଃ ୧% ସମୟ( ପ୍ରାୟ ୧୪ ମିନିଟ) ଧ୍ୟାନ ମାଧ୍ୟମରେ ଆତ୍ମଚିନ୍ତନ ପୂର୍ବକ ଆମ ଚିନ୍ତା ଓ ଚେତନାରୁ ଗୋଟିଏ ଗୋଟିଏ ନକାରାତ୍ମକ ବିଚାରକୁ ତ୍ୟାଗ କରିବାପାଇଁ ସଂକଳ୍ପବଦ୍ଧ ହେବା ଏବଂ ସକାରାତ୍ମକ ବିଚାରକୁ ଅଭ୍ୟାସରେ ପରିଣତ କରି ଜୀବନକୁ ସୁଖମୟ, ଶାନ୍ତିମୟ, ନିରାମୟ ଏବଂ ଆନନ୍ଦମୟ କରି ଗଢି ତୋଳିବା ।

■■■

ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ,
ଟିଟିଲାଗଡ଼



# ଅପ୍ରେଲ ମାସରେ ପ୍ରକାଶିତ ହେବାକୁ ଥିବା ପୁସ୍ତକ




କବି ତଥା ଗାଳ୍ପିକ
ଯୋଗେଶ ଚନ୍ଦ୍ର ମିଶ୍ରଙ୍କର ପ୍ରଥମ କବିତା ସଂକଳନ

## "ପ୍ରିୟ ଈଶ୍ୱର"

# ଆମେ ଏମିତି କାହିଁକି ?

**ଶଶାଙ୍କ ଶେଖର ମିଶ୍ର**



ବିବାହୋତ୍ସବ, ଜନ୍ମୋତ୍ସବ, ବିବାହବାର୍ଷିକୀ ଏପରିକି ମୃତ୍ୟୁ ପରେ ପାଳିତ ହେଉଥିବା ଶୁଦ୍ଧି କ୍ରିୟା ଆଦି ଆମ ସମାଜରେ ପାଳିତ ହେଉଥିବା ଗୋଟିଏ ଗୋଟିଏ ସାମାଜିକ ଉତ୍ସବ। ବର୍ଣ୍ଣିତ ଅଛି ନିମ୍ନ ଆଠଟି ବିଷୟ ଯଥା-ବନ୍ଧୁ, ରାଜା, ନବପରିଣିତା, ନବଜାତକ, ଦେବତା , ବ୍ରାହ୍ମଣ, ବୈଦ୍ୟ ଏବଂ ଗୁରୁ ଏମାନଙ୍କୁ ଶୂନ୍ୟ ହସ୍ତରେ ଦର୍ଶନ କରିବା ଅବିଧେୟ । ଅର୍ଥାତ୍ ଏମାନଙ୍କୁ କିଛି ଭେଟି ପ୍ରଦାନ ପୂର୍ବକ ଦର୍ଶନ କରାଯାଏ । ସାଧାରଣ ଭାବରେ ଆମେ ଅଳ୍ପ ବହୁତ ଏଇ ନିୟମକୁ ମାନି ଚାଲୁଛେ।

ମାତ୍ର, କାଳକ୍ରମେ ଏହା କର୍ତ୍ତବ୍ୟର ସୀମା ଡେଇଁ ଏକ ଦେବା ନେବା ବା ଧାର୍ ଶୁଝାଶୁଝିର ଏକ ରଙ୍ଗବୋଳା ସାମାଜିକ ଚଳଣିରେ ପରିଣତ ହୋଇ ଯାଇଛି । ଏବେ ଆସନ୍ତୁ ଦେଖିବା ଆମେ ଏଇ ଦେବା ନେବାକୁ କିଭଳି ଭାବରେ ପାଳନ କରୁଛେ । କିଏ କହେ-ଅମୁକ ମୋ ପୁଅ ବ୍ରତ ଘରକୁ ସୁନା ମୁଦି ଦେଇଥିଲା, ତାକୁ ସୁନା ମୁଦି ହିଁ ଦିଆଯିବ, ଟଙ୍କା ଦେଲେ ଚଳିବନି । ଆଉ କିଏ କହେ-ସିଏ ଏତେ ବଡ ଲୋକ ହୋଇ ମୋ ପୁଅ ବାହାଘରକୁ ମାତ୍ର ଦୁଇ ଶହ ଟଙ୍କା ଦେଇ ଭୋଜି ଖାଇ ଚାଲିଗଲା -ମୁଁ କାହିଁକି ତା କାମରେ ପାଞ୍ଚଶହ ଟଙ୍କା ଦେବି ? ଏ ମାନସିକତାର ସୀମା ନାହିଁ । ଅବଶ୍ୟ ଏ ପ୍ରକାର ମାନସିକତା କେବଳ ସମ୍ପର୍କୀୟମାନଙ୍କ ଭିତରେ ହିଁ ସୀମାବଦ୍ଧ ।

କାଳକ୍ରମେ ଏଇ ଗିଫ୍ଟ ଦିଆନିଆ ସହିତ ଯୋଡି ହୋଇଯାଇଛି ରିଟର୍ଣ୍ଣ ଗିଫ୍ଟର ବ୍ୟବସ୍ଥା। ବାହାଘର ଆଦି ସାମାଜିକ ଅନୁଷ୍ଠାନରେ ଯୋଗଦେଇଥିବା ବନ୍ଧୁବାନ୍ଧବମାନଙ୍କୁ ଆମେ ସାଧାରଣତଃ ଲୁଗାପଟା ଦେଇ ବିଦା କରିଥାଉ -ଯାହାକୁ 'ମର୍ଯ୍ୟାଦା ଲୁଗା 'ବୋଲି କୁହାଯାଏ।

ଅନେକ କ୍ଷେତ୍ରରେ ଦେଖାଯାଏ - କେହି କେହି ବନ୍ଧୁ 'ମର୍ଯ୍ୟାଦା ଲୁଗାରେ' ସନ୍ତୁଷ୍ଟ ନହୋଇ ପରୋକ୍ଷରେ ବା କେବେ କେବେ ପ୍ରତ୍ୟକ୍ଷରେ ନିଜର ଅସନ୍ତୋଷ ପ୍ରକାଶ କରିପକାନ୍ତି । କିଏ କହେ ବେଭାର ଅନୁଯାୟୀ ମର୍ଯ୍ୟାଦା ହେଲା ନାହିଁ । ଆଉ କିଏ ପାଇଥିବା ଲୁଗା ଫେରାଇ ସବୁଦିନ ପାଇଁ ସମ୍ପର୍କ ଛିନ୍ନ କରିଥାଏ । ଆଉ କିଏ ଅଭିଯୋଗ ଆଣେ - ଅମୁକ ବଡ଼ ଲୋକ ବୋଲି ତାଙ୍କୁ ସୁଟ କପଡା ଓ ସିଲ୍କ ଶାଢ଼ୀ ଦିଆଗଲା, ଅଥଚ ସେ ଛୋଟ ଚାକିରି କରିଛି ବୋଲି ତା'ଆଡକୁ ଶସ୍ତା ଧୋତି ଶାଢ଼ୀ ଫିଙ୍ଗି ଦିଆଗଲା । ଏମିତି କେତେ କ'ଣ । ଅନ୍ୟ କେହି ଚାଲାକ୍ ବନ୍ଧୁ ନିଜର ଦୁର୍ବଳ ମାନସିକତା ହେତୁ 'ମର୍ଯ୍ୟାଦା ଲୁଗା' ର ମର୍ଯ୍ୟାଦା ନବୁଝି ନିରବରେ ଅପେକ୍ଷା କରିଯାଏ - ଠିକଣା ବେଳରେ ଆଜିର କର୍ତ୍ତାକୁ ପାନେ ଦେବା ପାଇଁ । ଏ ସମସ୍ୟା ଅର୍ଥହୀନ ।

ବିଷୟ ଶେଷ ହେବା ପୂର୍ବରୁ ଏପ୍ରସଙ୍ଗରେ ଏକ ମଜେଦାର ସତ୍ୟ ଘଟଣାର ଅବତାରଣା କରାଯାଉ ।

ଆମର ଜଣେ ଦୂର ସମ୍ପର୍କୀୟ ଦେଠେଇ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ହରିନାମ ନେବା ପରିବର୍ତ୍ତେ ବିଗତ ଦଶବର୍ଷ ଧରି ମନରେ ପୋଷି ଆସିଥିବା ଏକ କ୍ଷୋଭକୁ ପ୍ରକାଶ କରି ପକାଇ ସଂସାରରୁ ବିଦାୟ ନେଇଥିଲେ। ଦେହତ୍ୟାଗ ପୂର୍ବରୁ ତାଙ୍କ ବୋହୂକୁ ପାଖକୁ ଡାକି ଥର ଥର ଗଳାରେ କହିଥିଲେ - ଦେଖ୍ ବୋହୂ - ଆର ସାହି ଅମୁକ ମଶ୍ରର ମାଇପ (ସ୍ତ୍ରୀ) ମୁଁ ବେଭାର ଦେଇ ଥିବା ସତ୍ତ୍ୱେ ବି ମୋତେ ତା 'ଶାଶୂ ଶୁଦ୍ଧଘରକୁ ଲୁଗା ଦେଇନଥିଲା । ତେଣୁ ତୁ ମୋ ଦେହ ଛୁଇଁ ଶପଥ କର - ସିଏ ଯେତେ ଟଙ୍କା ବେଭାର ଦେଲେ ବି ତୁ ମୋ ଶୁଦ୍ଧଘରକୁ ତାକୁ ଲୁଗା ଦେବୁ ନାହିଁ !! ଏତିକି କହି ସେ ସବୁ ଦିନ ପାଇଁ ନିରବି ଗଲେ...। ସତରେ ଆମେ ମଣିଷମାନେ ଏମିତି କାହିଁକି ?

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ - ୯୯୩୭୯୨୩୬୦୬

■■■



# ପରିବାର

ବିନୋଦିନୀ ଗଉଡ଼

ଘର ବାରଣ୍ଡାରେ ଏକୁଟିଆ ବସି,

ଆକାଶକୁ ଚାହିଁ ହତାସରେ ଦୀର୍ଘ ଶ୍ୱାସ ଛାଡୁଥିଲା କାଳିଆ । କିଛି ସମୟ ଆଗରୁ ତା' ସ୍ତ୍ରୀ ମାଳତୀ ପାଇଁ ଭାତ, ଡାଲି ଗ୍ରାଇଣ୍ଡ କରି ଖାଇବାକୁ ଦେଇଛି ନଳୀ ମାଧ୍ୟମରେ । ପାକସ୍ଥଳୀ କର୍କଟ ରୋଗରେ ପୀଡିତା ହୋଇ ଗତବର୍ଷରୁ ଚିକିତ୍ସା ଚାଲିଛି ମାଳତୀର । ଡାକ୍ତରଖାନା ଯେମିତି ଘର ପାଲଟି ଯାଇଛି ତା' ପାଇଁ । ଖାଦ୍ୟ ନଳୀ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇ ସାରିଛି । ସେଇ ପାଇପ୍ ସାହାଯ୍ୟରେ ଯାହା ଦାନାଟିକେ ପେଟକୁ ଯାଉଛି।

ମାଳତୀ ଦୁର୍ବଳ ହୋଇ ଗଲାଣି । ଆଉ ଉଠି ପାରୁନି ଶେଯରୁ । ସେ ହୁଏତ ଜାଣି ସାରିଲାଣି, ତା' ଶେଷ ସମୟ ପାଖେଇ ଆସିଲାଣି । କାଳିଆର ମିଛ ସାନ୍ତ୍ୱନା ଆଉ ଖୁସି ଭରି ଦେଉନି ମନରେ । ଜୁଳୁଜୁଳୁ ହୋଇ ଚାହିଁ ରହୁଛି ସମସ୍ତଙ୍କୁ । ଲୁହ ନିଗିଡ଼ି ପଡୁଛି ଆଖି କୋରଡରୁ ।

ଦୁନିଆ ରଙ୍ଗମଞ୍ଚରେ ସମସ୍ତେ ନିଜ ନିଜର ଅଭିନୟ ସାରି ଦିନେ ବାହୁଡ଼ି ଯିବାକୁ ହେବ ସେଇ ଅଫେରା ରାଇଜକୁ । ଏହା ଜୀବନର ଚିରନ୍ତନ ସତ୍ୟ, ଜାଣି ମଧ୍ୟ ଅଜଣା ହୋଇ ଯାଉଛି କାଳିଆ । ଏ ଦୁନିଆ ପାଇଁ ମାଳତୀର ଭୂମିକା ଯାହା ହେଉ ନା କାହିଁକି, ତା' ପରିବାର ପାଇଁ ସିଏ  ହେଉଛି  ଦୁନିଆ । ତା' ସୁଖଦୁଃଖର ସାଥି । ତା' ସନ୍ତାନର ଜନ୍ମଦାତ୍ରୀ ।

ବାହାଘର ପରେ ଶାଗ, ପଖାଳ ଖାଇ, ବିଲବାଡ଼ିରେ ଖଟି ପିଲାଦୁହିଁଙ୍କୁ ମଣିଷ କରିଥିଲେ ଏଇ ଦମ୍ପତି । ଆଶା ଥିଲା, ବଡ଼ ହୋଇ ସେମାନେ ରୋଜଗାର କଲେ ତାଙ୍କ ଦୁଃଖ ଦୂର ହୋଇଯିବ । ପ୍ରଭୁ ଜଗନ୍ନାଥଙ୍କ ଆଶିଷରୁ, ଦୁଇ ପୁଅ ପ୍ରାଇଭେଟ୍ କମ୍ପାନୀରେ ଚାକିରୀ କରି ଟଙ୍କା ପଠେଇବାରୁ ତାଙ୍କ ମାଆର ଚିକିତ୍ସା ହୋଇ ପାରୁଛି ଏବେ । ସ୍ୱପ୍ନଟିଏ ଥିଲା, ଦୁଇ ପୁଅଙ୍କ ବାହାଘର ସାରିଦେଲେ ସେମାନେ ବାପା ମାଆଙ୍କ କର୍ତ୍ତବ୍ୟ ପୁରା କରି ଋଣମୁକ୍ତ ହୋଇଯିବେ । କିନ୍ତୁ ଭଗବାନଙ୍କର ଏ' କି ଲୀଳା ? ଗାମୁଛାରେ ଲୁହ ପୋଛୁଥିଲା କାଳିଆ ।

'ବାପା, ଗାଡି ଆସିଗଲା ! ବୋଉକୁ ଶୀଘ୍ର ରେଡ଼ି କର !! ପୁଅର ଡାକ ଶୁଣି ଭାବନା ରାଜ୍ୟରୁ ଫେରି ଆସିଲା ସେ' । ମାଳତୀ ଗାଢ଼ ନିଦରେ ଶୋଇ ଯାଇଛି । ତାକୁ ଆସ୍ତେ କିନା ଉଠାଇଲା - 'ଲୁଗାଟା ପିନ୍ଧିପକା, ଆମେ କଟକ ଯିବା '। 'ଏତେ କଷ୍ଟ କାହିଁକି କରୁଛ.।। ମୁଁ ଆଉ କ'ଣ ବଞ୍ଚିବି ! ଏ ଗାଁ ମାଟିରେ ଟିକେ ଶାନ୍ତିରେ ମରିବି, ଆଉ କୁଆଡେ ନିଅନି ମୋତେ । ସେମିତି କହନା ଲୋ ମାଳ, ମୋ ପାଇଁ, ପିଲାମାନଙ୍କ ପାଇଁ ତୋତେ ବଞ୍ଚିବାକୁ ପଡ଼ିବ...ଶେଷ ନିଃଶ୍ୱାସ ଥିଲା ପର୍ଯ୍ୟନ୍ତ ଆଶା ରଖିଥିବି... ତୁ ଭଲ ହୋଇଯିବୁ ବୋଲି। ଆଉ ଯାହା ଠାକୁରଙ୍କ ଇଚ୍ଛା । ଲୁହର ଆବେଗରେ କଣ୍ଠରୁଦ୍ଧ ହୋଇ ଯାଉଥିଲା କାଳିଆର, ସେଇ  ଲୁହ ସଞ୍ଚରି ଯାଉଥିଲା  ମାଳତୀ ଆଉ ପୁଅର  ଆଖିପତା ଛୁଇଁ, ଝରି ଯାଉଥିଲା ଟୋପା ଟୋପା ଅଶ୍ରୁ ହୋଇ।

■■■

କ୍ୱାଟର୍ ନଂ – ଡ଼୧-୧ / ୧,ନିଉ ଗଭରନ୍‌ମେଣ୍ଟ
କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫

# ତଫାତ୍

ପ୍ରମୋଦ କୁମାର ମହାପାତ୍ର



ଅନେକ ଦିନ ପରେ ରବିବାର ଆସିଛି । ହଁ, ସୁରଜ ବାବୁଙ୍କୁ ସେମିତି ହିଁ ଲାଗେ । ଘମାସନ୍ କର୍ମମୟ ଜୀବନ। ଯାହା କୁହାଯାଏ ୨୪ ଘଣ୍ଟିଆ, ମାନେ ରାଉଣ୍ଡ ଦି କ୍ଲକ୍ ! ଅଫିସରେ ତ' ଯାହା କାମ,ଘରେ ଥିଲେ ବି କୋଉ କମ୍ ଯେ ? ବାରମ୍ବାର ଉଚ୍ଚ ଅଫିସର୍, ଗ୍ରାହକ ଏବଂ ସାଥୀ ସହକର୍ମୀମାନଙ୍କ ଗୋଟିଏ ପରେ ଗୋଟିଏ call । ଆରେ ବାବା ଘରେ ବି ଟିକିଏ ଶାନ୍ତି ନାହିଁ । କି ମୋବାଇଲ ଯୁଗ ହେଲା, ଛେ ! ବିରକ୍ତ ପ୍ରକାଶ କରନ୍ତି ସୁରଜ ବାବୁ । ତେଣୁ ରବିବାର କୁ ଅପେକ୍ଷା, ସେ ବି ଭାଗ୍ୟରେ ଥିଲେ । ଅନ୍ୟଥା, ଯଦି କିଛି ଜରୁରୀ କାମ ଆସିଲା, ସେ ଦିନ ବି ଗଲା । ସକାଳୁ ସକାଳୁ ଯୋଗ, ପ୍ରାଣାୟମ ପରେ ଗୋଟିଏ କପ୍ କାଢ଼ା, ତା'ର କିଛି ସମୟ ପରେ ଏକ କପ୍ ଚା ପିଇ ହାତରେ ଖାଲି ମୁଣା ଧରି ବାହାରି ପଡ଼ିଲେ ବଜାର । କିଛି ପନିପରିବା, ସଉଦା, ତା' ଛଡା ଘରଣୀଙ୍କ ବରାଦ, ମଟନ(ଖାସି ମାଂସ) ।

ମୁଖ୍ୟ ରାସ୍ତା ରୁ ବାଆଁ ପଟେ କେନାଲ କଡ଼ରେ କିଛି ଦୂର ଗଲେ କାଲୁ ମିଆଁ ର ଦୋକାନ । ଦୋକାନ କ'ଣ ଚାରିଟା ବାଉଁଶ ତାଟି, ଚାରିଟା ବାଉଁଶ ଖୁଣ୍ଟ ସାହାରାରେ ଘୋଡେଇ ମଝିରେ ଏକ ବଡ଼ କାଠ ଗଣ୍ଡି ଉପରେ ତା' ବେପାର। ଦୋକାନ କଡ଼ରେ ଆଉ ଗୋଟେ କାଠ ଖୁଣ୍ଟି ରେ ଧାଡ଼ି କି ଧାଡ଼ି କିଛି ଛେଳି ଏକ ଲମ୍ବା ଦଉଡିରେ ବନ୍ଧା । ବେକ କଟା, ଚମ ଉତୁରା ତିନୋଟି ପ୍ରାଣୀର ଶରୀର ତଳ ମୁହାଁ କରି ଠିକ୍ କାଠ ଗଣ୍ଡି ଉପରକୁ ଝୁଲା ହୋଇଛି । ପାଣି ମିଶା ତାଜା ରକ୍ତ ଥପ ଥପ ହୋଇ ସେ ଗୁଡିକରୁ ଝରି ପଡୁଛି । କ୍ରେତାଙ୍କର ଲୋଲୁପ ଦୃଷ୍ଟି ଏହା ଉପରେ ନିବିଷ୍ଟ । କାଲୁ ମିଆଁ ଜଣକ ପରେ ଜଣକର ବରାଦ ମୁତାବକ ମାଂସ ଖଣ୍ଡ ଆଣି ସାମ୍ନା କାଠ ଗଣ୍ଡି ଉପରେ ତା ଧାରୁଆ ଚାପଡ(ମାଂସ କଟା ଛୁରୀ) ରେ ଛୋଟ ଛୋଟ କରି ହାଣି ଚାଲିଛି । ହାଡ଼, ମାଂସ ,ରକ୍ତ ଟକୁରା ଛିଟିକି ପଡୁଛି ସାମ୍ନାରେ ଛିଡ଼ା ଲୋକଙ୍କ ଉପରେ । କିନ୍ତୁ ତା ଉପରେ କାହାରି ନିଘା ନାହିଁ । ପରିଚିତ ସୁରଜ ବାବୁଙ୍କୁ ଦେଖି କାଲୁ ମିଆଁ କହିଲା "ସାବ୍, ରୁକ୍ ଯାଇୟେ", ତାର ମାନେ ହେଲା ଏ ଗୁଡ଼ିକ ଭଲ ନୁହେଁ । ପରେ ଭଲ ଆସିବା । ସୁରଜ କିନ୍ତୁ ଠିକ୍ ଜାଣିଛି ସବୁ ଗୁଡ଼ିକ ଏକା ପ୍ରକାର । କିନ୍ତୁ ଭିଡ଼ରେ କ୍ରେତାଙ୍କୁ ବାନ୍ଧି ରଖିବା ପାଇଁ ଯେ ଏକ ଚିରା ଚରିତ ଚାଲ୍ । ଅଗତ୍ୟା ସୁରଜ ଅପେକ୍ଷା କରିବା ପାଇଁ ବାଧ୍। ହଠାତ୍ ତାର ଦୃଷ୍ଟି ପଡିଲା କାଠ ଖୁଣ୍ଟିରେ ବନ୍ଧା ଛେଳି ମାନଙ୍କ ଉପରେ। କେତେ ନିଶ୍ଚିନ୍ତ ଏମାନେ। ସାମ୍ନାରେ ମୃତ୍ୟୁ ଅଥଚ ହଲଚଲ ନାହିଁ । ପ୍ରତିବାଦ ନାହିଁ । ଦୌଡ଼ି ପଳେଇ ଯିବାର ଚେଷ୍ଟା ବି ନାହିଁ । ଚାରି ପାଞ୍ଚୋଟି ଚାହିଁଲେ ଖୁଣ୍ଟି ଉପାଡ଼ି ଦଉଡ଼ି ସହ ପଳେଇ ଯାଇ ପାରନ୍ତେ । କମ୍ ସେ କମ୍ ଚିଲ୍ଲେଇ ପାରନ୍ତେ । କିନ୍ତୁ ନିର୍ବିକାର । କ'ଣ ଏତିକି ବି ଜାଣିବାର ଶକ୍ତି ତାଙ୍କ ମୁଣ୍ଡରେ ନାହିଁ? ଥରେ ଥରେ ଲାଗେ ଏମାନେ ମହାନ୍ ଚିନ୍ତକ ବା ଯୋଗୀ ଶ୍ରେଣୀର । ଜୀବନର ନିରର୍ଥକତା ବୁଝି ପାରିଛନ୍ତି । ତେଣୁ ସାମ୍ନାରେ ମୃତ୍ୟୁ କୁ ଦେଖି ମଧ ଭୟ ନାହିଁ । ହଠାତ୍ ଚିନ୍ତା ଧାରାକୁ ବ୍ୟାଘାତ କରି ପେଁ ପେଁ ସାଇରନ୍ ମାରି ଚାଲିଗଲା ଗୋଟିଏ ଆମ୍ବୁଲାନ୍ସ । ଓଃ ! ପୁଣି ଜଣେ କୋଭିଡ ରୋଗୀ । କ'ଣ ତା ଭାଗ୍ୟରେ ଅଛି । ସୁରଜର ପୁଣି ଭାବାନ୍ତର।ଅଫିସ ଯିବା ବାଟରେ ପଡେ ମହାନଗରର ସବୁଠୁ ବଡ଼ ଶ୍ମଶାନ।ପ୍ରତିଦିନ ଅଫିସ ଗଲା ବେଳେ ଦେଖେ ବାହାର ଭିତରେ ଅସଂଖ୍ୟ ଶବ ବାହକ ଗାଡି । ତା' ସହିତ ଆସିଥିବା ଲୋକଙ୍କ ଭିଡ ଏବଂ ଶ୍ମଶାନ ଭିତରୁ ଆକାଶକୁ ଉଠୁଥିବା ଅନେକ ଜୁଇ ର ଧୂଆଁ । ସରକାର ପ୍ରଚାର କରୁଥିବା ରୋଗୀଙ୍କ ସଂଖ୍ୟା ସହିତ ସେ ନିଜେ ପ୍ରତ୍ୟକ୍ଷ୍ୟ କରୁଥିବା ମୃତ ରୋଗୀଙ୍କ ସଂଖ୍ୟା କେମିତି ଖାପ୍ ଛଡା ଲାଗେ। ଅନ୍-ଲକ ପ୍ରକ୍ରିୟା ଚାଲିଛି । ରାସ୍ତା, ବଜାର, ମଲ୍ ସବୁ ଲୋକ ସଲୁବାଲୁ । ସରକାରଙ୍କ ଶତ ତାଗିଦ୍ ସତ୍ତ୍ୱେ ମୁଷ୍ଟିମେୟ ଲୋକେ ନା ମାନୁଛନ୍ତି ସାମାଜିକ ଦୁରତ୍ୱ ନା ବ୍ୟବହାର କରୁଛନ୍ତି ମୁଖା ନା ପାଳନ କରୁଛନ୍ତି ଅନ୍ୟ କଟକଣା। ମହାମାରୀ ମାଡ଼ି ଚାଲିଛି ଅନିୟନ୍ତ୍ରିତ ବେଗରେ । ତା' ସହିତ ମୃତ୍ୟୁ ବି । ଲୋକେ ନିର୍ବିକାର, ନିଶ୍ଚିନ୍ତ ! 'ମୁଁ ତ ଆଜି ଠିକ୍ ଅଛି 'ଭାବନା ।

ତା ହେଲେ ତଫାତ କଣ ଏ ଛେଳି ଆଉ ମଣିଷ ଭିତରେ?

-"ସାର୍, ଅପକା ମାଲ୍ ରେଡି, କିତିନା ଦୁଁ? " କାଲୁ ମିଆଁ ର ଡାକରେ ଯେମିତି ସମ୍ବିତ ଫେରି ପାଉଥିଲା ସୁରଜ୍।

ଭାରତ ସଞ୍ଚାର ନିଗମ ଲିମିଟେଡ୍
ଭୁବନେଶ୍ୱର
ମୋ - ୯୪୩୭୫୭୮୩୧୧

■■■

# ଅସହାୟ ମାଳୀ

**ଗୀତା ପଟ୍ଟନାୟକ**



ସକାଳର କଅଁଳିଆ ଖରାରେ ବାଲ୍‌କୋନୀରେ ଏକ କାଠ ଚେୟାର ଉପରେ ବସିଛନ୍ତି ପଲ୍ଲବୀ ଦେବୀ । ସେବାଯତ୍ନର ଦାୟିତ୍ୱରେ ଥିବା ସେବିକାଟି ଉଷୁମ ପାଣି ଗ୍ଲାସ୍ ପିଇବାକୁ ଦେଇ ସକାଳର ଟିଫିନ୍ ପ୍ରସ୍ତୁତ କରିବାକୁ ଚାଲି ଯାଇଛି । ପଲ୍ଲବୀ ଦେବୀଙ୍କ ଘର ସାମ୍ନାରେ ଆନନ୍ଦ ବାବୁଙ୍କ ଘର । ଘର ପାଖକୁ ଲାଗି ଏକ ସୁନ୍ଦର ବଗିଚା ଅଛି ତାଙ୍କର । ଆନନ୍ଦ ବାବୁ ନୂଆ ନୂଆ ଆସି ସେ ଘରେ ରହୁଛନ୍ତି । ବଗିଚା ଟି ମଧ୍ୟ ନୂଆ ତିଆରି ହୋଇଛି ତାଙ୍କ ନିର୍ଦ୍ଦେଶରେ ମାଳୀ ହାତରେ ।

ସେ ସବୁଦିନ ବସି ଦେଖନ୍ତି ମାଳୀଟିଏ ଆସେ ସାଥିରେ କିଛି ଉର୍ବର ମାଟି ଅବା କିଛି ଖତ ଧରି । କେବେ କେବେ ପୁଣି କିଛି ସାର ଆଉ ଔଷଧ ନେଇ । ବଗିଚା ରେ କିଛି ଫଳ ଗଛ ସହ ଅନେକ ଗୁଡିଏ ଫୁଲ ଗଛ । ସବୁ ହାଇବ୍ରିଡ । ଆଜିର ଦୁନିଆଁ ରେ ଅଳ୍ପ ସମୟରେ ଅଧିକ ପାଇବାର ବ୍ୟାଧିରୁ କିଏ ବା ବାହାରି ପାରୁଛି ସତେ। ଆନନ୍ଦ ବାବୁ ବା ସେଥିରୁ ବାଦ୍ ଯିବେ କିପରି ? ବଗିଚାର ତିନି ପାଖରେ ଆମ୍ବ, ପଣସ, ବେଲ, ପିଜୁଳି, ସଜନା ଆଦି ଗଛ ରହିଛି । ମଝିରେ ଫୁଲ ବଗିଚା । କେତେକ ଗଛ ରେ ଫୁଲ ଫୁଟିଲାଣି । ଆଉ କେତେକ କଢି ଧରିଛି । ହୃଷ୍ଟପୁଷ୍ଟ ଛନ ଛନ ଦିଶୁଥିବା ଫୁଲ ଗଛ ଗୁଡିକ ଦେଖିଲେ ମନ ଖୁସି ହୋଇ ଯାଉଛି । ଆନନ୍ଦ ବାବୁ ଆସି ଅପରାହ୍ଣ ରେ ବେଳେବେଳେ ବଗିଚାରେ ବୁଲନ୍ତି । ଗଛଗୁଡିକୁ ନିରୀକ୍ଷଣ କରି ଖୁସି ହୁଅନ୍ତି । ପ୍ରତିଦିନ ବାଲକୋନୀରୁ ଥାଇ ଏସବୁ ଦେଖୁଥାନ୍ତି ପଲ୍ଲବୀ ଦେବୀ । ମାଳୀଟିର ନିଷ୍ଠାପର କାମକୁ ଦେଖି ମନେମନେ ଖୁବ୍ ପ୍ରଶଂସା କରନ୍ତି ତାକୁ।

ଦିନେ ଦେଖିଲେ ମାଳୀଟି ଖତ ବୋଝ ଆଣି ଆସୁ ଆସୁ ଝୁଣ୍ଟି ପଡିଲା ତଳେ । ତରବରରେ ଉଠି ପଡି ଝାଡି ଝୁଡି ହୋଇ ବିଛାଡି ହୋଇ ପଡିଥିବା ଖତକୁ ଯେତେ ସମ୍ଭବ ଉଠାଇ ବୋଝରେ ଭରିଲା । ତା' ପରେ ନିଜ ହାତର ଯନ୍ତ୍ରଣା କୁ ଅନୁଭବ କରି ପାପୁଲିକୁ ନିରୀକ୍ଷଣ କଲାରୁ ଦେଖିଲା ଦୁଇ ତିନି ଜାଗା ଛିଣ୍ଡିଯାଇ ରକ୍ତସ୍ରାବ ହେଉଛି। ସେହି ରକ୍ତକୁ ନିଜ ଗାମୁଛାରେ ପୋଛି ପକାଇ ଟିକେ ହାତକୁ ଫୁଙ୍କି ଦେଲା । ଖତ ବୋଝକୁ ମୁଣ୍ଡ ରେ ଧରି ଚାଲିଲା ବଗିଚା ଭିତରକୁ । ବୋଝକୁ ତଳେ ରଖି ବଗିଚାରେ ଥିବା ନଳ ପାଣିରେ ହାତକୁ ଧୋଇ ପୋଛିଦେଲା । ତା ପରେ ନିତି ଦିନିଆ ବଗିଚା କାମରେ ଲାଗି ପଡିଲା । ପଲ୍ଲବୀ ଦେବୀ ବାଲକୋନିରେ ବସି ସବୁ ଦେଖୁଥାନ୍ତି। ଭାବୁଥାନ୍ତି ବଗିଚାର ଗଛଗୁଡିକ ପ୍ରତି ମାଳୀ ମନରେ କେତେ ଯେ ଶ୍ରଦ୍ଧା ଅଛି । ସବୁଦିନ ମାଳୀଟି ବଗିଚାରେ ଆସି କାମ କରେ । କେବେ ଖତ ଦିଏ ତ କେବେ ଗଛ ମୂଳରେ ମାଟି ଦିଏ । କେବେ ପୁଣି କୀଟନାଶକ ସିଞ୍ଚନ କରେ । ଏହିପରି ନିତିଦିନ ମାଳୀ କାମରେ ଲାଗିଥାଏ । ଦିନେ କାମ କରୁଥିବା ବେଳେ ଗୋଟିଏ ବଡ ଡାଳିଆ ଫୁଲ ଅସାବଧାନତା ଯୋଗୁ ଛିଣ୍ଡି ଗଲା । ଆନନ୍ଦ ବାବୁ ତାକୁ ସେଥିପାଇଁ ବହୁତ ବିରକ୍ତ ହୋଇଥିଲେ । ସେ ଦିନର ପାଉଣାରୁ ମଧ୍ୟ କିଛି କାଟି ଦେଇଥିଲେ । ମାଳୀଟି ବିଚରା ମନ ଦୁଃଖରେ ଘରକୁ ଫେରି ଥିଲା ।

ମାଳୀଟି ନିଜ ଶ୍ରମ ଓ ଯତ୍ନରେ କରିଥିବା ବଗିଚା କୁ ଦେଖି ଖୁସି ହୁଅନ୍ତି ଆନନ୍ଦ ବାବୁ । ସେହି ବଗିଚାର ଫଳ ଫୁଲ ଖାଇ ତୃପ୍ତି ଅନୁଭବ କରନ୍ତି ତାଙ୍କ ପରିବାର ଲୋକେ । ହେଲେ ମାଳୀଟି ଭାଗ୍ୟରେ ଦିନେ ଗୋଟିଏ ଫଳ କି ଫୁଲ ଜୁଟେ ନି ।

ଦିନେ ହଠାତ୍ କଲୋନୀ ସାରା ଖବର ପ୍ରଚାରିତ ହୋଇଗଲା ଯେ ରାସ୍ତା ଦୁର୍ଘଟଣାରେ ମାଳୀଟିର ଦେହାନ୍ତ

ହୋଇଛି । ଖବର ପାଇ ଆନନ୍ଦ ବାବୁ ତୁରନ୍ତ ଧାଇଁ ଗଲେ ଘଟଣା ସ୍ଥଳକୁ । କିଛି ସମୟ ପରେ ବ୍ୟସ୍ତ ବିବ୍ରତ ହୋଇ ଫେରି ଆସି ଘରର ଚାକରାଣୀ ଦ୍ୱାରା ବଗିଚାରୁ ଗୁଡିଏ ଫୁଲ ତୋଳି ସୁନ୍ଦର ମାଳଟିଏ ଆଣି ମାଳୀର ଅନ୍ତିମ ଶଯ୍ୟାରେ ଦାନକରି ନିଜର ବଦାନ୍ୟତା ଦେଖାଇ କହିଲେ,"ତାରି ହାତ ତିଆରି ବଗିଚା ଫୁଲଟିଏ ତାକୁ ଦେଲେ ତା ଆତ୍ମା ଶାନ୍ତି ପାଇବ।" ମାଳୀର ଆତ୍ମା ଶାନ୍ତି ପାଇଲା କି ନାହିଁ ତାହା କିଏ ଜାଣେ ? ହେଲେ ପଲ୍ଲବୀ ଦେବୀ ଭାବୁଥିଲେ ଅନ୍ୟ କିଛି । ତାଙ୍କର ମନେ ପଡି ଯାଉଥିଲା ସେଦିନର କଥା । ଯେଉଁ ଦିନ ଫୁଲ ନଷ୍ଟ ପାଇଁ ମାଳୀଟିକୁ ଗାଳି ସହିବା ସହ କ୍ଷତି ପୂରଣ ବି କରିବାକୁ ପଡିଥିଲା । ଆଜି ଏତେ ଫୁଲ ବଗିଚାରୁ ତୋଳି ମାଳୀ ବେକରେ ମାଳଟିଏ ଲମ୍ବାଇ ଦେବାର ମାନେ କଣ ? ଏହା ମାଳୀ ପ୍ରତି ଶ୍ରଦ୍ଧା ନା ନିଜର ବଡପଣ ଦେଖାଇ ହେବାର ପ୍ରୟାସ ? ତାଙ୍କ ହୃଦୟରୁ ବାହାରି ଆସିଲା ଏକ ଦୀର୍ଘଶ୍ୱାସ ।

ମାଳୀ କଥା ଭାବୁ ଭାବୁ ପଲ୍ଲବୀ ଦେବୀ ହଜି ଗଲେ ନିଜ ଭିତରେ । ଆଜକୁ ପଇଁଚାଳିଶ ବର୍ଷ ତଳେ ବାହାହୋଇ ମନରେ ଅନେକ ସ୍ୱପ୍ନ ନେଇ ବୋହୂ ସାଜି ଆସିଥିଲେ ଶାଶୂଘରକୁ । ପନ୍ଦର କୋଡିଏ ଦିନର ମିଳନ ପରେ ସ୍ୱାମୀ ତାଙ୍କର କର୍ମ ସ୍ଥଳକୁ ଫେରି ଯାଇଥିଲେ । ସେ ମଧ୍ୟ ତାଙ୍କ ଚାକିରୀ ସ୍ଥଳକୁ ଫେରି ଗଲେ । ଏତେ ଅଳ୍ପ ସମୟ ମଧ୍ୟରେ କେହି କାହାକୁ ଚିହ୍ନି ପାରି ନଥିଲେ ଠିକ୍ ଭାବରେ । ନିଜର ଖୋଲା ସ୍ୱଭାବ ଯୋଗୁ ସେ ବନ୍ଦୀ ହୋଇଗଲେ କପଟି ଲୋକଙ୍କ ମାୟା ଫାଶରେ । ଶାଶୁଘର ଲୋକ ବିଶେଷକରି ସ୍ୱାମୀ ଓ ଦିଅରଙ୍କର ଲୋଭ ଥିଲା ତାଙ୍କ ରୋଜଗାର ଉପରେ । "ଯେତେ କାମ କଲେ ସ୍ୱାସ୍ଥ୍ୟ ପାଇଁ ସେତେ ଭଲ "ବୋଲି କହି ଘର ବାହାର ସବୁ କାମ ସ୍ୱାମୀ ତାଙ୍କ ହାତରେ କରାଇଥିଲେ । କାମ ବାଲି, ରୋଷେୟା ଓ ଅନ୍ୟାନ୍ୟ ସବୁ ବାବଦରେ ଟଙ୍କା ବଳାଇ ପଠାଉ ଥିଲେ ନିଜ ଘରକୁ । ଘରର ବଡ ଭାଉଜ ଓ ସାନ ଭାଇ ପ୍ରତି ଥିଲା ଅହେତୁକ ମୋହ । ଏମିତି ଦୀର୍ଘ ତେର ବର୍ଷ ବିତିଗଲା । ସେମାନେ ଲକ୍ଷ ଲକ୍ଷ ଟଙ୍କା ଲୁଚି ନେଲା ପରେ ଆଖୁ ଖାଇ ଛେଦାକୁ ଫୋପାଡି ଦେଲା ପରି ସବୁ ସଂପର୍କ ତୁଟାଇ ଦେଲେ ସେମାନେ । ପଲ୍ଲବୀ ଦେବୀ ଙ୍କର ସେତେବେଳେକୁ କୋଳରେ ଦୁଇଟି ପୁତ୍ର ସନ୍ତାନ । ଗୋଟିଏ ଦଶ ବର୍ଷର ଅନ୍ୟଟି ଚାରି ବର୍ଷର । ଏପରିକି ଘରେ ପାଦ ରଖିବାର ଅଧିକାର ହରାଇ ବସିଲେ ସ୍ୱାମୀ । ଚାକିରୀର ଅର୍ଦ୍ଧେକ ସମୟ ବିତି ସାରିଥିଲା । ସେତେବେଳେ କୁ ହାତରେ ଟଙ୍କା ଟିଏ ସୁଦ୍ଧା ନ ଥିଲା । ଦୁଇଟି ପିଲା ପାଠ ପଢିବେ, ସମସ୍ତଙ୍କର ଖାଇବା ରହିବା ଇତ୍ୟାଦି କଥା ବୁଝିବାବେଳେ ମୁଣ୍ଡ ଘୂରି ଯାଉଥିଲା । ହତବାକ୍ ହୋଇ ଯାଇଥିଲେ ସ୍ୱାମୀ। ସେ ଅର୍ଦ୍ଧାଙ୍ଗିନୀର ଭୂମିକା ନିଭାଇ ସାହସ ଦେଲେ ସ୍ୱାମୀ ଙ୍କୁ । କହିଲେ ମୁଁ ଅଛି ତୁମେ ଧୈର୍ଯ୍ୟ ଧର, ଆମେ ସତ୍ୟ ରେ ଅଛେ ,ଈଶ୍ୱର ନିଶ୍ଚୟ ଆମକୁ ସାହା ହେବେ । ସେହି ଦିନଠାରୁ ଆପ୍ରାଣ ଉଦ୍ୟମ କଲେ ପଲ୍ଲବୀ ଦେବୀ, ସବୁ ସମସ୍ୟାକୁ ମୁକାବିଲା କରିବା । ଈଶ୍ୱର ଙ୍କୁ ପ୍ରାର୍ଥନା କରି ତାଙ୍କ କୃପାରୁ ବିଲ୍ଡର ଠାରୁ କିସ୍ତିରେ ଘର ଖଣ୍ଡେ ନେଲେ । ମହାବାତ୍ୟା ପରେ ସରକାର ବହୁତ ଗୁଡିଏ ଲୋନର ସୁବିଧା କରିଥିଲେ । ସେ ସବୁ ସହାୟତାରେ ଘର ଖଣ୍ଡେ ମିଳିଗଲା । ବାକି ରହିଲା ଘର ଚଳାଇବା ସହ ପିଲାଙ୍କ ପାଠପଢା ଓ ଲୋନ୍ ସୁଝା । ସ୍ୱାମୀଙ୍କୁ ମାନସିକ ଚାପ ନ ଦେବା ପାଇଁ ସେ ସବୁର ଦାୟିତ୍ୱ ନେଲେ ପଲ୍ଲବୀ ଦେବୀ । ସେ ସିନା ପତି ପରାୟଣା ଥିଲେ ,ହେଲେ ସ୍ୱାମୀ ତାଙ୍କର ଭଲ ପାଇବାର ଛଳନା କରି ଠକି ଚାଲିଥିଲେ । ସାଙ୍ଗ ସାଥୀ ,ବନ୍ଧୁ, ବନ୍ଧୁପତ୍ନୀମାନଙ୍କ ସଙ୍ଗତରେ ମହା ଆନନ୍ଦରେ ଦିନ କାଟୁଥିଲେ । ଚାକିରିରୁ ଫେରି ଅଣନିଃଶ୍ୱାସୀ ହୋଇ ପଲ୍ଲବୀ ଦେବୀ ଘର କାମ କରୁଥିଲା ବେଳେ ସ୍ୱାମୀ ଅଫିସରୁ ଘରକୁ ନ ଆସି ବନ୍ଧୁ ଓ ବାନ୍ଧବୀଙ୍କ ସହ ଖୁସିର ଆସର ଜମାଇ ବିଳମ୍ବରେ ଘରକୁ ଫେରି ନାନା ମିଛ ସଫେଇ ଦେଉଥିଲେ । ଏ କଥା ପଲ୍ଲବୀ ଦେବୀ ବୁଝି ପାରି ନ ଥିଲେ । ହେଲେ ସତ କ'ଣ କେବେ ଲୁଚିରହେ ? ବହୁ ବିଳମ୍ବରେ ପଲ୍ଲବୀ ଦେବୀ ସବୁ ସତ ବୁଝିପାରିଲେ । ଘରେ ମଧ୍ୟ ପିଲାଙ୍କ ବିଷୟରେ ଯଦି କିଛି ତାଙ୍କର କହିବାର କି କରିବାର ଥାଏ ସେ ପଲ୍ଲବୀ ଦେବୀ ଙ୍କ ଦ୍ୱାରା କରାଉଥିଲେ । ଫଳରେ ପିଲାଙ୍କ ମନରେ ପଲ୍ଲବୀ ଦେବୀ ଙ୍କ ପ୍ରତି ଖରାପ ଧାରଣା ସୃଷ୍ଟି ହେଉଥିଲା । ପିଲା ବଡ ହେଲା ପରେ ନାନା ମିଛ ସଫେଇ ପିଲାଙ୍କୁ ଦେଇ ନିଜେ ପ୍ରିୟ ହୋଇ ପଲ୍ଲବୀ ଦେବୀଙ୍କୁ ଅପ୍ରିୟ କରି ଦେଲେ । ବଡ ପୁଅ ବାହା ହେଲା ପରେ ବୋହୂର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ପଲ୍ଲବୀ ଦେବୀଙ୍କୁ ମାଡ ଗାଳି ଦେଇ ନାନା ଅପମାନ ମଧ୍ୟ ଦେଲେ। ବଡ ପୁଅ ବୋହୂ କେମିତି ଅଧିକ ଭଲରେ ରହିବେ ତାଙ୍କର ସେଇ ଚିନ୍ତା । ଯେଉଁ ପୁଅ ଦିନେ ଦେହ ପା' ଖରାପ ହେଲେ ପାଖରେ ବସେନି

କି ଟିକେ ଔଷଧ, କି ଫଳମୂଳ ଦିଏ ନି । ସେଇ ପୁଅ ବୋହୂ ପାଇଁ ଏତେ ଦୂର୍ବଳତା କଣ ପାଇଁ ? ସାନ ପୁଅ ସୁଖ ଦୁଃଖରେ ଭଲ ମନ୍ଦରେ ସବୁବେଳେ ପାଖରେ ଠିଆ ହୁଏ । ହେଲେ ସେ ପୁଅ ପାଇଁ ତାଙ୍କର ଚିନ୍ତା ନ ଥିଲା ।

ଅରକ୍ଷିତକୁ ଦଇବ ସାହା ହେଲା ପରି ସେ ପୁଅ ଆଜି ସୁଦୂର ଆମେରିକାରେ । ପଲ୍ଲବୀ ଦେବୀଙ୍କ ସେବା ଯତ୍ନ ପାଇଁ ସେବିକା ରଖିଛି । ଭଲ ମନ୍ଦ ବୁଝୁଛି । ହେଲେ ବଡ ପୁଅ କୋଟି କୋଟି ସମ୍ପତ୍ତି ଭୋଗ କଲେ ମଧ୍ୟ ଦିନେ ମା' କଥା ବୁଝେ ନି କି ପଚାରେ ନି । ପଲ୍ଲବୀ ଦେବୀ ଭାବୁଥିଲେ ମାଳୀଟି ଯେପରି ସୁନ୍ଦର ବଗିଚା ଟିଏ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରି ଶେଷରେ ଫୁଲ ଫଳରୁ ଜୀବଦଶାରେ ବଞ୍ଚିତ ହୋଇ ଥିଲା । ସେ ସେହିପରି ପିଲାଙ୍କ ସୁଖ ଓ ଖୁସି ପାଇଁ ନିଜ ଜୀବନର ସବୁ ସୁଖକୁ ତ୍ୟାଗ କରି ଶେଷରେ ବଡ ପୁଅ ଠାରୁ ଆଦର ଯତ୍ନ ପାଇବା ବଦଳରେ ଦୁଃଖ ଓ ଯାତନା ପାଇଲେ । ସଂସାର ବଗିଚାରେ ସେ ମଧ୍ୟ ଏକ ଅସହାୟ ମାଳୀ । ଅନ୍ୟମାନଙ୍କ ସୁଖ ଶାନ୍ତି ଦେଖିବାକୁ ଯାଇ ନିଜ ସୁଖକୁ ବଳି ଦେବା ଆଦୌ ଠିକ ନୁହେଁ । ସତରେ କ'ଣ ଜୀବନ ଏମିତି ?

■■■

**ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ**
**ଆଦର୍ଶ ବିହାର**
**ମୋ-୭୯୭୮୯୦୨୩୭୩**



# ବୈରାଗ୍ୟରେ ଜୀବନ

**ଶୁଭଶ୍ରୀ ମିଶ୍ର**



"ବୈରାଗ୍ୟ" ବା detachment ଶବ୍ଦ ଶୁଣିବା ସମୟରେ ଏକ ମୃଦୁ, ମନ୍ଦ ଭୟ ପ୍ରତେୟ ମନ ହୋଇଥାଏ। ପରିସ୍ଥିତି, ପରିବେଶ ଓ ଅସହଜ ମଣିଷକୁ ନେଇ ବଞ୍ଚି ପାରୁନଥିବା ମଣିଷ ବୈରାଗ୍ୟ ନିଏ । ଜଣେ ସାଧୁ ,ଅଥବା ସତପୁରୁଷ ଜୀବନର ଆରମ୍ଭରୁ ବୈରାଗ୍ୟର ରାସ୍ତା ବାଛି ନେଇଥାଏ । ଶାସ୍ତ୍ର ଅନୁଯାୟୀ ବୈରାଗ୍ୟ କେବଳ ସହଜ ଓ ଅନାଶକ୍ତ ଜୀବନ ଆଣିଦେଇଥାଏ । ସଂସାର ଓ ବୈରାଗ୍ୟ ମୁଦ୍ରା ର ଦୁଇଟି ପାର୍ଶ୍ୱ ସଦୃଶ । ସଂସାରରେ ଦୁଃଖ, କଷ୍ଟ ରହିଛି । ତାର ଅନ୍ତ ବୈରାଗ୍ୟ ମଧ୍ୟ ଅଛି । ସଂସାର ବିନା ପୂର୍ଣ୍ଣ ଅନାଶକ୍ତି ଅସମ୍ଭବ ଅଟେ । ମୃତ୍ୟୁ ଯେପରି ଏକ ଅନ୍ତର୍ହୀନ ଚଲାପଥ ର ଶେଷ ବିନ୍ଦୁ । କାମ, କ୍ରୋଧ ଓ ମୋହର ଶେଷ ହିଁ ବୈରାଗ୍ୟ । ଜଣେ ଅନ୍ତିମ ପଥର ଯାତ୍ରୀ, ମୋହ ସବୁ ଜାବୁଡି ଧରିଥାଏ । ତାର କାନରେ ହରିନାମ କହି ମନକୁ ତାର ବୈରାଗ୍ୟ ଯୁକ୍ତ କରାଯାଏ । ଯାହା ଦ୍ୱାରା ତାର ମୃତ୍ୟୁ ର ପଥ ସୁଗମ ହୋଇଥାଏ । କଳିଯୁଗର ବୀଡମ୍ବନା ଯେ, ମଣିଷ କ୍ରୋଧ, ମୋହ ସବୁ ଛାଡିବାକୁ ଡରେ । ଆଧୁନିକ ମଣିଷ ପାଇଁ ଅଯଥା ମୋହର ଅର୍ଥ ପ୍ରେମ ଅଟେ । ଅନାସକ୍ତ ଭାବର ଅର୍ଥ ପଛରେ ପଡିଥିବା ଏକ ମଣିଷ ବି ପଛୁଆ ମଣିଷ ଅଟେ । ଗୌତମବୁଦ୍ଧ ସଂସାରରେ ରହି ମଧ୍ୟ ଅନାଶକ୍ତ ଭାବକୁ ଆବୋରି ନେଇ ସଂସାରକୁ ଦିବ୍ୟ ଜ୍ଞାନ ଦେଇଯାଇଥିଲେ । ମାନ, ଅପମାନ, ଭୟ, ଇର୍ଷା, ଦ୍ୱେଷ ନକରାତ୍ମକ ଉର୍ଜାର ଅନ୍ତର୍ଗତ, ହେଲେ ଦୟା, କ୍ଷମା, ସମ୍ମାନ ସକାରାତ୍ମକ ଉର୍ଜାର ସ୍ରୋତ ଅଟେ । ଜୀବନ ଦୃଷ୍ଟିରୁ ବିଚାର କଲେ ବୈରାଗ୍ୟ ଏକ ସକରାତ୍ମକ ଉର୍ଜା । କାରଣ ବୈରାଗ୍ୟ ଏକ ଲକ୍ଷ୍ୟ ଓ ଏକ ଅନ୍ତିମ ସୋପାନ ର ରାସ୍ତା ।ସବୁଭିତରେ ଥାଇ କିଛି ରେ ନଥିବା ହିଁ ଏକ ସୁସ୍ଥ ଜୀବନ। ଏହା କେବଳ କହିବା ଦ୍ୱାରା ହୁଏ ନାହିଁ । ଏଥିପାଇଁ ଆବଶ୍ୟକ ଏକ ସୁସ୍ଥ ସାଧନାର ମାର୍ଗ । ବ୍ରହ୍ମାଣ୍ଡ ମନୁଷ୍ୟର ଗୁରୁ ସଦୃଶ । ସେ ସର୍ବଦା ମଣିଷକୁ ଶିକ୍ଷା ଦେଇ ଚାଲିଥାଏ । ଏହା ସାଧାରଣ ମଣିଷ ଉପରେ ନିରର୍ଭର କରେ ସେ କେତେ ଶିଖି ପାରୁଛି ।

ବୈରାଗ୍ୟ ଓ ଜୀବନ ଏବଂ ବୈରାଗ୍ୟରେ ଜୀବନ ଉଭୟ ମନୁଷ୍ୟର ଆତ୍ମାର ଉତ୍ଥାନ ନିମନ୍ତେ ନିତାନ୍ତ ଆବଶ୍ୟକ ।

■■■

ଦୁର୍ଗାପୁର, ପଶ୍ଚିମବଙ୍ଗ
ମୋ - ୭୯୮୦୫୪୯୩୯୭



# ମହନୀୟତା

**ପ୍ରଜ୍ଞା ମହାନ୍ତି**



ଆମେ ମାର୍କେଟ ରୁ ଫେରିବା ବାଟରେ ଗୋଟେ ପାନଦୋକାନ  ପାଖରେ  ବାଇକ୍  ଅଟକାଇ ପୁଡିଆ କିଣିଲେ ବିଭୂ । ଅନ୍ୟମନସ୍କ ଭାବେ ମୋ' ନଜର ପହଁରିଗଲା ଦୋକାନ ଉପରେ । ଦେଢ଼ବଖରା ଖପର ଘର । ଭିତର ଘରେ ଘରକରଣା ସରଞ୍ଜାମ ସହ ଦୋକାନୀ ର ସଂସାର । ବାହାରପଟ ବାରଣ୍ଡାରେ ଦୋକାନ । ସାମନାରେ ମାଳମାଳ ଗୁଟୁଖା, ଚିପ୍ସ, କୁରକୁରେ, ମସଲାଗୁଣ୍ଡ, ସାମ୍ପୋ ଆଦି ଝୁଲୁଛି । କଳା ପଡିଆସୁଥିବା ଚିକ୍କଣ ପଟା ଖଣ୍ଡେ ଉପରେ ପାନପୁଡିଆ ର ସରଞ୍ଜାମ । ବାମ କଡକୁ ଛୋଟ ଫ୍ରିଜଟିଏ, ସାମ୍ନାରେ ଧାଡିଏ ମଟରଭଜା, ମୁଡୁକି, ଚକୋଲେଟ, ରାଶିଲଡୁରେ ଭରା ଡବାସବୁ । ସେଇ ସିମୀତ ଚଉହଦୀ ଭିତରେ ତାର ସଂସାର ଓ ବେପାର। କାଠଚଉକି ଉପରେ ବସି ନିର୍ବିକାର ଚିତ୍ତରେ ପାନ ମୋଡୁଛି ଦୋକାନୀ।

ମୋ ଦୌଡୁଥିବା ନଜର ଅଟକି ଗଲା । ଠିକ୍ ଦୋକାନୀ ମୁଣ୍ଡ ଉପରକୁ ସୁତୁଲିରେ ବନ୍ଧାହୋଇ ଝୁଲୁଛି ଚାରି ପାଞ୍ଚଟା ଖାଲିଥିବା ସୁନ୍ଦର ସୁନ୍ଦର ପ୍ଲାଷ୍ଟିକ ଡବା । ଦୋକାନୀ ପାଖକୁ ଯାଇ ପଚାରିଲି, ଏ ଡବାସବୁ କେତେ ଟଙ୍କାରେ ଦେବ ?

ଲୋକଟା ପୁଡିଆ ମୋଡୁ ମୋଡୁ କହିଲା, ଏସବୁ ଡବା ବିକ୍ରି ହେବନି ।

ଆରେ ଯାହା କହିବ ଦେବି... ସେ ବଡ ଡବା ଦି'ଟା ଦିଅ ।

ନା ନା ଗୋଟେ ବି ବିକ୍ରି ହେବନି ! ଆଙ୍କ ହାତକୁ ପୁଡିଆ ବଢାଇଦେଇ କହିଲା ଲୋକଟା ।

ଅପମାନିତ ହେଲା ଭଳି ଲାଗିଲା ମତେ । ଦାନ୍ତରେ ଓଠକୁ ଚାପିଧରି ଭାବିଲି ତାହେଲେ ଦୋକାନ ଆଗରେ ଝୁଲେଇଛୁ କାହିଁକି ?

କିନ୍ତୁ ତାକୁ ଶୁଣାଇଲା ଭଳି କହିଲି, ହଁ ମ  ଏସବୁ ଡବା ର କ୍ୱାଲିଟୀ  ଭଲନୁହେଁ । ବିଗ୍ ବଜାରରେ ଫିଫ୍ଟି ପରସେଣ୍ଟରେ କେତେ ଭଲଭଲ ଡବା କହି ବାଇକ୍  ପାଖକୁ ଫେରିଆସିଲି । ଦୋକାନୀ ର ମୁହେଁ ମୁହେଁ ମନାକରିଦେବା କଥାଟା ଆଦୌ  ହଜମ କରିପାରୁନଥିଲି ମୁଁ । ସେଇ ରାଗରେ ବିଗ୍ ବଜାର ଯାଇ ଡର୍ଜନେ ଡବା କିଣି ପକେଇଲି । ଫେରିଲା ବେଳେ ଇଏ ପୁଡିଆ ନ କିଣି ସିଧା ଘରମୁହାଁ ହେଲେ। ମନେମନେ ଡବାସବୁ ଦୋକାନୀ କୁ ଦେଖାଇବା ଅଭିପ୍ରାୟ ରଖି ବିଭୂଙ୍କୁ ପଚାରିଲି,  କ'ଣ ପୁଡିଆ ନବନି କି ?

ଖାମଖିଆଲି ଭାବେ ସେ ଉତ୍ତର ଦେଲେ 'ଅଛି ପରା' !

'ଦେଖ... ଆଉଦିନେ ସେ ଅଶିକ୍ଷିତ  ଦୋକାନୀ ପାଖକୁ ପୁଡିଆ ପାଇଁ ଯିବନି କହୁଛି'...
'ତା ହେଲେ ଏମ୍. ବି. ଏ. କରିଥିବା ପାନଦୋକାନୀଟେ କେଉଁଠି  ଖୋଜିବି' ! ମତେ ଚିଡେଇଲା ଭଳି ବିଭୂ କହିଲେ।

'ବଡ ବିରକ୍ତିକର ଲୋକଟା ସେ । ତମେ ମତେ ଅଧିକ ବିରକ୍ତ କରନି । ମୁହଁ ଭାରିକରି ମୁଁ କହିଲି । ଏଥର ବିଭୁ ମୋ ମନୋଭାବ ମାପି ନେଇ କହିଲେ, 'ଆରେ... ଘରେ ତେଲ ଲୁଣ ରଖିବାକୁ ତା ସ୍ତ୍ରୀ ଡବା ବିକିବାକୁ ମନା କରିଥିବ କି କଣ? ତାପରେ ସମସ୍ତଙ୍କୁ କଣ ମୋ ଭଳି ମନନେଇ ଶବ୍ଦରେ ମହୁ ବୋଳି କଥା କହି ଆସିବ' ? ପୁଡିଆ ଚୋବାଇ ହସୁଥିଲେ ସେ ।

ଓହୋଃ... ତମେ ତ ମନେମନେ ଅନ୍ତର୍ଯ୍ୟାମୀ କହି ହସ ଲୁଚାଇବାକୁ ଯାଇ ମୁଁ ମୁହଁ ବୁଲାଇଦେଲି ।

ଏ ଘଟଣା ର ଆଠ ଦଶ ଦିନ ପରେ ପୁଅକୁ ଧରି ଗୋଟେ ଡ୍ରଇଁ କମ୍ପିଟିସନ ରୁ ଫେରୁଥିଲୁ ଆମେ । ଦିନ ଗୋଟାଏ ବାଜିଲାଣି ମୁଣ୍ଡଫଟା ଖରାରେ ଦେହମୁଣ୍ଡ ଝାଇଁ ମାରିଗଲା ଭଳି ଲାଗୁଛି। ପ୍ରାୟ ସବୁ ଦୋକାନ ବନ୍ଦ ହୋଇଗଲାଣି । ପୁଅ ପାଣିବୋତଲ ରୁ ପାଣି ସରିଗଲାଣି । ସେଇ ଦୋକାନରେ ଗାଡି ଅଟକାଇ ବିଭୁ ଥଣ୍ଡାପାଣି ବୋତଲେ ମାଗିଲେ । 'ଥଣ୍ଡା ପାଣି ସରିଯାଇଛି' କହି ଭିତରୁ ପାଣି ମଗାଇଲା ଦୋକାନୀ । 'ମୋର ଦରକାର ନାହିଁ' କହି ସାମାନ୍ୟ ଦୂରରେ ଠିଆହେଲି । ହଠାତ୍ ମୋ ଦୃଷ୍ଟି ସ୍ଥିର ହୋଇଗଲା ଦୋକାନ ସାମ୍ନାରେ ପାଣି ଭର୍ତ୍ତି ପ୍ଲାଷ୍ଟିକ ଡବା ଗୁଡାକ ଉପରେ । ପାଣି ଭରା ଡବା ଗୁଡିକ ଯେମିତି ମତେ କୌତୁକ କରି ହସୁଥିଲେ । ଗୁଡାଏ କିଚିରିମିଚିରି ଶବ୍ଦରେ ଉପରକୁ ଅନାଇଲା ବେଳକୁ ମୁଣ୍ଡ ଉପରେ ଗୁଡାଏ ଘରଚଟିଆ ଉଡି ବୁଲୁଛନ୍ତି । ଖପର ଉପରେ ମଧ ଅଧାରୁ କଟାହୋଇ ଧାଡିଏ ପାଣି ଭର୍ତ୍ତି ଡବା ଥୁଆ ହୋଇଛି ।ଟାଣଖରା ରେ ଚଢେଇ ସବୁ ପାଣି ପାଇ ଖୁସିରେ ସେଥିରେ ଖେଳୁଛନ୍ତି। କଣେଇ ଚାହିଁଲି ! ବିଭୁଙ୍କ ଆଗେ ଯିଦ୍ କରି ପୁଅ କୋଲ୍ଡ ଡ୍ରିଙ୍କସ୍ ମାଗୁଥିଲା । 'ଛୋଟ ପିଲା ଥଣ୍ଡା ପିଅନ୍ତିନି' କହି ତା ହାତକୁ ଅମୁଲକୁଲ୍ ଟେ ବଢାଇ ଦେଇ ଦୋକାନୀ ବାହାରକୁ ଆସିଲା। ମୁଁ ଆଗ୍ରହରେ ଚଢେଇ ସବୁଙ୍କୁ ଦେଖୁଛି ଭାବି ସେ କହିଲା - ମା'ଆ ଖାଲି ଘରଚଟିଆ ନୁହଁନ୍ତି, କେତେ ଶୁଆ, ପାରା, ବଣି ମଧ ପାଣି ପିଇବାକୁ ଆସୁଛନ୍ତି । ମଣିଷଙ୍କ ଠୁ ନେଇ ଜୀବଜନ୍ତୁ ଯାଏଁ ସମସ୍ତଙ୍କ ପାଇଁ ପାଣିର ବିକଳ୍ପ ପରା ଆଉ କିଛି ନାହିଁ । ସେଥିପାଇଁ ମୁଁ ଏମାନଙ୍କ ଲାଗି ପ୍ରତିବର୍ଷ ଖରାଦିନେ ପାଣିର ବନ୍ଦୋବସ୍ତ କରେ । ଗରିବ ଲୋକ ଆମେ । ପଇସା ଖର୍ଚ୍ଚ କରି କେଉଁଠୁ କଣ ବନ୍ଦୋବସ୍ତ କରିବୁ । ତେଣୁ ଏଇ ଚକୋଲେଟ୍ ଡବା ବିକ୍ରି ନକରି ରଖିଦିଏ । ତା'ର ଦାଢିଭର୍ତ୍ତି ରୁଢିଆ ମୁହଁରେ ଗଂଗାଧାର ଭଳି ଧାରେ ନିର୍ମଳ ହସ ।

'ନିଅ ମା' ଫିଲଟର ପାଣି' କହି ଦୋକାନୀ ତା' ସ୍ତ୍ରୀ ହାତରୁ ପାଣି ଗ୍ଲାସ୍ ନେଇ ମୋ ହାତକୁ ବଢାଇ ଦେଲା। ଏଥର ମୋ ପାଳି... ତା। ମଣିଷପଣିଆର ମହନୀୟତା ଆଗରେ ମୋ ପାଠୁଆପଣର ଅହଂକାର ଉଡୁଥିଲା ଶିମିଳିତୁଳା ଭଳି। କଳାକାଠ ପଡି ଯାଇଥିଲି ମୁଁ... ଖରାରେ କମ୍ ଲାଜରେ ବେଶି ।

ସମ୍ବଲପୁର
ମୋ : ୯୪୩୭୩ ୬୨୪୭୩

■■■



# ଅବର୍ତ୍ତମାନ

ପଦ୍ମାଳୟା ପାଢ଼ୀ



ଦୁଇ ବର୍ଷ ଧରି କୋମାରେ ରହିବା ପରେ ପରିଶେଷରେ ବୋଉର ଚେତା ଫେରିଥିଲା ଓ ଧୀରେ ଧୀରେ ଉଠି ବସିଥିଲା ସେ । ଏଇଟା ଚମତ୍କାର ଥିଲା କି ଭଗବାନଙ୍କ ଖେଳ ମୁଁ ଜାଣିନାହିଁ । କାଲି ପରି ଲାଗୁଛି ପରା । କିଛି ନାହିଁ ହଠାତ ବୋଉ ଛିଡା ହୋଇଥିଲା ତ ଦେଖିଲା ବେଳକୁ ଗଛ କାଟିଲା ଭଳି ତଳେ ପଡିଗଲା ତ ଗଲା ଆଉ ଚେତା ନାହିଁ । ହସ୍ପିଟାଲ ନେଇ ସବୁ ପରୀକ୍ଷା ନିରୀକ୍ଷା କଲାପରେ ଯେତେବେଳେ ଡାକ୍ତର କହିଲେ ଯେ ଭିତରେ ଗୋଟିଏ ସ୍ନାୟୁ ଅଚଳ ହୋଇ ଯାଇଛି ଏବଂ କେବେ ତାହା ପୁଣି ଥରେ କାର୍ଯ୍ୟକ୍ଷମ ହେବ କହି ହେବନାହିଁ। ସେତେବେଳେ ଯାଇ ଜଣା ପଡିଲା ବୋଉ କେବେ କୋମାରୁ ଫେରିବ କେବଳ ଭଗବାନ ହିଁ ଜାଣନ୍ତି ସିନା ଡାକ୍ତର ମାନେ ଜାଣି ନାହାନ୍ତି । ହୁଏତ ଦିନେ ଦୁଇ ଦିନ ଲାଗି ପାରେ କିମ୍ବା ଦୁଇ ବର୍ଷ କିମ୍ବା ମୋଟେ ନୁହେଁ । ତେଣୁ ଗୋଟିଏ ସପ୍ତାହ ପରେ ବୋଉକୁ କୋମା ୱାର୍ଡକୁ ନେଇଗଲେ ଏବଂ ସେଇଠି ହିଁ ନର୍ସଟିଏ ରହି ବୋଉ ର ଅଚେତ ଅବସ୍ଥାରେ ଯାହା ଯାହା ସେବା ଶୁଶ୍ରୁଷା ଦରକାର କରୁଥାଏ ।

ଆମେ ପିଲା ଥିଲା ବେଳେ ବାପା ଚାଲିଗଲେ ଓ ତାଙ୍କ ଚାକିରୀ ବୋଉ କୁ ମିଳିଲା । ବୋଉ ତାର କର୍ତ୍ତବ୍ୟ ସମ୍ପାଦନ କରିବା ସହ ବାପାଙ୍କ ଦାୟିତ୍ୱ ବି ସମ୍ଭାଳିବାକୁ ବାଧ ହୋଇଥିଲା । ଅନୁକମ୍ପା ମୂଳକ ଚାକିରୀ ଖଣ୍ଡିଏ ପାଇ ବାପ ଛେଉଣ୍ଡ ପିଲାଙ୍କୁ ସମ୍ଭାଳିବାରେ ଏକୁଟିଆ ନାରୀ ଜଣକ କେବେ ବି ଅବହେଳା କରିନାହିଁ । ସମସ୍ତଙ୍କୁ ଶିକ୍ଷିତ କରାଇ ଆତ୍ମ ନିର୍ଭରଶୀଳ କରାଇ ପାରିଥିଲା ମୋ ବୋଉ । ବୋଉ ରିଟାୟାର ହେଲା ବେଳକୁ ଆମେ ସମସ୍ତେ ଚାକିରିଆ । ମୁଁ ବ୍ୟାଙ୍କରେ, ସାନ ଭଉଣୀ ରିନି ଗୋଟେ ସ୍କୁଲରେ ଚାକିରୀ ପାଇଗଲା । ଆଉ ରହିଲା ଭାଇ ଦେବ ଓ ସେ ବି କମର୍ସ ପଢ଼ି ଓଡିଶାରେ ଗୋଟେ ଫାର୍ମରେ ରହିବାକୁ ପସନ୍ଦ କଲା । ଏବେ ବୋଉର ଚିନ୍ତା ଥିଲା ଆମ ବାହାଘର କରାଇବ । ଆଉ ତା ପୂର୍ବରୁ ହିଁ ବୋଉର ଏପରି ଅବସ୍ଥା ହେଲା । ବୋଉର ଏମିତି ଅବସ୍ଥା ପରେ ଘରର ଶାନ୍ତି ଶୃଙ୍ଖଳା ଇତସ୍ତତଃ ହୋଇ ଛିନ୍ ଭିନ୍ ହୋଇଗଲା ଆମର ଜୀବନଚର୍ଯ୍ୟା ।

ନିଜକୁ କେମିତି କଣ କରି ସମ୍ଭାଳି ନେଇଥିଲୁ ଆମେ । ଯାହା ହେଲେବି ଆମର ମୁଣ୍ଡକୁ ହାତ ପାଇ ଗଲାଣି ଏବଂ ଆମେ ଯେ' ଯାହା ମର୍ଜିର ମାଲିକ । ଆମକୁ କହିବାକୁ କେହି ନାହିଁ । ତିନି ଭାଇ ଭଉଣୀ ପାଳି କରି ବୋଉକୁ ହସ୍ପିଟାଲ ଦେଖିବାକୁ ଯାଉ । ଘରକୁ ଫେରିଲା ପରେ ଯେ ଯାହାର ରୁମରେ । ଠାକୁର ପୂଜା ରୋଷେଇବାସ ପ୍ରାୟ ଢ଼ଙ୍ଗରେ ହୁଏନି କହିଲେ ଚଳେ । ଠାକୁରଙ୍କ ଘରେ ଶୁଖିଲା ଫୁଲ ମୂର୍ତ୍ତି ଗୁଡିକରେ ଚନ୍ଦନ ଛିଟା ସେମିତି ଲାଗି ରହିଥାଏ । ଯଦି କାହାର ମନେ ପଡ଼ିଯାଏ ସେ ଯାଇ ଆଳତିଟା ଦୁଇ ଚାରି ଥର ବୁଲେଇ ଆଣେ । ରନ୍ଧା ବଢ଼ା କଥା ନ କହିବା ଭଲ । ବାସନ୍ତୀ ବୋଲି କାମବାଲୀଟିଏ ଥାଏ ଝାଡୁପୋଛା କରି ପରିବାପତ୍ର କାଟିଦେଇ ଚାଲିଯାଏ । ମୁଁ ନ ହେଲେ ରିନି ଯାଇ ଯାହିତାହି କ'ଣ ଦି' ଟା ରୋଷେଇ କରିଦେଉ ଓ ତିନି ଜଣ ତାକୁ ହିଁ ଖାଇ ଚାଲି ଯାଉ ଆମର ଗନ୍ତବ୍ୟ ପଥରେ । ସନ୍ଧ୍ୟାରେ ବୋଉ କୁ ହସ୍ପିଟାଲ ଯାଇ ଦେଖିସାରି ଫେରିଲା ରାସ୍ତାରେ କ'ଣ ଟିକିଏ ଖାଇ ରାତି ପାଇଁ ପାର୍ସଲ ନେଇ ଆସିଲେ କାମ ଶେଷ ।

ଏଇ ଦୁଇ ବର୍ଷ ମଧ୍ୟରେ ଆମ ମାନଙ୍କ ଜୀବନରେ ନୂତନ ଆଗନ୍ତୁକ ମାନଙ୍କର ଆଗମନ ହୋଇ ସାରିଥିଲା। ମୋର ସବୁଠାରୁ ବଡ଼ ସାହାରା ଥିଲେ ସିଦ୍ଧାନ୍ତ ଏବଂ ରିନି ଲଳିତକୁ ତଥା ଦେବ ସୁମିତ୍ରାକୁ ଜୀବନ ସାଥି ରୂପେ ଗ୍ରହଣ କରିବା ପାଇଁ ନିର୍ଣ୍ଣୟ ନେଇ ସାରିଥିଲା । ସିଦ୍ଧାନ୍ତଙ୍କ ସହିତ ମୁଁ ବିବାହ କୁ ନେଇ କୌଣସି

ନିଷ୍ପତି ନେଇ ନଥିଲି । ଗୋଟେ ବାକ୍ୟରେ କହିଲେ ମୋ ବୋଉ ହିଁ ମୋ ମୁଣ୍ଡରେ ବସା ବାନ୍ଧି ରହିଥିଲା । ତା' ଛଡା ଆଉ କାହାରି ବିଷୟରେ ମୁଁ ଭାବି ନାହିଁ । ହିଁ ମୋର ଏବେ ଟିକିଏ ଲେଖା ଲେଖି ଆଡକୁ ମନଟା ଢ଼ଳିବାରେ ଲାଗିଥିଲା। ବହି କେତୋଟି ଲେଖିଥିଲି ଓ ଅନଲାଇନରେ ବି ଲେଖାଲେଖି ଚାଲିଥିଲା । ଏପରି କରିବା ପଛରେ ମୋର ଗୋଟେ ଉଦ୍ଦେଶ୍ୟ ମୋର ଏକାକୀତ୍ୱକୁ ଭୁଲିଯିବି । ବୋଉ ରହିଲା କୋମାରେ ବାପା ବି ନାହାନ୍ତି । ଭାଇ ଭଉଣୀ ଯିଏ ଯାହାର ଭାବି ପତି ଓ ପତ୍ନୀ ମାନଙ୍କ ସହିତ ଫୋନରେ ବ୍ୟସ୍ତ ରହୁଛନ୍ତି । କଥାବାର୍ତ୍ତା ଓ ଚାଟିଙ୍ଗରୁ ସେମାନଙ୍କୁ ଫୁରୁସତ କାହିଁ ଯେ ବଡ଼ ଭଉଣୀ ବିଷୟରେ ଭାବିବେ ? ସୁତରାଂ ଅଫିସରୁ ଫେରିବା ପରେ ସାହିତ୍ୟ ହିଁ ମୋର ଏକମାତ୍ର ପ୍ରେରଣା ଓ ସାଥି ।

ହଠାତ ଦିନେ ଦେବ କହିଲା ।

—ନାନୀ ମୁଁ ଗୋଟେ କଥା କହିଥାନ୍ତି । ଦେଖ ବୋଉ ତ ଭଲ ହେଉନି । ନା ସେ ଭଲ ହେଉଛି ନା ମୁକ୍ତି ପାଉଛି ! ମୁଁ ଆଉ କେତେଦିନ ଅପେକ୍ଷା କରିବି କହିଲୁ । ମୁଁ ଆଶ୍ଚର୍ଯ୍ୟ ହେଲି କାହାକୁ ଅପେକ୍ଷା କରିବା କଥା ସେ କହୁଛି ? ଦେବ ପୁଣି କହିଥିଲା ।

—ନାନୀ ଦେଖ ବୁଲେଇ ବଙ୍କେଇ କହିବାକୁ ମୁଁ ପସନ୍ଦ କରେ ନାହିଁ । ସୁମିତ୍ରା ର ଘର ଲୋକ ମୋ ପାଇଁ ଆଉ କେତେ ଦିନ ଜଗି ବସିଥିବେ ? ତାଙ୍କ ଝିଅ ପାଇଁ ସେମାନେ ଆଉ କୋଉଠି ପ୍ରସ୍ତାବ ଦେଖିବେ ନା ! ନା ମୁଁ ବିସ୍ମିତ ହୋଇ ପାରୁଥିଲି ନା ରାଗି ପାରୁଥିଲି । ସଙ୍ଗେ ସଙ୍ଗେ ରିନି ଯୋଡ଼ିଲା ।

—ହିଁ ନାନୀ ମୋର ବି ସେଇ ସମସ୍ୟା । ଲଳିତଙ୍କ ଘରେ ବି ସେଇ କଥା କହୁଛନ୍ତି । ସେମାନେ ବି ଅନ୍ୟ ଆଡେ ଝିଅ ଦେଖିବେ ବୋଲି କହିଲେଣି ଲୋ କହି ରିନି କାନ୍ଦ କାନ୍ଦ ହୋଇଗଲା । ଆହୁରି ବି କହିଲା ଭଗବାନ ନ କରନ୍ତୁ ଯଦି ବୋଉର କିଛି ହୋଇଯାଏ ତେବେ ପୁରା ଗୋଟାଏ ବର୍ଷ ମାରା ହୋଇଯିବ ନା ।

ଆଉ ରହିଲି ମୁଁ । ସିଦ୍ଧାନ୍ତ ମୋତେ ବହୁତ ମାନସିକ ସାହାରା ଦେଇଛନ୍ତି । କେବେ ବି ବିବାହ ପ୍ରସ୍ତାବ ଦେଇନାହାନ୍ତି ହେଲେ କଣ ସିଏ ବି ଏମିତି ବ୍ୟସ୍ତ ହେଉଥିବେ ମୋ ପାଇଁ ? ସେଦିନ ବହୁତ କାନ୍ଦ ଲାଗିଲା ମୋତେ। କାହିଁକି ନା ଅନାଥ ଅନାଥ ଲାଗିଲା । ମୋତେ ଲାଗିଲା ବୋଉ ବଞ୍ଚି ଥାଇ ବି ମୃତ ପ୍ରାୟ । ମୋ ମନର ଦ୍ୱନ୍ଦ କାହାକୁ କହିବି ଆଉ ? ମୋ ମନରେ ସିଦ୍ଧାନ୍ତଙ୍କୁ ନେଇ ପ୍ରବଳ ଦ୍ୱନ୍ଦ । ବହୁତ ଭଲ ପାଏ ତାଙ୍କୁ ମାତ୍ର ସିଦ୍ଧାନ୍ତଙ୍କୁ ବିବାହ କଲେ ମୁଁ ସୁଖୀ ହୋଇ ପାରିବି ନାହିଁ ଯାହା ମୁଁ ଭଲ ରୂପେ ଜାଣିଥିଲି । ତାଙ୍କର ଶଯ୍ୟାଶାୟୀ ପିତା, ପାଗଳ ସାନ ଭାଇ, ଛାଡ଼ପତ୍ର ପରେ ଘରେ ଆସି ରହୁଥିବା ତାଙ୍କ ବଡ଼ ଭଉଣୀ ଓ ତାଙ୍କର ଦୁଇ ଝିଅଙ୍କ ଦାୟିତ୍ୱ ସିଦ୍ଧାନ୍ତଙ୍କୁ ବିବାହ ବିଷୟରେ ବୀତସ୍ପୃହ କରାଉଥିବ ନିଶ୍ଚୟ । ମୁଁ ବି ସ୍ୱପ୍ନର ଦୁନିଆରେ ରହି ସ୍ୱପ୍ନର ବୀଜ ବୁଣି କୌଣସି ଭୁଲ ନିଷ୍ପତ୍ତି ନେବାକୁ ଚାହୁଁ ନଥିଲି । ମୋର ଗୋଟିଏ ଭୁଲ ନିଷ୍ପତ୍ତି ଯୋଗୁଁ ମୁଁ ତ ସାରା ଜୀବନ ଜଳି ଜଳି ପୋଡି ମରିବି ତା ସହିତ ସିଦ୍ଧାନ୍ତଙ୍କ ପରିବାର ମଧ୍ୟ ଘାଣ୍ଟି ହେବ । ସିଦ୍ଧାନ୍ତଙ୍କର ସଂଘର୍ଷମୟ ଜୀବନରେ ମୁଁ ପ୍ରବେଶ କରି କେବେ ବି ମୋ ପାଇଁ ସୁଖ ସାଉଁଟି ପାରି ନଥାନ୍ତି । ସେଥିପାଇଁ ତାଙ୍କ ପ୍ରତି କୌଣସି ଦୁର୍ବଳତାକୁ ମନ ଭିତରେ ସ୍ଥାନ ଦେଉ ନଥିଲି ଓ ଆଉ କାହାକୁ ବାହା ହେବାର ବି ଯୋଜନା ନଥିଲା ମୋର ।

ଦୀର୍ଘ ଦୁଇ ବର୍ଷ ପରେ ସବୁ ପ୍ରକାର ଧର୍ମ ସଙ୍କଟରୁ ଆମକୁ ମୁକ୍ତ କରି ବୋଉ ଦିନେ ଉଠି ବସିଥିଲା । ଦୁଇ ଦିନ ପରୀକ୍ଷା ନିରୀକ୍ଷା କଲା ପରେ ଡାକ୍ତର ବୋଉକୁ ବିପଦ ମୁକ୍ତ ଘୋଷଣା କରି ଛାଡିଦେଲେ ଘରକୁ । ସେଥିପାଇଁ

ଆମେ ଭାଗ୍ୟବାନ କି ଆମ ବୋଉ ଭାଗ୍ୟହୀନା ଆମେ ଜାଣିନାହୁଁ । ବୋଉ ଭଲ ହୋଇ ଘରକୁ ଆସିଲା ପରେ ଘର ଲୋକଙ୍କ ଜୀବନଚର୍ଯ୍ୟାରେ ଆମୁଳଚୁଳ ପରିବର୍ତ୍ତନ ପୁଣି ଥରେ ଆସିଥିଲା । ଯାହା ଆମକୁ ବହୁତ ଅସୁବିଧାରେ ପକାଇଥିଲା । ଏବେ ବୋଉ ତା ନିଜର କୌଣସି କାର୍ଯ୍ୟ କରିବା ଅବସ୍ଥାରେ ନଥିଲା । ତା ପାଇଁ ବାସନ୍ତୀକୁ ଅଧିକା ପଇସା ଦେଇ ରଖିବାକୁ ପଡିଥିଲା । ଧୀରେ ଧୀରେ ବୋଉ ଆମକୁ ଠାକୁର ପୂଜାଠୁ ଆରମ୍ଭ କରି ରୋଷେଇବାସ ଆଦି ଛୋଟ ଛୋଟ କାମ ଗୁଡିକ ତାର ଇଚ୍ଛା ଅନୁଯାୟୀ ବତାଇବାକୁ ଆରମ୍ଭ କଲା ଯେମିତି ସେ ଭଲ ଥିଲାବେଳେ ହେଉଥିଲା । ବୋଉ ଭାବୁଥିଲା ଯେ ତା' ବିନା ଖିନ୍ ଭିନ୍ ହୋଇ ଯାଇଥିବା ତାର ଉଜୁଡା ସଂସାର ତଥା ତାର ପିଲା ମାନଙ୍କୁ ସେ ପୁଣି ଫେରି ଆସି ରାତାରାତି ସଜାଡି ଦେବ ବୋଲି ।

କିନ୍ତୁ ଫଳ ହେଲା ଓଲଟା । ରିନି, ଦେବ ଓ ବାସନ୍ତୀ ମଧ ବୋଉ ର ଖନେଇ ଖନେଇ କହୁଥିବା କଥାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ ନଥିଲେ । ମୁଁ ନିଜକୁ ସେମାନଙ୍କ ଠାରୁ ଭଲ ବୋଲି କହୁନାହିଁ । କିନ୍ତୁ ମୋତେ ବି ବେଳେ ବେଳେ ଅତିଷ୍ଠ ଲାଗେ ଯେ, ବୋଉ ସବୁ ଜିନିଷ ପୂର୍ବ ଭଳି ହୋଇଯାଉ ବୋଲି ଚାହୁଁଛି ଯାହା କେବେ ବି ହେବନାହିଁ । ଏ ଘରର ଢ଼ାଞ୍ଚା ସେଇଦିନ ଠାରୁ ହିଁ ବିଗିଡି ଯାଇଥିଲା ଯେଉଁଦିନ ବୋଉ କୋମାକୁ ଚାଲି ଯାଇଥିଲା ।

ବୋଉ ଘରକୁ ଫେରିବା ପରେ ରିନି ଓ ଦେବ ସେମାନଙ୍କର ଭାବି ପତି ଓ ପତ୍ନୀ ସହିତ ସନ୍ଧ୍ୟା ସମୟରେ ଫୋନରେ କଥା ହୋଇ ପାରୁ ନଥିଲେ । କାହିଁକି ନା ବୋଉ ସେମାନଙ୍କୁ ସବୁବେଳେ ଆସି ପାଖରେ ବସି ରହିବା ପାଇଁ ଡାକୁଥିଲା । କୋମାରୁ ଫେରିବା ପରେ ବୋଉ ବହୁତ ଡରି ଯାଇଥିଲା କି କ'ଣ । ହଠାତ କାଳେ କ'ଣ ହୋଇଯିବ ବୋଲି ଭାବୁଥିଲା । ସବୁବେଳେ ବୋଉ ସହିତ ରହିବାକୁ ରିନି ଓ ଦେବ କୁଣ୍ଠାବୋଧ କରୁଥିଲେ । ମୋ ଭାଇ ଭଉଣୀଙ୍କୁ ଦୋଷ ଦେଇ ମୁଁ କଣ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାକୁ ଚାହୁଁଛି କି ? ମୋଟେ ନୁହେଁ । ମୁଁ ବି ସିଦ୍ଧାନ୍ତଙ୍କ ସହ ଫୋନ ରେ କଥା ହୁଏ । କିନ୍ତୁ ମୁଁ ବୋଉ ପାଖରେ ବସି ତାଙ୍କ ସହ କଥା ନହୋଇ ପାରିଲେ ସେ ଯେ ମୋ ଠାରୁ ଦୁରେଇ ଯିବେ, ଏ ଆଶଙ୍କା ମୋର ନଥାଏ । ସେତିକି ବିଶ୍ଵାସ ମୋର ତାଙ୍କ ଉପରେ ଅଛି । ଦୁରେଇ ଗଲେ ବି କାହାର କିଛି ଲାଭ ବା କ୍ଷତି ନାହିଁ । କାରଣ ଆମେ ବିବାହ କରିବାର ଯୋଜନା କରିନାହୁଁ । ଆମେ ଦୁହେଁ କିଛି ନ ହୋଇ ପାରିଲେ ବି ଭଲ ବନ୍ଧୁ ହିସାବରେ ରହି ପାରିଛୁ । ନା ମୋ ଉପରେ ତାଙ୍କର କିଛି ଅଧିକାର ନା ତାଙ୍କ ଉପରେ ମୋର । ଅଧିକାର ରହିଲେ କବଜା ହୁଏ ଏବଂ କବଜା ରହିଲେ ଚଢ଼ଉ କରାଯାଏ । ତେଣୁ ଆମେ ଦୁହେଁ ଏବେ ମୁକ୍ତ ଆକାଶର ବିହଙ୍ଗ ।

ରିନିର ଭାବି ପତି ଲଳିତ ଏବଂ ଦେବର ଭାବି ପତ୍ନୀ ସୁମିତ୍ରା ଥରେ ଦୁଇ ଥର ଆମ ଘରକୁ ଆସି ବୋଉକୁ ଦେଖି ସାରି ଗଲେଣି । ମୁହଁରେ ସେମାନଙ୍କର ବ୍ୟସ୍ତତା ଦେଖି ମୁଁ ସ୍ପଷ୍ଟ ରୂପେ ଜାଣି ପାରୁଛି ଯେ ବୋଉ ହସ୍ପିଟାଲରୁ ସିଧା ଶ୍ମଶାନ ଚାଲିଯାଇଥିଲେ ହୁଏତ ସେମାନେ ବେଶୀ ଆଶ୍ଵସ୍ତ ହୋଇଥାନ୍ତେ । ଏବେ ବୋଉ ଆସି ଦରମରା ହୋଇ ଘରେ ପଡିଛି । ନା ମରୁଛି ନା ବଞ୍ଚୁଛି । ତେଣୁ ତାଙ୍କର ବାହାଘରଟା ବି ସେମିତି ଶୂନ୍ୟେ ଶୂନ୍ୟେ ଝୁଲି ରହିଛି।

ଏବେ ତ ବାହାଘର ପ୍ରସଙ୍ଗ ଉଠାଇ ହେବନାହିଁ । କାରଣ ବୋଉ ଅଳ୍ପ ଦିନ ହେଲା କୋମାରୁ ଉଠିଛି । ଏଣେ ଯଦି ବୋଉର କିଛି ହୋଇଯାଏ ତେବେ ପୁରା ବର୍ଷେ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ବନ୍ଦ । ଲଳିତ ଆମର ଭାଇ ଭଉଣୀଙ୍କ ସାମ୍ନାରେ କହି ଉଠିଲା ଯେ ବୋଉର ଯଦି କିଛି ହୋଇଯାଏ, ତେବେ ଓଡ଼ିଆ ପାଞ୍ଜିରେ ସିନା ଶୁଭକାର୍ଯ୍ୟ ନିଷେଧ କିନ୍ତୁ ଅନ୍ୟ କେଉଁ ପାଞ୍ଜିରେ ପୁଣି ତାହା ସମ୍ଭବପର ହେଉଛି । ଲଳିତ ଯାହା କହିବ ଏଡ଼େ ପାଟିରେ କହିବ ଯେ ସାହିର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଶୁଭିବ । ସେ ଦାଣ୍ଡ ଘରେ କହୁଥାଏ ଏବଂ ତାହା ପଢ଼ା ଘର ପର୍ଯ୍ୟନ୍ତ ଯଦି ଶୁଣାଗଲା ତେବେ ପାଖ ରୁମ ଯୋଉଠି ବୋଉ ଶୋଇଛି ସେଠାରେ ଶୁଭିବା କିଛି ଅସମ୍ଭବ ନୁହଁ ।

ବୋଉ ଭଲରେ କଥା କହି ପାରୁ ନଥାଏ । ଖାଲି ଖଟ ବାଡରେ ତକିଆ କୁ ଆଉଜି ବସି ଆମକୁ ତା ' ପାଖରେ ବସିବାକୁ କହୁଥାଏ । ଯେଉଁଦିନ ରିନି ଲଳିତକୁ ନେଇ ବୋଉ ସହ ଭେଟ କରାଇଲା ବୋଉ କିଛି କହି ନଥିଲା ବରଂ ମୋତେ ହାତ ଠାରି ପାଖରେ ବସିବା ପାଇଁ ଡାକିଥିଲା । ବୋଉ କେଉଁ ଉଦ୍ଦେଶ୍ୟ ରେ ଏହା କରିଥିଲା ତାହା ଏବେ ମୁଁ ବୁଝୁଛି । ବୋଉ ପରୋକ୍ଷରେ ରିନିକୁ ଜଣାଇ ଥିଲା ଯେ ତାର ବଡ଼ ଝିଅ ଏ ପର୍ଯ୍ୟନ୍ତ ଅବିବାହିତା ରହିଛି । ରିନି ମୁହଁର ଭାବ ଗୋଟିଏ ଘାଇଲା ବାଘୁଣୀ ପରି ହୋଇ ଯାଇଥିଲା ଯାହା ମୋ ଆଖିରୁ ବାଦ ଯାଇ ନଥିଲା । ମଣିଷ ମାତ୍ରକେ ସ୍ୱାର୍ଥପର । ସୁତରାଂ ରିନି ବା ସେଥିରୁ ବାଦ ଯାଆନ୍ତା କିପରି । କିନ୍ତୁ ବୋଉ ବି ବୁଝିବା କଥା ଯେଉଁ ଘରେ ବଡ଼ ଝିଅ ବିବାହ କରି ଘର ସଂସାର କରିବାକୁ ଅନିଚ୍ଛୁକ ସେଠାରେ ସାନ ଭାଇ ଭଉଣୀ ମାନେ କ'ଣ ସାରା ଜୀବନ ତାକୁ ଅପେକ୍ଷା କରି ବସିଥିବେ କି ?

ସେଦିନ କିନ୍ତୁ ମୋତେ ବହୁତ କାନ୍ଦ ଲାଗିଥିଲା । କାହିଁକି ଜାଣେନି । ସିଦ୍ଧାନ୍ତ ମୋତେ ଭଲ ଲାଗନ୍ତି କିନ୍ତୁ ତାଙ୍କ ସହିତ ଘର ସଂସାର କରି ସମସ୍ୟା ର ଅଥଳ ଗର୍ଭରେ ବୁଡି ବୁଡି ବାହାରେ ହସ ଫୁଟାଇବାର କଳା ମୋତେ ଜଣା ନଥିଲା । ଆଉ ଯାହାକୁ ଜାଣିଛି ତା ସହିତ ଯଦି ସଂସାର ଗଢ଼ି ନ ପାରିଲି ଆଉ ଜଣେ ଅଜଣା ବ୍ୟକ୍ତି ସହିତ କିପରି ସାରା ଜୀବନ ପାଇଁ ଛନ୍ଦି ହୋଇ ରହିବି । ସୁତରାଂ ଅବିବାହିତ ରହିବା ହିଁ ମୋ ପକ୍ଷରେ ଶ୍ରେୟସ୍କର ଥିଲା। ଦୁଃଖ ଲାଗୁଥିଲା ବୋଉ ପାଇଁ ଯେ କି ଏପରି ଅବସ୍ଥାରେ ବି ମୋ କଥା ଭାବୁଛି ହେଲେ ତାର ଏ ଅବସ୍ଥାରେ ମୁଁ କୌଣସି ବିଷୟରେ କହି ତାର ଟେନସନ ବଢ଼ାଇବାକୁ ଚାହୁଁ ନଥିଲି ।

ବୋଉ ଘରକୁ ଆସିଲା ପରେ ମାତ୍ର ଦୁଇ ସପ୍ତାହ ଆମ ସହିତ କଟାଇଥିଲା । ବୋଧେ ସେ ତାର ପିଲା ମାନଙ୍କୁ ଅସହାୟ ଅବସ୍ଥାରେ ଛାଡି ଚାଲି ଯିବାକୁ ଚାହୁଁ ନଥିଲା । ତେଣୁ ବଞ୍ଚିବାର ମୋହ ଯୋଗୁଁ କୋମାରୁ ବାହାରି ଚାଲି ଆସିଲା ସିନା କିନ୍ତୁ ଆସିଲା ପରେ ଅଳ୍ପ କେତେ ଦିନ ରହି ଦେଖିଲା ଯେ ତା ବିନା ତା ପିଲାମାନେ ନିଜେ ନିଜର ରାସ୍ତା ବାଛି ବଞ୍ଚିବାର କଳା ଶିଖି ଗଲେଣି । ବରଂ ସେ ନିଜେ ଏବେ ଅନ୍ୟ ମାନଙ୍କର ମୁଣ୍ଡ ବଥାର କାରଣ ହେଉଛି । ତେଣୁ ଏଠାରେ ତାର ରହିବାର ଆବଶ୍ୟକତା ଆଉ ନାହିଁ । ଦିନେ ରାତିରେ ଖାଇପିଇ ଶୋଇଥିଲା ଏବଂ ତହିଁ ପରଦିନ ଆଉ ଉଠି ନଥିଲା ।

ବୋଉ ସମସ୍ତଙ୍କ ରାସ୍ତାରୁ ଅଚିରେ ହଟି ଯାଇଥିଲା । ବୋଉର ସତ୍କାର କାର୍ଯ୍ୟ ସବୁ ସରିବା ପରେ ରିନି ଓ ଦେବ ଅନ୍ୟ କେଉଁ ପାଞ୍ଜିକୁ ଅନୁସରଣ କରି ବିବାହ କଲେ ମୃତ୍ତିକିୟା ଦୋଷ ଲାଗିବ ନାହିଁ ବୋଲି ନିଜ ନିଜର ଭାବି ଜୀବନସାଥି ମାନଙ୍କ ସହିତ ବିଚାର ବିମର୍ଷ ଚଳାଇ ଥିଲେ । ସିଦ୍ଧାନ୍ତ ଏବଂ ମୁଁ ଦୁଇଟି ସମାନ୍ତରାଳ ରେଖା ଭଳି ଚାଲିଥିଲୁ ଓ ନିୟମିତ ସେ ମୋତେ କେମିତି ମାନସିକ ଭରସାମ୍ୟ ରଖିହେବ କିପରି ଧୈର୍ଯ୍ୟ ଧରି ବୋଉର ଦୁଃଖ କୁ ସମ୍ଭାଳି ହେବ ଇତ୍ୟାଦି ଗୁଡ଼ାଏ ଉପଦେଶ ଦେଇ ଚାଲିଥିଲେ । ମୁଁ ଧୀରେ ଧୀରେ ଅନୁଭବି ର ନଜରରେ ହୃଦୟଙ୍ଗମ କରୁଥିଲି ଯେ ସଂସାର ଏମିତି ଚାଲିଛି ଓ ଚାଲୁଥିବ । କାହାରି ଅବର୍ତ୍ତମାନରେ କେହି ଭାସି ଯାଆନ୍ତି ନାହିଁ ।

■■■

ବ୍ରହ୍ମପୁର
ମୋ : ୯୪୩୭୭୩୭୫୫୦୧



## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର
## ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ
## ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ YOUTUBE
## ମାଧମରେ ଏକ ସାକ୍ଷାତକାର କାର୍ଯ୍ୟକ୍ରମ

ଆଳାପ

ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/UCP8TIAy8I8b-SBPaJWnCLKg

# ପଦ୍ୟ ବିଭାଗ



# ଅହଲ୍ୟା

ବିଦ୍ୟାଧର ଗୁରୁ



ମୁଁ ତ କରି ନଥିଲି ସ୍ମରଣ
ତୁମକୁ କେବେ
ମୋତେ ଆଲିଙ୍ଗନ କର
ଗଭୀର ଆଶ୍ଲେଷରେ
ତୁଟିଯାଉ ସବୁ ଅଭିପ୍‌ସା
ଦେହ ଓ ମନର ।

ମୁଁ ଘାରି ହେଉଥିଲି
ଐହିକ ସୁଖରେ
ଅଭିସାରିକାର ମନ ନେଇ
ଚାହିଁଥିଲି ଦିନ ଦିନ ବର୍ଷ ବର୍ଷ
କିନ୍ତୁ ତୁମେ ପାଖରେ ଥାଇ ବି
ଥିଲ ବହୁ ଦୂରରେ ।

ଏବେ କେହି ଜଣେ
ତୁମେ-ହୋଇ ଆସିଲ
ଜଡ଼େଇ ଧରିଲ ମୋତେ
ଆଲିଙ୍ଗନ କରି ଭିଜେଇ ଦେଲ
ମୋର ଦେହ
ଅଜାଡ଼ି ଦେଲ ସବୁକିଛି ।



ମୁଁ ଦେବୀ ନୁହେଁ ନାରୀଟିଏ
ଖୋଜିପାଉନି
ଭୁଲ ଠିକ୍‌ର ହିସାବ ।
କେତେ-କାଳୁ ପାଷାଣୀ ହୋଇ
ଅପେକ୍ଷା କରିଛିଶ୍ରୀଚରଣର
ରେଣୁଟିକେ ପାଇଁ
ସଚକ୍ଷୁରେ ଦେଖିବି
ଦୂର୍ବାଦଳ ରାମ
ଇତି ହେବ ଜୀବନ-ଯନ୍ତ୍ରଣା ।

■■■

ୟୁନିଟ୍ -୯, ଭୁବନେଶ୍ୱର

# ଶକୁନ୍ତଳା

ଶିବପ୍ରିୟା ମିଶ୍ର





ଦୂରରୁ ଶୁଭୁଥିଲା କିଛି ଶବ୍ଦ
ଧନୁରେ ତୀର ଯୋଚା ଶବ୍ଦ
ତ୍ରସ୍ତା ହରିଣୀର ଚାହାଣୀର ଶବ୍ଦ
ଶିର୍ ଶିର୍ ଦେହ ଥରୁଥିବା
ଗଛଲତା,ଫୁଲ ଆଉ ଫୁଲେଇ ନଈର
ପଣତ ଗୋଟେଇ ନେବାର ଶବ୍ଦ,
ଅସମୟ ସମୟର ଶବ୍ଦ
ଅନାହତରେ ଅନନୁଭୂତ ଶବ୍ଦ।

ଅଧୀର ହୃଦୟ!!

ଲତାକୁଞ୍ଜର ମଧୁର କାକଳି
ସବୁଜିମାର ଭିଜା ଭିଜା ହସ
ପବନର ହାତ ଧରି ଝୁଲୁଥିବା
ସରୁଆ ଡାଳର ନହକା
ଫୁଲକଢିର  ରାଗ ଅନୁରାଗ
କାହାକୁ ବା କରେନାହିଁ ବିମୋହିତ?

କିଛି ବି ବିଚିତ୍ର ନୁହଁ,
ଫୁଲଙ୍କର ଗୋଟେ ମାତ୍ର ତୀର୍ଯ୍ୟକ୍
ଚାହାଣିରେ ମନ ହାରିଯିବା
ତାରା ଭର୍ତ୍ତି ଆକାଶର ଐଶାନ୍ୟ
କୋଣରୁ ଭାସି ଆସୁଥିବା
ଗୀତର ମାୟାରେ ମସ୍ ଗୁଲ୍ ହେବା
ସ୍ବାଭାବିକ ସମୁଦ୍ରର ନୀଳ ଲହରୀକୁ
ଦର୍ପଣ ଭାବିବା,ମାଟିକୁ କାନ୍ ଭାସ୍ କରି
ଆଙ୍କି ଦେବା ନିଜ ମୁହଁ,ପ୍ରେମିକର ମୁହଁ।

ସମୟ ହାତରେ ଯୋଚା ପ୍ରତ୍ୟଞ୍ଚା କି
କେବେ ବ୍ୟର୍ଥ ହେଇପାରେ?
କି ସତରେ ଅଟକି ଯାଏ ଶର କାହାରି
ନା କାହାରି ମନା କରିବାରେ?
କୋଉଠି ଅଟକି ଗଲା ହାତ
କାଳିଦାସ??
ହରିଣୀଟେ
ଭାବୁଥିଲା ମରୁ ମରୁ
ବଞ୍ଚିଗଲା ବୋଲି,
ହେଲେ ଠିକ୍ ଫୁଟିଥିଲା
ଶର ବକ୍ଷ ଭେଦକରି।
ନା,ଦେଖିବାକୁ
ଶରଟେ ନ ଥିଲା ସେଠି
ଥିଲା ଖାଲି
ଗହୀରରୁ ଗହରେଇ ଯାଉଥିବା
ମଧୁର କ୍ଷତଟେ,ଅଚିହ୍ନା ପ୍ରେମର
ପୁଲକିତ ଛୁଆଁଟିକେ ମାତ୍ର।

■■■

ସଦସ୍ୟା ଓଡ଼ିଶା ସାହିତ୍ୟ ଏକାଡେମୀ,
ଝାରସୁଗୁଡ଼ା,
ମୋ:୯୮୬୧୨୩୪୨୧୧



# ଉଇ ଖିଆ ପୁର୍‌ଥି

(କୋଶ୍‌ଲୀ କବିତା)

**ସରୋଜ କୁମାର ଶତପଥୀ**



କୁହୁଲିଆ ଆକାଶ୍
ସକାଲ୍ ସକାଲ୍ ଦେଖ୍‌ଲା ବେଲ୍ କେ
ଉଇ ଖାଇ ଦେଇଛେ ମୋର୍ ଏଟ୍‌ଲାସ୍ କେ
ଆର୍ ଉଇ କୀର୍‌ହାର୍ ପେଟ୍ ଭିତ୍‌ରେଁ
ଆମର୍ ପୁର୍‌ଥି ଉଭାନ୍ ।

ଉଭାନ୍ ହେଇ ଯାଇଛେ
ଆଲପ୍‌ସ୍, ଆର୍ ହିମାଲଏ
ଏସିଆ, ଆଣ୍ଟାର୍କ୍‌ଟିକା,ଗଙ୍ଗା, ଆମାଜନ୍,
ସବୁ ମାଟି ମିଶି ଯାଇଛେ ।

କିଏ ଛୋଟ୍ କିଏ ବଡ୍
କିଏ ଜିତା, କିଏ ବିଜେତା,
ସବ୍‌କର୍ ପରିଚଏ କେ ହଜମ୍ କରି କରି
ଚରି ବୁଲୁଛନ୍ କେତ୍‌ନି କେତେ
ଧୋବ୍ ଧୋବ୍ ଉଇ କୀର୍‌ହା ।

ତଥାପି ବି ମୁଇଁ ଖୁଜି ବସୁଛେଁ
ଉଇ କୀର୍‌ହାର୍ ପେଟ୍ ଭିତ୍‌ରେଁ ଥିବାର୍
ମୋର ପୁର୍‌ଥିକେ, ତାର୍ ଜନ୍ ଜୀବନ୍
ତାର୍ ପାହାଡ୍, ପର୍ବତ୍, ନଏଦ୍ ଝର୍‌ନା କେ,
ଆର୍ ତାର୍ ସିର୍‌ଜିନାର୍ ସୁନ୍ଦର୍‌ତା କେ ।

ଇନେ କା'ର୍ କିଛି କର୍‌ବାର୍ ନାଇନ
ଭାଇଚାରା ହଉ କି ହିଂସା ଅହଁକାର
ସବୁକିଛି ଇନେ ଶୁଇନ୍ ଆଏ
ଉଇ ହୁଁକାର୍ ମାଏଟ୍ ମୁଠେ ବାଗିର୍ ।

ହେଲେ ମୁଇଁ ଦେଖି ପାରୁଛେଁ...

ଦେଖ ତ', ହେ ଉଇ ଘରର୍ ମାଏଟ୍ ମୁଠେଥି
ଆମର୍ ପୁର୍‌ଥି ଫେର୍ ଥରେ ପାଆଁଲି ଉଠୁଛେ ଯେ !!

■■■

ପ୍ଲଟ୍ ନଂ -୭୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର -୭୫୧୦୦୨
ମୋ : ୯୯୩୭୧୨୮୫୪୭

# ବିନ୍ ବିହା ହେଇ ନାଇଁ ମରେଁ

(କୋଶଲୀ କବିତା)

ପ୍ରଜ୍ଞା ଦର୍ଜୀ ମହାପାତ୍ର



ଇ'ବଛର୍ ନୁ
ବତିଶ୍ ପୁରି ତେତିଶ୍ ଚାଲ୍ଲା ମତେ
ପଡ଼ା ପାଟ୍‌କର୍ ସଭେଁ କହୁଛନ୍
ଦର୍‌ବୁଢ଼ା ହେଲୁନ ବୋ'
ବିହା ହେଇଦେ ନାଇହେଲେଁ ଆର୍
ଟୁକେଲ୍ ନାଇଁ ମିଲେ ତତେ ।

ଜୁଆନ୍ ବଏସ୍ ମୋର୍ ଗଡ଼ି ଯାଉଛେ
ଦର୍ ବୁଢ଼ା ହେଇ ଆସ୍‌ଲି ନ
ଝଡ଼ି ଗଲାନ ମୋର ମୁଡ଼ର୍ ବାଏଲ୍
ମୁଁଇ ଟୁକେଲ୍ ଖୁଜି ଖୁଜି ଥକ୍‌ଲି ନ ।

ଲୋକ୍ ଡାକ୍‌ଲେ ନ ଅଙ୍କଲ ବଲି
ଭାବ୍‌ଲେ ଲାଗ୍ ସି ଛି'!
ବିହା ହେବାର୍ ଟା ଆର୍ ଡେରି ହେଲେ
ଛୁଆ ଦିଶୁଥିବା ନାତି ଆର୍
ମାଏଝି ଦିଶ୍‌ବା ଝି'!
ପୁତ୍‌ରା କହୁଛେ କାକୀଟେ ଆନ୍
ଆର୍ ବହେନ୍ କହୁଛେ ବହୁ
ଦଦା କହୁଛେ ଭାଏବହଟେ ଆନ୍
ଆର୍ ମାଁ କହୁଛେ ବହ ।
ଯିଏ ଦେଖୁଛେ ନାକ୍ ଟେକୁଛେ
ମତେ କିଏ ବିହା ହେବା କହ ?





ଚାକ୍‌ରୀ ବାକ୍‌ରୀ ସବୁଥାଇକରି
ଟୁକେଲ୍ ନାଇଁ ମିଲୁଛେ ମତେ
ଘରେଁ ବାହାରେଁ ସଭେଁ କହୁଛନ୍
ମୁଇଁ କା'ଣା କର୍‌ମି ସତେ ?

ନିଜର୍ ବଲି କରି ଯାହାକେ ଭାବ୍‌ଲି
ସେ ଦେଲା ମତେ ଚହଁରା
ମିଠା ମହୁ ବଲି ଯାହା ମୁଇଁ ପଇଲିଁ
ମୋର୍ ଟଁଟି ନ ସାଜ୍‌ଲା ମହରା ।

ଦର୍‌ବୁଢ଼ା ମତେ ସଭେଁ ମାଁ (ଘଁଟାସୁନୀ)
କହୁଛନ୍
ତୁଇ ଏକା ମୋର୍ ସାହାରା
ସବୁକଥା ତୋର୍ ନେ ଗୁହାରୀ କରୁଛେଁ
ପାଏମି ବଲି ତୋର୍ ଆସରା ।

ଦୟା କଲେ ମାଁ ଘଁଟାସୁନୀ ତୁଇ
ବିହା ହେଇ ପାର୍‌ମି ମୁଇଁ
ବିନ୍ ବିହା ହେଇ ନାଇଁ ମରେଁ ବଲି
ତୋର୍ ପାଶେ ମାଁ ଆସିଛେଁ ଧାଇଁ ।

■■■

ଦର୍ଜୀ କମ୍ପ୍ଲେକ୍ସ, ମେନ୍ ରୋଡ଼, ଟିଟିଲାଗଡ଼,
ମୋ : ୭୯୭୮ ୭୫୩୪୪୦

# ଆଡ୍ ବଏଁଶୀ

(କୋଶ୍‌ଲୀ କବିତା)

ପଞ୍ଚାନନ ତାଣ୍ଡି





ଆଡ୍ ବଏଁଶୀ
ଫୁଲ୍ ଫୁଟାସି ବଗ୍ ବଗାନୁ
ଡହକ୍ ବିକଲ୍ ସାଗରସିଆ ଉଛ୍‌ଲା ପାଏନ୍‌ନୁ
ନାଚୁଛେ ଜମ୍‌ନା ଜଲ୍ ରାଧାଗୁରୀ କଲ୍‌ବଲ୍
ସାତ୍ ସୁର୍‌କେ ଚହଲେଇ ମନ୍
ଧନ୍, ଜନ. ଜୀବନ୍, ଯଉବନ୍ କେ
ଖେଲାସି ଯାହା ଇଛା
ଅସଲ୍ ଜାଗାନୁ ଫସଲ୍ କଟାନୁ
ଯାହା ତ କଲା ନନ୍ଦର୍‌ବଲା ଗୋପଦାଣ୍ଡରେ
ସର୍ ଲବ୍‌ଣୀଚୁରେଇ ନେଇ ଦଧୀ ଭାଣ୍ଡରେ
ଗୁପସାରା ଚାଖି ମାକଡ୍ ମାନ୍‌କେ ଡାକି
ହେଟେଇ ହେଁସି ଗୁପ ଭୁବନୁ
କଲା ଭମର୍ ତର୍‌ବରାସି ପହଁ ପହଁନୁ
ହଲ୍‌ଦୀମାଖି ରହିଛେ ଟାକି କଲାକାନ୍‌ହୁ କେ
ଝଜର୍ ଝଲିଆ ମୟୁର୍ ଚୁଲିଆ
ବେନୁପାନି କେ
ରଖିଛେ ନିଘା କଦମ୍ ତଲେ
କୁଁଜ୍‌ରା ଡକାନୁ ।

■■■

ସତୀଘାଟ, ଟିଟିଲାଗଡ଼
ମୋ : ୭୦୦୮୨୭୭୪୯୮

# ଏମାନଙ୍କ ଜୀବନ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ଏମାନଙ୍କ ଜୀବନ ଗଡ଼ା ଯେମିତି
ଗଛତଳ, ପୋଲ ଆଉ ପରିତ୍ୟକ୍ତ କୋଠା
ଭବିଷ୍ୟତ ନାହିଁ ଅନ୍ୱେଷଣ ଅବା ପ୍ରତିକାର
ଅତୀତର ସ୍ମୃତି ନାହିଁ, କେବଳ ବଞ୍ଚିବାର
ଦୁର୍ବାର ଲାଳସା, ବର୍ତ୍ତମାନ ସମୟର ।

ଏମାନଙ୍କ ଜୀବନ ନିର୍ଜନରେ, ଏକାନ୍ତରେ
ସ୍ୱପ୍ନ ନାହିଁ ଆଶ ଅବା ଆକାଙ୍‌କ୍ଷାର
କେବଳ ମୁଠାଏ ଖାଦ୍ୟ ଅନ୍ୱେଷଣ
ହେଉ ଆହାର ଅବା ପଥ ପ୍ରାନ୍ତର ।



ଖାଦ୍ୟ ହିଁ ସୁରକ୍ଷା, ଯୋଜନା କେବଳ
କେଣ୍ଡଇ ଅବା ବେଲୁନ୍ ଉପହାର
ବଂଶୀ ଆଉ ଶାହାନାଇ, କେବଳ ସମ୍ବଳ
ଜୀବନ ଆଉ ଜୀବିକାର ଏମାନଙ୍କ ଜୀବନ ।

ନୁହେଁ ପୂଜାପାଠ, ଉପାସନା ନୀତି
କର୍ମ, ଧର୍ମ ଆଉ ପାପ ପୂଣ୍ୟର
ଜୀବନ ପଥରେ ଗତି ହିଁ ପ୍ରଗତି
ହେଉ ସ୍ଥିର ଅବା ଚଞ୍ଚଳ ।

■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୭୫୮୮୭୭୫୫୨

# ମୁହୂର୍ତ୍ତ

**ଯୋଗେଶ ମିଶ୍ର**



ତୁମକୁ ଖୋଜିବାର
ଅଶାନ୍ତ ଯାତ୍ରା
ପ୍ରଶମିତ ହୁଏ ନାହିଁ କେବେ
ପଥ ଜମା ସରେ ନାହିଁ
ଜନ୍ମ ଜନ୍ମାନ୍ତର
ଦୂରାଗତ ବାଟୋଇ ମୁଁ
ଜାଣେନା କେଉଁଠି
ଏ ଯାତ୍ରାର ଶେଷ
ତୁମକୁ ପାଇବାର
ଅଶାନ୍ତ ଶୋଷ
ବ୍ୟାପିଯାଏ ଶିରା ପ୍ରଶିରାରେ
ଏକ ନିର୍ବୋଧ ଭଳି
ମୁଁ ଘୂରିବୁଲୁଥାଏ
ଅର୍ଥହୀନ ମହାଶୂନ୍ୟତାରେ
ଶେଷ କରି ଦିଅନ୍ତନି
କ୍ଳାନ୍ତ ଅନ୍ୱେଷଣ ମୋର
ତୁମକୁ ପାଇବାର
ପ୍ରୀତିପୂର୍ଣ୍ଣ ପ୍ରତ୍ୟୟରେ
ମୁଁ ହଜି ଯାଆନ୍ତି
ଏକ ବିଭୋର ମୂହୁର୍ତ୍ତରେ ।



■■■

ଟିଟିଲାଗଡ଼, ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ବୈଶାଖର ଦଲିଲ୍

ବସନ୍ତ ମାଝି



ବସନ୍ତର ଦଗ୍ଧ ମେଖଳାରେ କିଆଁ ଲେଖ ତାତିର ଭାସ୍କର୍ଯ୍ୟ
କିପାଇଁ ଡାକି ଆଣ ହେ ବୈଶାଖ କ୍ରୋଧିତ ଝାଞ୍ଜିର ସୂର୍ଯ୍ୟ ,
କିଆଁ ଏଇ ଯୁଦ୍ଧ ବିଭୀଷିକା ସନ୍ତ୍ରାସୀର ତୀକ୍ଷଣ ତରବାରୀ
ଗଢ଼ି ମୁଁ ପାରୁନି କିଲ୍ଲା ଗଡ଼ ,ତୁମ ପାଇଁ ବର୍ଲିନ ପାଚେରୀ ।

ଖଇଫୁଟା ତାତିର ରାଇଜେ ତୃଷ୍ଣା ର ଅମାପ ରାଜୁତି
ଜାଳି ଦେଲ କୋଇଲିର ସ୍ୱର ବାସ୍ତୁହରା ହୋଇଯାଏ ସ୍ମୃତି ,
ନିଆଁର ଚାବୁକ ଧରି ମାଗୁଅଛ ଶ୍ରାବଣୀ କୋମଳ ଯୌବନ
ଛାତିକୁ ଶୁଖାଇ ନଈ ମାଗିହୁଏ ନବ ମଧୁର ଜୀବନ ।



ସବୁଜ ପ୍ରଶାନ୍ତି ପାଇଁ ଝରି ପଡେ ଅତୃପ୍ତିର ପତ୍ରର ମହଲ
ମୌସୁମୀ ମୁରୁଜରେ ସୃଜନର ସମ୍ଭାବନା କରେ କୋଳାହଳ ,
ଏ ସମାଜ ବୈଶାଖୀ ଦେହେ ପ୍ରଳୟର ଅଣୁ ପରମାଣୁ
ପ୍ରେମର ନୟନେ ଦିଶେ କଳା ମେଘେ ସାତରଙ୍ଗୀ ଇନ୍ଦ୍ରଧନୁ।

ହେ ବୈଶାଖ ପଢିଛି ଦଲିଲ ତୁମ ଭବିଷ୍ୟତ ଗାନ
ଆଶାର ସବୁଜ ଶାଖାରେ ତବ ଆଶିଷର ଅହିର ଗର୍ଜନ
ମୁକ୍ତ ମନ ଆଶ୍ଳେଷର ଚେତନାରେ ନିଦାଘ ପ୍ରଲେପ
ସତ୍ୟର ଅମୃତ ବଜାର ଲୋଡେ ନାହିଁ ତଲ୍ଲୀନତା ଗପ।

ମୋ ବେଦନା ପାଣ୍ଡୁଲିପି ଦେଲି ହେ ବୈଶାଖ ସୁଖର ଭିକ୍ଷାରେ
କର ମୋତେ ରୁଦ୍ର ଅଗ୍ନି ଶିଖା ତବ ଅମାନିଆ ଘୂର୍ଣ୍ଣିର ଲହରେ
ପ୍ରାଚୁର୍ଯ୍ୟର ପୃଥିବୀରେ କରିବି ମୁଁ ଅନ୍ୱେଷଣ ହୃଦୟ ମିଶ୍ରଣ
ତୃଷିତ ଏ ସୂର୍ଯ୍ୟ ଆଣେ ଏ ମାଟିରେ ଯେମିତି ଔଦାର୍ଯ୍ୟ ଶ୍ରାବଣ।

■■■

ଏମ୍. ଆଇ. ଜି.(୧) ୧୯/୨ ,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୮୭୨୧୯୨୫

# ପ୍ରାଣ ପ୍ରତିଷ୍ଠା

ପ୍ରଫେସର ବୀଣାପାଣି ତ୍ରିପାଠୀ



ପୃଥିବୀର କବାଟ କୁ ଆଉଜେଇ
ଅନୁରାଗ ଓ ଆବେଗ କୁ ନିହଣ ମୁଗୁର କରି
ଯୁଗ ଯୁଗ ଧରି ଆମେ ଗଢି ଚାଲିଥିଲେ
ଏକାନ୍ତ ତନ୍ମୟରେ
ପ୍ରୀତିର ତରଳ ମୂର୍ତ୍ତି
ମୁହୂର୍ତ୍ତେ ଘୁମାଇ ପଡିଲେ ବୋଲି
କବାଟ ରେ ଠକ୍ ଠକ୍ କଲା ସମୟ
ଅସମୟରେ ଆମେ ହାତ ବଢାଇଦେଲେ
ଆଣିଲେ ଅସହାୟତାର ଦଣ୍ଡ
ଠିକ୍ ସେତିକି ବେଳେ ମୁରୁଝି ଗଲା
ଯେତେକ ଫୁଲଗଛ
କୋଇଲି ମାନେ ଭୁଲିଗଲେ କୁହୁତାନ
ନଈ  ଭୁଲିଗଲା କୂଳ
ଆମେ ଭୁଲିଲେ ପଥ
ଆମ ଅଧା ଗଢ଼ା ମୂର୍ତ୍ତିମାନେ
ନିହଣର ସ୍ପର୍ଶ ପାଇଁ ଗୁମୁରି ଉଠିଲା ବେଳେ
ଆମେ ହଜିଗଲେ କାଳରୁ କାଳନ୍ତକ
ଆମେ ବିବଶ ସମୟ ହାତରେ...
ଆମେ ଦୁଇଟି  ମୂର୍ତ୍ତିକାର
କ୍ରମଶଃ ମାଟିରେ ମିଶିଯାଉଥିଲେ
ପଥିକ ପଥରେ ମିଶିବା ପରି
ପକ୍ଷୀ ଆକାଶରେ ଲୁଚିବା ପରି
ପଛରେ ରହିଗଲା ଆମ  ମୂର୍ତ୍ତିଶାଳା
ପଡି ରହିଲା  ଘର ଦ୍ୱାର
ଆମ ପରିଚିତ ସହର
ଭୁଲିଲେ ବି ପ୍ରତିଜ୍ଞା
ଆମ ହାତ ଗଢ଼ା ମୂର୍ତ୍ତି ର
ପ୍ରାଣ ପ୍ରତିଷ୍ଠାର...!!



■■■

ମଧୁବନ, ଢେଙ୍କାନାଳ

ଦଶମ ସଂଖ୍ୟା,୧ ଅପ୍ରେଲ ୨୦୨୩

# ସ୍ୱର୍ଗ

ଯଶୋବନ୍ତ ସେଠୀ





ମାତ୍ର ଗୋଟିଏ ଓଳି ରହି
ମୁଁ ଫେରିଆସିଲି ।

ସେଠି ରହିବା ବଡ ମୁସ୍କିଲ୍ ହୋ ସଭାଜନେ  !
ରାଜନୀତି ଫାଜନୀତି କିଛି ଚଳେନା
ସେଠାକାର ପିଅନ୍
ହାତଗୁଞ୍ଜା ରଖିଲାନି ,
ରାସନକାର୍ଡ ହିତାଧିକାରୀଟିଏ ହେବାକୁ
ସତରେ ଗରିବ ନହେଲେ ନଚଳେ
ସେଠାକାର ବଗିଚାରେ ବିନା ସାର ବିଷରେ
ନଡ଼ିଆ, ଆମ୍ବ, ପିଜୁଳି ଫଳେ ।

ସେଠି ବି ଆମ ଅଙ୍କ ସାର୍ ଥିଲେ
ଯେଉଁ ଛାତ୍ରର ଗୁଣନ ହରଣ ମାନସାଙ୍କ
ଭୁଲ୍ ହେଉଥିଲା ବୁଢା ତାକୁ
ଗୋଲାପ ଫୁଲରେ ପିଟୁଥିଲେ ।



ମାଛିକୁ 'ମ' କହୁନଥିବା ତଥା
ବାପା ହେବା ପୂର୍ବରୁ ଈଶ୍ୱର ଫେରନ୍ତ ନେଇଥିବା
ପ୍ରଫୁଲ୍ଲାଇ ଥିଲେ ସେଠାକାର ଚେୟାରମ୍ୟାନ୍
ମର୍ତ୍ତ୍ୟରେ କିଛି ବାଡିପଡାଙ୍କ ଦ୍ୱାରା
ଅତ୍ୟାଚାରର ଶିକାର ହୋଇଥିବା
ଶୋଷିତା, ଲୁଣ୍ଠିତା,ନିଷ୍ପେଷିତା ତଥା
ଅଳ୍ପ ବୟସରେ ଚାଲି ଯାଇଥିବା
ମହିଳା ମାନେ ଗଢିଥିଲେ
ୱମେନ୍ ଆସୋସିଏସନ୍ ଅଫ୍ ଦ ହେଭେନ୍ ।

ହକି ୱାର୍ଲ୍ଡକପର ଟିକେଟ୍
କିମ୍ବା ଭି ଆଇ ପି ପାସ୍ ଟିଏ ପାଇନଥିବା ' ମୁଁ '
କିପରି ସ୍ୱର୍ଗକୁ ପାସ୍ ପାଇଲି ଜାଣେନି
(ସେଇଥିପାଇଁ ବୋଧେ ଫେରାଇଦେଲେ )
କିନ୍ତୁ ଫେରିବା ବାଟରେ ପକେଟ୍ ଅଣ୍ଡାଳୁ ଅଣ୍ଡାଳୁ
ଚିର୍କୁଟିଟିଏ ପାଇଲି , ଯୋଉଥିରେ ଲେଖାଥିଲା
ସ୍ୱର୍ଗ କିମ୍ବା ନର୍କ ନୁହେଁ
"ଯେ ଯାହା କର୍ମଣିର ଫଳେ
ଭୋଗ ଭୁଞ୍ଜନ୍ତି ମହୀତଳେ"
ହରିବୋଲ.... ।

■■■

୩ ଆର/ ୨ , ମ୍ୟୁଜିୟମ୍ ଅଞ୍ଚଳ
ବି.ଜେ.ବି ନଗର, ଭୁବନେଶ୍ୱର



# କବିତାଲେଖା

ଅଧାପକ ଅଜୟ ପଟ୍ଟନାୟକ

ବଂଧୁମାନେ ମୋତେ ଡାକିଲେ
ଆସୁନାହାଁନ୍ତି କବିତା ଆସରକୁ
କହିଲି, ନା,ମୁଁ ଗପ ଲେଖେ,
ନିବନ୍ଧ ଲେଖେ, କବିତା ନୁହେଁ ।
କିନ୍ତୁ ମୁଁ ଭଲ ପାଏକବିତାକୁ ।
ତା'ର ଚପଳତାକୁ, ତା'ର ଅଙ୍ଗଭଙ୍ଗୀକୁ,
ତା'ରରୂପ ସଜ୍ଜାକୁ,
ତା'ର ପୋଟଳଚିରା ଆଖିର କଟାକ୍ଷକୁ
ତା'ର ଲାସ୍ୟମୟୀ, ହାସ୍ୟମୟୀ ବେଶଭୂଷାକୁ ।
ଠିକ୍ ଗୋଟେ ଶାଢୀ ପିନ୍ଧା ରୂପସୀ ଭଳି ,
ସେ ଆକର୍ଷିତ କରେ ମତେ ।
ତା' ଆଖିର ଅବୋଧ ଠାଣି
ମୋତେ ପକାଇଥାଏ ଦ୍ୱନ୍ଦ୍ୱରେ ।
ମୁଁ ଭାବେ ସେ ବୋଧେ ମୋତେ ପାଏନା ଭଲ
ନ'ହେଲେ...
କାହିଁ ସେ ତ ଆସି ଛୁଇଁନାହିଁ କେବେ
ମୋର ହୃଦୟ ତନ୍ତ୍ରୀକୁ, ନିରୋଳା ମୁହୂର୍ତ୍ତରେ ।
ବାଲକୋନିରେ ବସି, ଚମ୍ପାଗଛରେ ଚଢେଇର
ବସା ତିଆରି ଦେଖୁଥିବା ବେଳେ,
ବୁଦ୍ଧ ପାର୍କର ସିମେଣ୍ଟ ବେଞ୍ଚରେ ଆଉଜି, ଆଖିବୁଜି
କୋଇଲିର କୁହୁ ଶୁଣୁଥିବା ବେଳାରେ ।
ବସ୍‌ର ଝଟକା ଦେଇ ଅଶିଣର ବିରୂପା ନଈ ପଠା,
କାଶତଣ୍ଡୀ ଫୁଲରେ ପବନ ଲହଡି ଭାଙ୍ଗୁଥିବା କ୍ଷଣରେ,
ଗୋଧୂଳି ଆକାଶରେ ଚିତ୍ରର ବର୍ଣ୍ଣାଳୀ ଆଙ୍କି
ପକ୍ଷୀଙ୍କ ନୀଡ ବାହୁଡା ମୁହୂର୍ତ୍ତରେ
ଜୋଛନା ରାତିରେ ପୁରୀର ବେଳାଭୂମିରେ
ସାଗର ନାଚୁଥିବା ସମୟରରେ ।
କିନ୍ତୁ,
ମୁଁ ତାକୁ ପାଉଥିବି ଭଲ
ଦୂର ପରବତ ଭଳି
ସ୍କୁଲ ବେଳର ଏକତରଫା ଭଲପାଉଥିବା
ପ୍ରେମିକା ପରିହୃତ ଅତୀତଭଳି ।



■■■

ନୈମିଷାରଣ୍ୟ, ଜି.ଏ. ୧୧୬. ନିଳାଦ୍ରୀବିହାର
ମୋ- ୯୪୩୭୧୨୮୧୭୯

# ପିଲାଦିନ

**ବିଷ୍ଣୁପ୍ରିୟା ମହାପାତ୍ର**



ମନେପଡେ ସେଇ
ମାଆ ମାଟି ଅଗଣାର ଘର
ଯେଉଁ ଠାରେ ପଡେ
ସୂର୍ଯ୍ୟରପହିଲି କିରଣ,
ଅଗଣା ରେ ମୁଢ଼ି ଖିଆ
ବହି ବସ୍ତାନି ଧରି ପଢ଼ିବା ର ଅଭିନୟ,
ଘଡ଼ି ଘଡ଼ି ମାଆ' ର ବାଡିଧରି ଡରାଣ,
ପଣିକିଆ ଘୋଷିବାର ଯମଯନ୍ତ୍ରଣା
ମନେପଡ଼େ ସେଇ ପିଲାଦିନ।
ସ୍କୁଲରେ କାନମୋଡା,ବେତମାଡ,
ଅବଧାନଙ୍କ ଛାଟ,
ଖାଇଛୁଟି ରେ ଆମ୍ବ ଚୋରି,
ପାଇଁ ବହୁ ଅଭିଯୋଗ, ମିଛ କାନ୍ଦ
ମିଛ ଲୁହ ଧୋଇନିଏ
ସବୁ ରାଗ ଅଭିମାନ,
ମନେପଡେ ସେଇ ପିଲା ଦିନ।
ବାଡି ଡିଆଁ,ବାଟି ଆଉ ଲୁଚକାଳି,
ବୋହୁଚୋରି ଖେଳ
ହଜିଗଲା ସେ ହି ସବୁ
ଖୁସି ମଜାଦିନ,
ଶୀତ ସକାଳର ନିଆଁ ପୁଆ
ବର୍ଷା ଭିଜା ଡଙ୍ଗା ଭସା
ମାଛଧରା ,କାଦୁଅର ଖେଳ
ଗୋଟି ଗୋଟି ମନେପଡେ
ସେହି ଖୁସି ଆନନ୍ଦର ଦିନ।





ଆଧୁନିକ ରୋଗ ଗ୍ରସ୍ତ
ଏଇ ଆମ ଜୀବନ,
ମାୟା ମୋହ ଭାରବୋହି
ଚାଲୁଅଛି ଲକ୍ଷ୍ୟ ହୀନ
ଲମ୍ବା ପଥ ନାହିଁ କିଛି ମୂଳ
ଭାବେ ବସି!
ଫେରନ୍ତା କି ପୁଣି ସେହି ପିଲା ଦିନ ।

ଗଡିଯାନ୍ତି ଧୂଳି ମାଟି ଅଗଣାର
ସେହି ପବିତ୍ର ସ୍ଥାନେ
ତୁମି ଯାନ୍ତି ,କୋଳାନ୍ତି ମୁଁ
ସ୍ମୃତି ସନ୍ତକ ର ପଥ,
ଯେଉଁ ଠାରେ ପାଦ ଥାପି
ଚାଲିଥିଲି, ଝୁଣ୍ଟିଥିଲି,
ଆଉ ଖେଳୁଥିଲୁ ବାଗୁଡ ଖେଳ
ମନେପଡ଼େ ସେଇ ପିଲାଦିନ।
ଭାବବୋଳା ଅତୀତ କୁ
ସାଉଁଟି ସାଇତି ରଖି ଛି
ମନ ସିନ୍ଧୁ କରେ,
ଅମୂଲ୍ୟ ସେ ସ୍ମୃତି ସବୁ
ଜୀବନର ପୁଞ୍ଜି,ସାଥେଥିବ
ବଞ୍ଚି ଥିବି ଯେତେଦିନ,
ମନେପଡେ ସବୁବେଳେ ସବୁଦିନେ
ମୋର ସେଇ ପିଲାଦିନ ।

ଅଧାପିକା, ଓଡ଼ିଆ ବିଭାଗ
ମହିମା ମହାବିଦ୍ୟାଳୟ, ଜୋରନ୍ଦା,ଢେଙ୍କାନାଳ
ମୋ: ୭୩୭୭୧୯୭୮୬୭

# ଲଣ୍ଡା ପାହାଡ଼

ଅଞ୍ଜଳି ଆଚାର୍ଯ୍ୟ





ହଁ ! ମୁଁ ବି ହସେ,
କେବେ କେବେ
ତଲ୍ଲୀନ ହୋଇ ଦେଖେ
ଲଣ୍ଡା ପାହାଡ଼ଟାକୁ
ଖୋଜି ନିଏ ସୁଖ ମେଞ୍ଚା ମେଞ୍ଚା
ବାଦଲମାନଙ୍କ ଆକୃତି ରେ
ଆଘ୍ରାଣି ନିଏ ଯେତକ ସୁଗନ୍ଧ
ଋତୁରାଜ ଦେହରେ  ପଶି
ସବୁ ସୌନ୍ଦର୍ଯ୍ୟ ସାଉଁଟି ନିଏ
ସେଇ ଝରାଫୁଲ ଟିକୁ ଆଉଁସି ନେଇ ।
ପ୍ରତିକ୍ଷଣେ ଆଙ୍କୁଥାଏ ଛବି ନିଜର
ସେଇ ସଫେଦ ଆକାଶର ଛାତିରେ ।
ବେଳେ ବେଳେ ସେ ଲଣ୍ଡା ପାହାଡ଼ ର
ଅଣ୍ଟାରେ କୁତୁକୁତୁ କରେ ...
ହେଲେ ସେ ସ୍ଥିର ନିଶ୍ଚଳ ନିର୍ବାକ
ଚକ୍ଷୁରେ ଟାଣିଦିଏ ଗାରାଏ ଗାର ।
ଧେତ୍ ତୁ...ହିଁ ...ତ'
ଟାଣି ଆଣୁ ମତେ ପ୍ରତିକ୍ଷଣେ ତୋ'
ସୌନ୍ଦର୍ଯ୍ୟ ର ବନିଶୀ  କଣ୍ଟାରେ ।

■■■

ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍ ଭୁବନେଶ୍ୱର

# ଛାୟା

ମନୋରମା ମିଶ୍ର



ଫୁଲ ପାଖୁଡାରେ ସୁଖର କବିତା
ତୁମେ ଯେବେ ଲେଖିଦେଲ,
ଲେଖିଥିଲି ଯାହା ଲୁହର କବିତା
ଲାଗିଲାନି ଆଉ ଭଲ ।

ନିଦାଘ ଜ୍ୱଳନେ ଭିଜାଇଲ ଆସି
ମଧୁର ଦରଦ ଦେଇ
ବର୍ଷୁକୀ ସଞ୍ଜ ମୋ ସଜାଇଲ ରଙ୍ଗେ
କଦମ୍ବ ଫୁଲକୁ ନେଇ
ଶରଦ ନିଶିର ମଦିର ଜୋଛନା
ମୋ ପାଶେ ଅଜାଡି ଦେଲ ।

ଫୁଲ ପାଖୁଡାରେ
ଶିଶିର ବିନ୍ଦୁକୁ ଗୁନ୍ଥିଦେଇ କଲ
ଗଳାର ଗଜରା ହାର,
ଶୀତସକାଳର ବିଭୋର ବେଳାରେ
କରିନେଲ ଆପଣାର
କୋଇଲିର କୁହୁ ଫଗୁଣ ଆସର
ମୋ ହାତେ ଅରପିଦେଲ ।



■■■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୭୩୭୦୦୭୦୪

# ସାରାଂଶ

ନିହାରିକା ରାୟ ବରାଳ



ମୁଁ ପଚାରିଲି  କଣ ହେଇଛି?
ତମେ କହିଲ  କିଛିନାହିଁ
ପୁଣିଥରେ ପଚାରିଲି  କଣ ହେଇଛି?
ତମେ କହିଲ କେବେ ଦେଖାହେଲେ
ଫୁରୁସତରେ କଥା  ହେବା ।

ଏଇ ଫୁରୁସତରେ କଥା ହେବା ଭିତରେ
ମୁଁ ଅନୁଭବ କଲି
ଗୋଟେ ବିରାଟ ଶୂନ୍ୟତା
ଗୋଟେ ଉଦାସିଆ ଖାଲିପଣ
ଗୋଟେ ଅସମ୍ପୂର୍ଣ  ବାକ୍ୟର ବାକ୍ୟରଣ
ଗୋଟେ ଲତପତ  ଇଚ୍ଛାର ଅଣଦେଖାପଣ
ଗୋଟେ ସମ୍ପର୍କକୁ ଆଡ଼େଇଯିବାର ମିଛି ମିଛିକା
ବହୂଚୋରି  ଖେଳ
ଗୋଟେ ଧୂ' ଧୂ' ମରୁଭୂମିରେ
ମରୀଚିକାର ଆଗମନ ।



ଆଉ ଥରେ  ପଚାରିଲି କ'ଣ ହେଇଚି?
ଦେଖିଲି  ସେଠି  ତମେ ନୁହଁ
ଠିଆହୋଇଛି କେହିଜଣେ  ଅଜଣା ଲୋକ
ଯାହାକୁ ମୁଁ ଜାଣିନି କି ଚିହ୍ନିନି
କେବେ ଦେଖିନି କି ଛୁଁଇନି
ଏଇ ବୋଧେ  ଦେଖୁଚି ପ୍ରଥମ ।

ମୁଁ କହିଲି  ଏମିତି ଫୁରୁସତ  ଆମ ପାଖେ କାହିଁଯେ
ଦେଖା ହେବା, କଥା ହେବା
ବାଣ୍ଟିବା ଗଭୀର କ୍ଷତର  ଯନ୍ତ୍ରଣାକୁ
ଭୁଲବୁଝାମଣାରେ ଝାଉଁଳି ଯାଇଥିବା
ସମୟ ଅପେକ୍ଷାରେ ମଉଳି ଯାଇଥିବା
ଏକଲାପଣରେ ଅଣନିଃଶ୍ୱାସୀ ହେଉଥିବା
ସମ୍ପର୍କ କୁ ସଳଖିବା, ସଜାଡ଼ିବା, ସଂଖୋଳିବା
ମା'ଙ୍କ ସିନ୍ଦୂରରେ ଅବା
ବାବାଙ୍କ ଆଶୀର୍ବାଦର ବିଭୂତିରେ !!

■■■

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ରଙ୍ଗର ପର୍ବ ହୋଲି

ଶୁଭଶ୍ରୀ ସିଂ



ହୋଲି ଆସିଲାରେ ହୋଲି ଆସିଲା
ରଙ୍ଗରେ ଯେ ତନୁ ମନ ଭିଜିଲା
ଫଗୁଣର ପର୍ବ ଦୋଳ ପୂର୍ଣ୍ଣିମା
ଶ୍ରୀ ରାଧା ମାଧବଙ୍କ ଏ ମହିମା
ଅବିର ର ନାଲି
ରାଧା ସଙ୍ଗେ କୃଷ୍ଣ ଖେଳିବେ ହୋଲି ।



ଫଗୁଣ ଶୁକ୍ଳ ଦଶମୀ ରୁ ଯାତ
ପୂର୍ଣ୍ଣମୀ ଓ ହୋଲି ପର୍ବେ ନାମିତ
ବିମାନେ ବୁଲନ୍ତି ଯୁଗୋଳ ମୂର୍ତ୍ତୀ
ଘର ଘର ବୁଲି ଭୋଗ ଖାଆନ୍ତି
ଉତ୍ସାହ ଆନନ୍ଦେ
ହରି ସଙ୍କୀର୍ତ୍ତନେ ସର୍ବେ ବନ୍ଦିତେ ।

ନାଲି ନେଳି ଭିନ୍ନ ଭିନ୍ନ ରଙ୍ଗରେ
ଖେଳନ୍ତି ରଙ୍ଗ ଯେ ପିଚକାରି ରେ
ଜାତି ଭେଦ ଭାବ ନ ଥାଏ ମନେ
ସମନ୍ୱୟ ଭରି ଦିଏ ଜୀବନେ
ପ୍ରେମର ମହକ
ଶାନ୍ତି ପ୍ରୀତି ଆଣେ ମନେ କୁହୁକ ।

ଉତ୍କଳୀୟ ଆମ ଦୋଳ ଯାତରା
ସଂସ୍କୃତି ସମ୍ପନ୍ନରେ ଆମେ ଭରା
ପର୍ବ ପର୍ବାଣୀ ଆମ ପରମ୍ପରା
ଶ୍ରୀ ମନ୍ଦିର ଆମ ପରିଚୟ ପରା
ଦୋଳ ବିମାନରେ
ଦର୍ଶନେ ଲଭେ ପୂର୍ଣ୍ଣତା ଜନ୍ମରେ ।

■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

ଇ-ପତ୍ରିକା
ଦଶମ ସଂଖ୍ୟା, ୧ ଅପ୍ରେଲ ୨୦୨୩

# ରବିବାର

ପଦ୍ମାଳୟା ସାମଲ



ଆଜି ରବିବାର !
ବାସି ବିଛଣାରେ ଅଳସ ଭାଙ୍ଗି
ନିଭିଲା ସ୍ମୃତିମାନଙ୍କୁ ଧରି
ଆଗକଥା ପଛକୁ ପକେଇ
ଭାବନାରେ ବୁଡ଼ିଯିବାର ବେଳ । ଆଜି ରବିବାର ।

ଆଜି ରବିବାର !
ଖାଁ ଖାଁ ଖରାବେଳ
ପିଲାମାନଙ୍କ ସହ ଖେଳ କୁଦରେ ମାତିବାର ବେଳ
ପ୍ରିୟ ଜନଙ୍କ ସହ
ବିମୋହିତ ହେବାର ବେଳ । ଆଜି ରବିବାର ।



ଆଜି ରବିବାର !
ଧୂ ଧୂ ଧୂସର ଧୂମ୍ରାଭ ମଧ୍ୟାହ୍ନ
କ୍ଳାନ୍ତ ଅପରାହ୍ନ
ନିଃଶବ୍ଦ ବେଳବଣ
କୃଷ୍ଣଚୂଡ଼ା ଓ ପଳାଶ ଫୁଲର
ସୌନ୍ଦର୍ଯ୍ୟରେ ହଜିଯିବାର ବେଳ । ଆଜି ରବିବାର ।

ଆଜି ରବିବାର !
ପଞ୍ଚମୀତିଥିର ଆଡହସା ଜହ୍ନର କିରଣ
ଝୁମି ଝୁମି ସଞ୍ଜନଇଁଗଲା ପରେ
ଜହ୍ନ ପଡେ ଚଉକାତ ମେଲି
ଅଗଣାରେ ମୋର
କାହିଁକି କେଜାଣି ?
ତମେ ମନେପଡ଼ !
ଭାରି ମନେପଡ଼ ! ଆଜି ରବିବାର ।

■■■


ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ବାପା

ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ବାପା ବୋଲି ଯେଉଁ
ଦୁଇଟି ଅକ୍ଷର
ଚିହ୍ନ ଅଟେ ସେଇ
ବଡ଼ ଆକାଶର
ପୃଥିବୀ ଆକାଶ
ଦୁହେଁ ରହିଛନ୍ତି
ମଝିରେ ଜୀବନ
ପାଳନ କରନ୍ତି
ବାପା ଥିଲା ପୁଅ
ସଭାରେ ହାରେନା
ମାଆ କୋଳେ ଝିଅ
ଦୁନିଆଁ ଡରେନା
ଛାତି ଦମ୍ଭକରି
ବାପାଘର ବୋଲି
ଝିଅ ଚଳୁଥାଏ
ହେଉ ଘର ଖାଲି
ମାଆ ବାପା ଦୁହେଁ
ଜୀବନ ପାଳନ୍ତି
ସନ୍ତାନକୁ ସିନା
ଆଗକୁ ବଢ଼ାନ୍ତି
ଶୂନ୍ୟ ପରି ଲାଗେ
ତାଙ୍କ ବିନା ଘର
ଅଢ଼େଇ ଦିନକୁ
ସଖା ସହୋଦର ।



■■■

ବରମୁଣ୍ଡା ହା. ବୋ. କଲୋନୀ,
ଭୁବନେଶ୍ୱର
ମୋ - ୯୪୩୭୨ ୭୯୧୬୨


# ତଥାପି ଆଶା

ଯଜ୍ଞଦତ୍ତ ସାମନ୍ତରାୟ



କିଏ ଜାଣିଥିଲା
ଜୀବନରେ
ଏମିତି ବି ଦିନ ଆସିବ
ବଂଚିବା ମୁସ୍କିଲ ହେବ
ମନ ଆଶା ମେଂଟିବନି
ଦୁନିଆର ସବୁ ଦ୍ୱାର
ରୁଦ୍ଧ ହୋଇଯିବ ।

କିଏ  ଜାଣିଥିଲା
ଆମେ ସବୁ
ସଭ୍ୟ ମଣିଷ
ତତଲା ଲୁହା କଡେଇର
ଜୀଅନ୍ତା  ମାଛ,
ତେଲ, ଲୁଣ,
ପାଣି ବିନା
ବଂଚିବା କଥାଟା ମିଛ ।



ତଥାପି ଆଶା ଅଛି
ବଂଚିବାରେ
ଜୀବନର ସ୍ୱାଦ
ଚାଖିବାରେ ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ବସନ୍ତ ଆସିଛି

ଗୀତାଞ୍ଜଳି ସ୍ୱାଇଁ

ଆମ୍ବ ଡାଳ କହେ ଦେହ ମୋର
ଭରା କଷି ବଉଳ ଫୁଲରେ,
ବସନ୍ତ ଆସିଛି ଫଗୁଣ ମାସରେ
ବସି ଦୋଳ ବିମାନରେ।

ସୁମଧୁର କଣ୍ଠେ ଚୂତ ଡାଳେ ବସି
କୋଇଲି ଗାନ କରି ହୁଏ ଖୁସି,
ନାଲିଆ ପାଟରେ ପଳାଶ ଫୁଲ ଟି
ସଜାଇ ହୋଇଛି ହସି।



କୁନି ପତ୍ର ସବୁ ମୁଣ୍ଡ ଟେକିଲେଣି
ବିଦାୟ ଦେଇ ପାଚିଲା
ଗଛୁ ଖସି ତଳେ ଶୋଇ ଲୋଟିଲେଣି
ହାଲୁକା ହୋଇଛି ପଲା।

ଦକ୍ଷିଣ ଦିଗରୁ ବାଆ ଆସିଲାଣି
ଶୀତକୁ ବିଦାୟ ଦେଇ,
ଚାଦର କମ୍ବଳ ବିଶ୍ରାମ ନେଲେଣି
ବାକ୍ସେ ଭାଙ୍ଗି ଭୁଙ୍ଗି ହୋଇ।

ହାଟ ବଜାରରେରଙ୍ଗ ପସରାକୁ
ସ୍ୱାଗତ ଜଣାଏ ହୋଲି ,
ପଞ୍ଚୁ ଦୋଳେ ରାଧା କୃଷ୍ଣ ଖେଳୁଛନ୍ତି
ମାରି ରଙ୍ଗ ପିଚକାରି।

ଚଣା,ଖଜା,ପିଠା,କଦଳୀ,ନଡିଆ
ଉଖୁଡା ମୁଆଁ ଖାଇବେ,
ବରଷକ ପାଇଁ ଆଶିଷ ଢାଳି ସେ
ଘର ଲେଉଟାଣି ଯିବେ।

■■■

କାନନବିହାର, ଫେଜ୍ -୨,
ପଟିଆ, ଭୁବନେଶ୍ୱର -୨୪

# ଏମିତି ଲାଗେ କାହିଁକି ?

ବୀରେଶ୍ୱର ମହାନ୍ତି



ଯେତେ ସାରା କବିତା ତୁମ ପାଇଁ ଲେଖା
ସମସ୍ତ ପ୍ରେମ କାହାଣୀର ତୁମେ ହିଁ ନାୟିକା
ସବୁ ରୁପସୀଙ୍କ ରୂପରେ ତୁମ ରୂପର ଚମକ
ରଙ୍ଗବେରଙ୍ଗ ସଜଫୁଟା ଫୁଲେ ତୁମ ଗନ୍ଧର ମହକ
ସବୁ ମନଜିଣା ହସରେ ତୁମ ହସର ଝଲକ
ଘନ ତମିସ୍ରାରେ  ଝଲମଲ ରୁପା ଜହ୍ନ ସମ
ତୁମ କଣ୍ଠ ସୁରେ ଶତଶତ ବୀଣାର ଝଙ୍କାର
ସତେ କି ମିଶିଛି ସୁମଧୁର କୋକିଳର ସ୍ୱର
ହଜାରେ ସୁରରେ ସେ ସୁର ବାରି ହୋଇ ଯାଏ
ସତେ ଅବା ସୁନା ନିର୍ଝରିଣୀଟେ ଝୁମି ଝୁମି ଝରିଯାଏ ।



ତୁମ ଅଙ୍ଗ ରଙ୍ଗ ନେଇ ଇନ୍ଦ୍ରଧନୁ ବର୍ଣ୍ଣବିଭା
ତୁମ ଅଧରର ଶୋଭା ନେଇ  ଅସ୍ତାଚଳ ଆଭା
ପଣତକାନିରେ ତୁମ ବସନ୍ତ ଲୁଚକାଳି  ଖେଳେ
ତୁମରି ଛନ୍ଦରେ  ଶ୍ରାବଣ  ଛନ୍ଦ ତୋଳି ଚାଲେ
ଯେତେସବୁ ଅଙ୍କାବଙ୍କା ରାସ୍ତା ତୁମ ଘରକୁ ଲମ୍ବିଛି
ବାରିପଟ କୃଷ୍ଣଚୂଡ଼ା ଫଗୁଣେଇ ସପନେ ମାତିଛି
ମନ କାନଭାସରେ ତୁମ ପ୍ରୀତି ଭରା ଛବିଟିଏ ଅଙ୍କା
ପେଣ୍ଠାପେଣ୍ଠା ମଧୁଭରା ସ୍ମୃତି ଚିନ୍ତାଚେତନାରେ ଗୁଣ୍ଠା
ବୟସ ତୁମ ପାଶେ ସତେକି ଯାଇଛି ଅଟକି
ଦିବାନିଶି ତୁମ ଭାବନାରେ ମନ ଫେଣ୍ଟାଫେଣ୍ଟି ।

କହିବାକୁ ଅନେକ କିଛି ଥାଏ
ଦେଖା ହେଲେ କିନ୍ତୁ
କହିବାର ଶକ୍ତି ଦିଗହରା ହୁଏ,
ଦୂରୁ ଥାଇ ଛପି ରହି ଝଲକ ଟିକେ
ପାଇବାକୁ ମନ କହେ,
ଧୂଳି -ବାଲିରେ ପଡ଼ିଥିବା ତୁମ ପାଦ ଚିହ୍ନ ପରେ
ପାଦ ଥାପି ଚାଲିବାକୁ ଇଛା ହୁଏ,
କେହି କହିପାରିବକି -
ଏମିତି ଲାଗେ କାହିଁକି?

■■■

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧

# ଏପ୍ରିଲ ଓ ମୋ ବାପା

**କୁଞ୍ଜ ବିହାରୀ ସାହୁ**



ଏପ୍ରିଲ ମାସରେ  ସୂର୍ଯ୍ୟ ଢାଳୁଅଛି
ରଡ଼ନିଆଁ ପରି ତାପ
ପଥରେ ପଥିକ ଥରୁଟେ ଚାଲିଲେ
ବଢ଼ିଯାଏ ରକ୍ତଚାପ ।

ଅବଶ, ଅଳସ, ନିରସ ଲାଗଇ
ପରିବେଶ, ପରିସ୍ଥିତି,
ଚୋରା ଚଇତାଳି ମାରୁଥାଏ ତାଳି
ଗାଇ ସଞ୍ଜ ବେଳ ଗୀତି ।



ଏପ୍ରିଲ ମାସରେ ବାପା ଯେ କୋମାରେ
ଯୁଝୁଥିଲେ ବଞ୍ଚିବାକୁ,
ଉଦାସୀ ପୂର୍ବାହ୍ନ ବଇରି ସାଜିଲା
ବାଟେଇଲା ମଶାଣିକୁ ।

ବାପା ଆଜି ଦୂର ଆକାଶର ତାରା
ଦିକିଦିକି ଜଳୁଛନ୍ତି,
ଶୟନେ -ସପନେ ନିତି ପ୍ରତିଦିନେ
ମୋ ପାଖରେ ରହିଛନ୍ତି ।

ଏପ୍ରିଲ ଏଗାର ତାରିଖ ଆସିଲେ
ବାପା ମୋର ମନେପଡ଼େ,
ନିର୍ଜୀବ ଖରାର ଅବୁଝା ବେଳରେ
ଆଖିରୁ ଲୋତକ ଗଡ଼େ ।

■■■

ଏଲ୍. ଆଇ. ଜି. -୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୯୨୯୮୭୯

# କୃଷ୍ଣଚୂଡ଼ା

ସ୍ୱର୍ଣ୍ଣଲତା ମହାପାତ୍ର



ଚଇତ କୋଳରେ ଚୋରା ମଳୟରେ
କୃଷ୍ଣଚୂଡାର ଶୋଭା
ସବୁଜ ସୁଷମା କୁସୁମ ରାଜିରେ
ବିଚ୍ଛୁରିତ କରେ ଆଭା।

ଗ୍ରୀଷ୍ମର ତାପକୁ ବହୁଛି ଜୀବନେ
ସହୁଛି ଅନେକ ପୀଡା
ଶାଖାରେ ଶାଖାରେ ଫୁଲର ସମ୍ଭାରେ
ସଜେଇଛି ତା'ର ଜୁଡା।

ପେନ୍ଥି ପେନ୍ଥି ହୋଇ ପସରା ମେଲେଇ
ଭରିଛି ରଙ୍ଗ ରୋଷଣୀ
ପ୍ରୀତିଗୀତ ଗାଇ ମତୁଆଲା ହୋଇ
ଉଡାଏ ନାଲି ଓଢଣୀ।

ଛନ ଛନ ମନେ ଭରା ଯଉବନେ
ନିଜକୁ ମଣଇ ଧନ୍ୟ
ପଥ ଧାରେ ଧାରେ ଆହ୍ଲାଦ ଚିତ୍ତରେ
ହରିନିଏ ପ୍ରେମି ମନ।

ପ୍ରକୃତି ଦେଇଛି ସତେ କି ଅଜାଡି
ତା' ପାଖେ ସୌନ୍ଦର୍ଯ୍ୟ ଖଣି
ପ୍ରୀତିର ପ୍ରତିକ ଅଟେ କୃଷ୍ଣଚୂଡା
ରୂପେ ଲାବଣ୍ୟ ତରୁଣୀ।



■■■

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

# ସ୍ୱପ୍ନ

ପ୍ରତିତୀ ମହାନ୍ତି



ସ୍ୱପ୍ନ ଏକ ମରିଚୀକା
ଏକ କୁମାରୀ କନ୍ୟାର
    ରାଜକୁମାର
ଏକ ନାରୀ ଜୀବନର ପୂର୍ଣ୍ଣତା
    ମାତୃତ୍ୱର ସ୍ୱାଦ
ଏକ ଛାତ୍ରର ଉଜ୍ଜ୍ୱଳମୟ ଭବିଷ୍ୟତ
ଏକ ଗରିବ ପେଟର ଦାନା
ଏକ ଅନାଥର ପରିଚୟର ସନ୍ଧାନ
ଏକ ନେତାର ମନ୍ତ୍ରୀ ହେବାର
ଏକ ଖେଳାଳିର ଅନ୍ୟ ଦେଶକୁ
    ହରାଇ ହିନ୍ଦୁସ୍ଥାନକୁ
    ଶିଖରରେ ଦେଖିବା
ଏକ ବୈଜ୍ଞାନିକର ଦେଶକୁ ସର୍ବୋଚ୍ଚ
ସ୍ଥାନରେ ରଖି ଆଗକୁ ଆଗ ନେଇ ଯିବା
ଆଖି ବନ୍ଦ କରି ଦେଖା ଯାଉଥିବା
    ଏ ସୁନେଲୀ ସ୍ୱପ୍ନ
    ଆଖି ଖୋଲିବା ମାତ୍ରେ
    ମରୁଭୂମିର ମରୀଚିକା ପରି
    ଅପସରି ଯାଏ ... ।



■■■

ପ୍ଲଟ୍ ନଂ-୧୨, ଲେନ-୧,
ଆଦର୍ଶବିହାର, ପଟିଆ, ଭୁବନେଶ୍ୱର

# ନାରୀ-ନାରାୟଣୀ

ବାସନ୍ତୀ ବାରକ୍



ଶକ୍ତି,ଗତି,ମୁକ୍ତି,    ସୃଷ୍ଟି ଓ ସଂହତି
ସ୍ଥିତି,ପ୍ରଳୟ କାରିଣୀ,
ସଂସାର-ପାଳିନୀ  ବିଭବ-ଦାୟିନୀ
ମହାମାୟା,ସନାତନୀ।

ମମତା-ଆଧାର    ପ୍ରେମର-ସାଗର
ସ୍ନେହ,ପ୍ରୀତି-ମନ୍ଦାକିନୀ,
ଦୟା,କ୍ଷମା,ତ୍ୟାଗ  ତ୍ରିଧାରା ସଙ୍ଗମ
ଭଗିନୀ,ଜାୟା,ଜନନୀ।

ଧୈର୍ଯ୍ୟର ପାହାଡ଼   ସହିଷ୍ଣୁ-ବସୁଧା
ପୁଣ୍ୟ ମୟୀ-ମନ୍ଦାକିନୀ,
ଜନମ-ଦାୟିନୀ   ପାଳନ-କାରିଣୀ
ସଂସାରାର୍ଣ୍ଣବ ତାରିଣୀ।

ପ୍ରିୟା,ପ୍ରଣୟିନୀ   ଜାୟା,ଅର୍ଦ୍ଧାଙ୍ଗିନୀ
ପତିର ସହଧର୍ମିଣୀ,
ବାତ୍ସଲ୍ୟ-ମମତା    ଅମିୟ-ଆଧାର
ନାରୀ ରୂପେ ନାରାୟଣୀ।

■■■



ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୬୩୫

# ଭାଗ୍ୟର ଭଗ୍ନାଂଶ

## ମାନଗୋବିନ୍ଦ ବାରିକ୍



ଯା' ଭାଗ୍ୟ-ଗଗନେ  ବିଭାସ ହୁଏନି
ବିଳାସ-ପୂର୍ଣ୍ଣିମାଜହ୍ନ,
ଯା' ଜୀବନ-ପଥ     ସଦା-କଣ୍ଟକିତ
ନୈରାଶ୍ୟର-ମରୁଦ୍ୟାନ।

ଭୋକ-ଭୁଗୋଳର  ଦୁଃଖ-ମାନସାଙ୍କ
କଷଣ-ଗଣିତ ଖାତା,
ଭୋକିଲା-ପେଟର  ଶୁଖିଲା-କାହାଣୀ
ଅନ୍ତର ଅକୁହା-କଥା।

ଆଶା-ଆକାଶରେ   ନିରାଶା-ଅନ୍ଧାର
ଶୋକର ତମସା-ରାତି,
ଜୀବନ-ସାଗର    ଲହୁ-ଲହରୀରେ
କୋହର ଉଷୁମ ତାତି।

ଅଭାବ, କଷଣ      କ୍ଷୁଧା,ଅନାଟନ
ଯନ୍ତ୍ରଣାର ଜଉଘର ,
ଯାତନା-ଜୁଇରେ    କୁହୁଳା ଧୂଆଁର
ଉଚ୍ଛୁଳା ଲୁହର ଧାର।

ଜରାୟୁରୁ ଜୁଇ      ଜୀବନ-ଯାତନା
ଜାତକେ ଯାହାର ଲେଖା,
ଅନ୍ତର-ବ୍ୟଥାର   ଅବ୍ୟକ୍ତ-ବେଦନା
ତା' ଜୀବନେ ଚିରସଖା।

ଅଭିଶପ୍ତ -ଯୋଗ  ଅନାହାର-ଭୋଗ
ତା' ଜୀବନ ଇସ୍ତାହାର,
ଭାଗ୍ୟ-ବିଡ଼ମ୍ବନା   ଦାରିଦ୍ର୍ୟ-ଯନ୍ତ୍ରଣା
ତା' କପାଳେ ବିଧିଗାର।

ଶ୍ରମ-ଭାଗଶେଷ   ଭାଗ୍ୟର ଭଗ୍ନାଂଶ
ଅବିଭକ୍ତ - ରୂପରେଖ,
କର୍ମ,ଶ୍ରମ,ତ୍ୟାଗ, ସେବାର ସାରାଂଶ
ଅବଶୋଷ ଅଭିଲେଖ।



■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ : ୯୪୩୭୨୬୬୭୩୫

# ସପନର ମାୟା

ଡ. ପ୍ରିୟମ୍ବଦା ସାମଲ



ପ୍ରହେଳିକାମୟ ଜୀବନ ମଞ୍ଚରେ
ସପନର ମାୟା ସାଥେ
ଏ ମଣିଷ ଚାଲେ ଜୀବନ ପଥରେ
ବର୍ଣ୍ଣ ବିଭା ଫୁଲ ଗୁନ୍ଥେ।
ସପନ ଝରଣା ଭରେ ମାଦକତା
କୁଳୁ କୁଳୁ ନାଦ କରି
କେତେ ବନ୍ଧୁର ପଥ ଅତିକ୍ରମେ
ଯାଏ ନାହିଁ କେବେ ହାରି।
ଆଶାର ସପନ ମାଖଇ ଅଞ୍ଜନ
ସ୍ୱପ୍ନଭିଳାସୀ ନୟନ
ସେ ଫାଶରେ କେବେ ବନ୍ଧା ପଡ଼ିଯାଏ
ବଢ଼ଇ ହୃଦ ଦହନ।
ମନ ଉପବନେ ସପନର ଢେଉ
ସଦା ଲହଡ଼ି ଭାଙ୍ଗଇ
ମାୟା ମରିଚିକା ମୃଗତୃଷ୍ଣା ସମ
କେବେ ଉଭାନ ହୁଅଇ।
ଅବଚେତନ ମନର ସଂଗୋପନ
ସ୍ୱପ୍ନ କୁହେଳି ସୃଜଇ
ସପନର ମାୟା ଭାବନାରେ ଆସି
ବ୍ୟଥା ବେଦନା ରଚଇ।
ସପନର ମାୟା କବଳିତ କାୟା
ଦୁଃଖର ଗାଥାକୁ ଗାଇ
ଜୀବନରେ କେବେ ଆଣେ ଫୁଲବନ
କେବେ କଣ୍ଟକ ବୁଣଇ।



■■■

ନନ୍ଦନ ବିହାର, ଭୁବନେଶ୍ୱର

ଇପତ୍ରିକା
ଦଶମ ସଂଖ୍ୟା,୧ ଅପ୍ରେଲ ୨୦୨୩

# ପ୍ରେମ ଜୟକରେ ହୃଦୟ

ବିଜୟଲକ୍ଷ୍ମୀ ପଟ୍ଟନାୟକ



ସତରେ
ଏମିତି କିଛି ପ୍ରତିବନ୍ଧକ ନାହିଁ
ଯାହାକୁ ପ୍ରେମ ଜୟ କରି ପାରିବନି
ଏମିତି କିଛି ରୋଗ ନାହିଁ
ଯାହା ପ୍ରେମ ଦ୍ୱାରା ଭଲ ହୋଇ ପାରିବନି
ଏମିତି କିଛି କବାଟ ନାହିଁ
ଯାହାକୁ ପ୍ରେମ ଖୋଲି ପାରିବନି
ଏମିତି କୌଣସି ଖାତ ନାହିଁ
ଯାହା ପ୍ରେମ ପୂରଣ କରି ପାରିବନି
ଏମିତି କୌଣସି କାନ୍ଥ ନାହିଁ
ଯାହା ପ୍ରେମ ଭାଙ୍ଗିଦେଇ ପାରିବନି
ଏମିତି କୌଣସି ପାପ ନାହିଁ
ଯାହା ପ୍ରେମ ଧୋଇ ଦେଇ ପାରିବନି ।



ଏମିତି କିଛି ଭିନ୍ନତା ନାହିଁ
ଯନ୍ତ୍ରଣା ଯେତେ ଗଭୀର ହେଲେବି
ଯେତେ ହତାଶା ଦେଖା ଦେଲେବି
ଯେତେ ବିଭ୍ରାନ୍ତିକର ଅଡୁଆ ହେ
ଯେତେ ବଡ ଭୁଲ ହେଲେବି
ପ୍ରେମର ଏକ ବିଚାରବନ୍ତ ଅନୁଭବ
ଏ ସବୁର ସମାଧାନ କରିଦେବ
ଯଦି ତୁମେ ସତରେ କେବଳ
ପ୍ରେମ ହିଁ କରୁଥିବ ତୁମେ ପାରିବ
କେବଳ ଆନନ୍ଦ ମୁଖର ମଣିଷଟି
ସମସ୍ତଙ୍କୁ ପ୍ରେମ ବାଣ୍ଟୁଥିବା ମଣିଷଟି
ଏ ପୃଥିବୀରେ ସବୁଠାରୁ ଶକ୍ତିଶାଳୀ
ଏ କଥା କେବେବି ଭୁଲିଯିବନି ।
ସେ ଜୟ କରିବ ହିଁ କରିବ
ପ୍ରତ୍ୟେକ ହୃଦୟକୁ ଜୟ କରିବ ।
କାରଣ ପ୍ରେମ ହିଁ ସବୁର ଅନ୍ତଃସ୍ରୋତ
ଆଉ ତା' ଠାରୁ ଶକ୍ତିଶାଳୀ ଅସ୍ତ୍ର
ଆଉ କଛି ନାହିଁ କିଛି ବି ନାହିଁ ।

■■■

ପ୍ଲଟ୍ ନଂ -୪୬୧୯/୨୧, ପୋଖରାନ୍ ଭିଲେଜ୍,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୧୬

# ଫଗୁଣ ରେ ଫଗୁଣ

**କବିତା ନାୟକ**



ଫଗୁଣର  ଫଗୁ ବୋଳି
କୁଞ୍ଜରେ କୋଇଲି କୁହୁ
ଚଇତାଳି ପବନ ମୋ
ମନକୁ ଛୁଇଁଲା ।

ତୁମସାଥେ ଦେଖାହେବ
ସପନ ମୋ ସତ ହେବ
ଧୀରେ ଧୀରେ ଗୁପତରେ
କାନେ ମୋର କହିଲା ।

ଶାନ୍ତିର ବାରତା ଧରି
ଆସୁଅଛି ଥିରି ଥିରି
ସମୟ ଟା ବଳବାନ
ଆଖିଠାର ମାରିଲା ।

ଋତୁ ପରେ ଋତୁ  ଆସେ
ଦୁଃଖ ପରେ ସୁଖ  ଆସେ
ମୁଢ ମାନବରେ କାହିଁ
ଥରେ ହେଲେ ହେଜିଲା !

ମୁକୁତି ପଥ ବିଷମ
କଣ୍ଟାମାଳ ପଥେ ତୁମ
ଲଘିଂବାର ମାନେ ଖାଲି
ଜୁଝିବାର ଶକ୍ତ ପରାକ୍ରମ।

ସଜାଗ ହୁଅ ସକଳ
ଘୋର ବିପତ୍ତିର ବେଳ
ଅତିକ୍ରମ କରିବାକୁ
ପଥପ୍ରାନ୍ତ ଭରା ଅନଳ ।



■■■

ଏମ୍. ଆଇ. ଜି. - ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର୍ - ୧୭
ମୋ : ୭୭୩୫୯୧୭୧୧୧

# ଫେରିବ କି ସେ'ଦିନ

ଡ. ପ୍ରବୀଣା ପରିଡ଼ା





ଫେରିବ କି ସେଦିନ
ବୟସ ଯେ ଫେରୁନାହିଁ
ଘଣ୍ଟାର କଣ୍ଟା ବି ଫେରେ ନାହିଁ
ହାତରୁ ଖସିଥିବା ପଥର ବି ଫେରେନି।
ପାଲଟଣା ଡଙ୍ଗା ମଙ୍ଗ ମୋଡି
ପବନର ସାଥେ ଯାଉଛି ଆଗେଇ
କୁଳ କିନାରା ନ ମାନି
ଲୋକାରଣ୍ୟେ ବି ଏକାକିନୀ।
ଇଛାସବୁ ମୁଣ୍ଡ ଟେକି
ଛଟପଟ କରନ୍ତି
ଫ୍ରେମ ଭିତର ଜୀବନରୁ
ମୁକ୍ତି ଖୋଜନ୍ତି ।
ଫେରିବ କି ସେଦିନ ?
ପଳାଶ ର ରଂଗନେଇ
କୃଷ୍ଣ ଚୂଡାର ମନ ନେଇ
ଜଡେଇ ଧରନ୍ତି...
ସାତସପନକୁ ଡେଣା କରି
ଉଡି ବୁଲନ୍ତି ଡେଣା ଝାଡି ।

■■■

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ - ୮୮୯୫୫୪୭୭୬

# ବଞ୍ଚିବାର ଦୌଡ଼

**ମନୋରମା ସାହୁ**



ବଞ୍ଚିବାର ଦୌଡ଼ରେ
ଜୀବନ ବହୁତ ପଛରେ ରହିଗଲାଣି
ଜୀବନ ଖୋଜା ଚାଲିଛି
ସେ କିନ୍ତୁ ଲୁଚକାଳି ଖେଳୁଛି
ଏଇଠି ଅଛି ଏଇଠି ନାହିଁର
କସରତ୍ କରୁଛି।
ବଞ୍ଚିବାର ରେଳଗାଡ଼ିରେ ଦୌଡୁଥିବା ବେଳେ
ଜୀବନ ଦୂରକୁ ଦୂରକୁ ଘୁଞ୍ଚି ଯାଉଥାଏ
ଶେଷକୁ ବିନ୍ଦୁ ପାଲଟିଯାଇ
ଅଦୃଶ୍ୟ ହୋଇଯାଏ।
ଜୀବନ ଝରୁଛି ସବୁଠି
ଚାଳଘର କଣାବାଟେ
ଖରାହୋଇ,ଶୀତ ହୋଇ
ଚଢ଼େଇ ଥଣ୍ଟରୁ ଗୀତ ହୋଇ
ପାହାଡ଼ରୁ ଝରୁଥିବା ଝରଣାର
ଛମଛମ୍ ପାଉଁଜି ହୋଇ
ତାକୁ ବୁଝିବାକୁ ହେବ
ଅନୁଭବିବାକୁ ହେବ।
ଆମେ ଜୀବନଠୁ ଦୂରେଇ ଯାଉ
ସେ କିନ୍ତୁ ଆମ ପାଖେପାଖେ ଥାଏ
ଝୁଣ୍ଟି ପଡ଼ିଲେ 'ଆହା' ପାଲଟିଯାଏ
ଧଇଁସଇଁ ହୋଇ ପଡ଼ିଲେ
ଆଉଁଶି ଦିଏ ପବନ ହୋଇ
ଶୋଷ ମେଣ୍ଟାଏ ଝରଣା ହୋଇ
ଆନନ୍ଦ ଭରିଦିଏ ଫୁଲ ହୋଇ, ଫଗୁଣ ହୋଇ।
ବଞ୍ଚିବାତ ମରୀଚିକାଟିଏ...
ଦୂରକୁ ଦୂରକୁ ଘୁଞ୍ଚି ଯାଉଥାଏ
ଜୀବନ ଫୁଲ ବଗିଚାଟିଏ
ଜିଇଁ ଜାଣିଲେ ଖୁବ୍ ସୁନ୍ଦର।



■■■

ସରକାରୀ ଉ.ପ୍ରା. ବିଦ୍ୟାଳୟ,
ପାରୋଓରଡ଼, ଖୋର୍ଦ୍ଧା
ମୋ:୭୭୩୫୦୭୫୦୭୫

# କଥାହେବି କାଲି ସକାଳେ

ଜାହ୍ନବୀ ଚୌଧୁରୀ



ତୁମ ଆସିବା ବାଟରେ
ରାତି ପାହୁନି ଏଯାବତ୍
ମୋ ପାଇଁ ସାଇତିଥିବା
ସେହି ଚିମୁଟେ ସକାଳକୁ
ଅପେକ୍ଷା କରି ବସିଛି ମୁଁ
ସବୁ ନିୟମକୁ ମାନି ରାତିର ଶେଷ ପ୍ରହରକୁ ।

ଏ କୋଳାହଳମୟ ପୃଥିବୀରେ
ଜଣେ କେହି କୁହେ କଥାହେବାକୁ
ଆଙ୍କିଦିଏ ସକାଳର ପ୍ରତିଟି ଛବିକୁ
ଘାସଗାଲିଚାରୁ କାକରବୁନ୍ଦାକୁ ମେଲାଣି ଦେବାକୁ ।



ତରାମାନେ ଏବେ ବି ନିଦ୍ରାହୀନ
ଏବେ ବି କାନ୍ଥରେ ଦୋଳାୟମାନ
କେଉଁ ମସିହାର କ୍ୟାଲେଣ୍ଡର
ଦିଶେ ନାହିଁ ଦିନ,ତାରିଖ,ବର୍ଷ ଓ ମାସ
ତଥାପି କହିବାକୁ ଅଛି କଥାର କିୟଦଂଶ ।

ରାତି ପାହି ଭୋର୍ ହେବାଟା ଦେଖୁନି
ଆକାଶରେ ସୂର୍ଯ୍ୟଙ୍କ ଠିକଣା ବି ପାଉନି
ଏଠୁ ମୁଁ ପାଦେ ବି ଘୁଞ୍ଚିପାରୁନି
ଦିଶୁଥିବା ସକାଳକୁ ବାଟ ଖୋଜି ପାଉନି ।

ଏବେ ବି ଅପେକ୍ଷାରେ ଗୋଟିଏ ଭୋର୍
ତୁମେ ଅଟକି ଯାଇଛ ରାତିର ଅନ୍ଧାରରେ
ବାନ୍ଧିହୋଇ ଯାଇଛ କେଉଁ ଠିକଣାରେ
ତୁମର ଏହି ସକାଳଟା ଦିଶୁନାହିଁ ତ ପୂର୍ବ ଆକାଶରେ ?

■■■

ଭୁବନେଶ୍ୱର
ମୋ :୯୪୩୮୧୮୪୭୯୫



# ମନ ଚାହୁଁ ନଥିବା ଯାଗାକୁ

**ପୁଷ୍ପାଞ୍ଜଳି ପଣ୍ଡା**

କେହି ଦେଖିନଥିବା ଯାଗା କୁ
ଦିନେ ନା ଦିନେ ସଭିଏଁ ଯିବେ
କେମିତି ଦିଶେ ସେ ଯାଗା କେଜାଣି ?
ଜଣା ପଡେନି ବେଳ କାଳ
ଯାତ୍ରା ଆରୋହଣର ଅବରୋହଣର।
ଯିବା ବାଲା ଫେରି ଆସି
କେବେ କିଛି କହିତ ପାରେନି ,
ବରଂ ନିଜକୁ କାନ୍ଥରେ ପାଏ
ଫଟୋ ଫ୍ରେମରେ
କାଠ ଫୁଲରେ ସଜେଇ ହୋଇ
ଟଙ୍ଗା ହୋଇ ଥାଏ ।
ତିକ୍ତ, ଦଶା, କଷା, ଆଉ ତେର ରେ ତରକି,
ଫେରିଯାଉଥିବ ବୋଧେ !
ଏପଟେ ଯାଗାଥିଲା ବାଲା
ଯାବୁଡି ଧରି ବସିଛି ନିଜକୁ
ନିଜର ଅଦେଖା ଆୟୁଷକୁ !
ଯିବା ଆସିବା ଭିତରେ
ଏଇଠି ଏଇ ପଟରେ
ବଳକା ଯାହା ରହିଲା
ମନ ଭରି ଜୀବନ ଜିଇଁବା କଥା
ହେଲେ ବଞ୍ଚି ହେଉଛି କେଉଁଠି ?
ବରଂ  ବିଶ୍ୱାସ ଲହୁଲୁହାଣ ପ୍ରତିକ୍ଷଣ ଏଠି।
ଦିନେ ହଠାତ୍ ମରଣ ଆସେ
ନିଷ୍ଠୁର ନୀରବତାକୁ ନେଇ
ସାମ୍ନା କରିପାରେ ନାହିଁ
ଚେତନାର ଚୌହଦୀ
ଯିବା ଟା ନିଧାର୍ଯ୍ୟ ।
ଫାଟି ପଡୁଛି କଳିଜା ଯାତ୍ରା ଆରମ୍ଭରୁ
କେମିତି ଯିବି ଦେଖିନଥିବା
ମନ ଚାହୁଁ ନ ଥିବା ଯାଗାକୁ  !



■■■

ଷ୍ଟାଟିଷ୍ଟିକାଲ୍ ଅଫିସର୍,
କେନ୍ଦ୍ରାପଡ଼ା

# ଦିଆସିଲି

କମଳିନୀ ଦେବୀ



ନିଜ ବୁଦ୍ଧି ବଳେ ମତେ କରି କରାୟତ
କାଗଜ ଖୋଳେ ପୁରାଇ ହେଉଛୁ ଗର୍ବିତ
ଗୋଟିଏ କାଠି ମୋର ଦହି ଦେବ କୋଟିଏ- ବ୍ରହ୍ମାଣ୍ଡ
ଲେଲିହାନ ଶିଖା ଫେଇ
ଲହ ଲହ ଜିହ୍ୱା ନେଇ
ସମଗ୍ର ଜୀବ ଜଗତ ସତ୍ତା ନ ପାଇବୁ ତୁହି ।।

ଆଜି ତୋର ଦାସତ୍ୱ ବନ୍ଧନେ
କରୁଛି ମୁଁ ସବୁକାର୍ଯ୍ୟ ତୋର ମନ ଜାଣି
ପାକସିଦ୍ଧି, ଯଜ୍ଞକାର୍ଯ୍ୟ, ଦେବପୂଜା,
ଧୂପ ଦୀପ ଆଳତୀ ପ୍ରଦାନେ

ସମର୍ପି ଦେଇଛି ଏ ଯେ ମୋର ତନୁ ମନ
ଯଦି କରୁ ଅବହେଳା କିଛି,
ଅବା ତୁହି କରୁ ଅସମ୍ମାନ
ହିରୋସିମା, ନାଗସାକି ପରି
ଭୋଗିବୁ ତୁ ଧ୍ୱଂସର ସେ କ୍ରୁର ପରିଣାମ ।।



■■■

ବଦ୍ରୀପ୍ରସାଦ ଆପାର୍ଟମେଣ୍ଟ୍
ବରଗଡ଼

# ହେ କୃଷ୍ଣ !

ଶ୍ରୀମତୀ ରୀତା ମିଶ୍ର



ହେ କୃଷ୍ଣ ! ହେ କୃଷ୍ଣ ! ହେ କୃଷ୍ଣ !
ଶ୍ୟାମ ସୁନ୍ଦର ଜନାର୍ଦ୍ଦନ
କୃଷ୍ଣ କେଶବ ଦାମୋଦର
ଶ୍ରୀ ମଧୁସୂଦନ
ଗିରି ଗୋବର୍ଦ୍ଧନ ଧାରୀ
ନନ୍ଦର ନନ୍ଦ, ଯଶୋଦାର ଧନ
ଦ୍ଵାରିକା ରାଜନ !



ବିଦୁର କୁଟୀରେ କରି ପଦାର୍ପଣ
ମହା ଆନନ୍ଦରେ ଶାଗଭଜା,ଅନ୍ନ
କରିଲ ଭୋଜନ ।
ହସ୍ତେ ଶୋଭା ପାଏ ଚକ୍ର ସୁଦର୍ଶନ
ତୁମେ ପ୍ରଭୁ କରିଥିଲ ଗଜ ଉଦ୍ଧାରଣ
ଯୁଗେ ଯୁଗେ କରିଅଛ ତୁମେ
ଧର୍ମ ସଂସ୍ଥାପନ ।

କୁରୁସଭା ତଳେ ଆଦେଶିଲା ଦୁର୍ଯ୍ୟୋଧନ
ପାଞ୍ଚାଳି କୁ କର ବିବସନ
ତା ଆଦେଶେ ପାପୀ ଦୁଃଶାସନ
ଭୁଲି କୁଳ ମର୍ଯ୍ୟାଦା ସମ୍ମାନ
ଆଦେଶ କୁ କରିଲା ପାଳନ।
କିନ୍ତୁ ଡାକିଲେ ଦ୍ରୌପଦୀ ଆକୁଳ ଚିତ୍ତରେ
ହେ କୃଷ୍ଣ ! ହେ କୃଷ୍ଣ ! ହେ କୃଷ୍ଣ !
କର ମୋର ଲଜ୍ୟା ନିବାରଣ
ତାଙ୍କ ଡାକେ ପ୍ରଭୁ ତୁମେ ଆସିଲ ତତ୍ କ୍ଷଣ
ଦ୍ରୌପଦୀ କୁ ଦେଇ କୋଟି ବସ୍ତ୍ର ଦାନ
ରଖିଲ ନାରୀର ସମ୍ମାନ ।

ଯୁଗେ ଯୁଗେ ପ୍ରଭୁ ତୁମେ ତ ମହାନ
ତବ ପାଦପଦ୍ମେ କଲି ସବୁ ସମର୍ପଣ
ରକ୍ଷାକର ମୋତେ ଦେବକୀ ନନ୍ଦନ
ତୁମେ ସାହା ହେଲେ ପ୍ରଭୁ
ଆନେ ମୋର ନାହିଁ ପ୍ରୟୋଜନ
ଆନେ ମୋର ନାହିଁ ପ୍ରୟୋଜନ।

■■■

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ:୮୨୮୦୧୭୦୧୭୯

# ଫଗୁଣର ରଙ୍ଗ

**ରଶ୍ମିମୟୀ ପତି**



ଫଗୁଣେ କି ଝରେ ରଙ୍ଗ ପସରା
ପ୍ରୀତି ପିଆଲା ରେ ଭରେ କି ସୁରା
ମଳୟ କି ବହେ ପ୍ରଣୟ ଛନ୍ଦେ
ଫୁଲ ମତୁଆଲା ଭରେ ସୁଗନ୍ଧେ ।

କଦମ୍ବ ବନେ କି ହଜେ ମଳୟ
ଫୁଲ ସଙ୍ଗେ ବାସ୍ନା ଛନ୍ଦେ ପ୍ରଣୟ
ଶବ୍ଦ ଫରୁଆ ହୁଏ ଗୁଞ୍ଜରିତ
କବିତା ମାଳେ ହୁଏ ଛନ୍ଦାୟିତ ।



କବି କଣ ସତେ ହଜେ ପ୍ରେମରେ
ରଚେ କୋଣାର୍କ ଲେଖନୀ ମୁନରେ
ବୃଥା ଅକାରଣ ଶବ୍ଦର ବାଣ
ହୃଦେ ପ୍ରେମ ଥିଲେ ସବୁ ଫଗୁଣ ।

ମନ ଉପବନେ ଗଙ୍ଗା ଝରିବ
ପ୍ରଣୟ ଫଲ୍ଗୁରେ ରଙ୍ଗ ହୋଇବ
ପ୍ରଣୟ ର ଫଲ୍ଗୁ କି ଦୀପ୍ତିମନ୍ତ
ଗୋପଦାଣ୍ଡେ ପରା ନିତି ବସନ୍ତ ।

କାହ୍ନୁ ଅଧର ରେ ପ୍ରେମ ର ବଂଶୀ
ସେ ସୁରେ ମଜନ୍ତି ଜଗତବାସୀ
ପ୍ରେମ ଅବତାରେ କଳା ଗୋବିନ୍ଦ
ଗୋପରେ ଲାଗେ ସବୁ ମକରନ୍ଦ ।

ସବୁ ସମୀରଣ ଲାଗେ ମଳୟ
ପ୍ରେମ ରେ ପ୍ଲାବିତ ସବୁ ହୃଦୟ
ଫଗୁଣ ର ରଙ୍ଗ ସେଠି କି ଲୋଡ଼ା
ଭୂମି ଠାରୁ ଭୂମା ପ୍ରେମ ରେ ଯୋଡ଼ ।

ପ୍ରେମ ପାଇଁ ଋତୁ ବନ୍ଧା ନୁହେଁ ତ...
ହୃଦେ ପ୍ରେମ ଥିଲେ ସବୁ ବସନ୍ତ ।।

■■■

ପ୍ଲଟ୍ ନଂ- ୭୦୯, ଝାରପଡ଼ା
ଭୁବନେଶ୍ୱର

# ସମ୍ପର୍କର ପର୍ବ

**ଡ. ମନୋରଞ୍ଜନ ବିଷୋୟୀ**



କେମିତି ବୁଝାଇବି
କେଉଁ ରୂପରେ
ଚିହ୍ନାଇବି ତୁମକୁ ?
ତୁମେ ତ ରୂପହୀନ
ଗନ୍ଧହୀନ
ହେଲେ ଛାଇପରି
ଘୁରିବୁଲୁଛ
ମୋ ଚାରିପାଖ ।
ତୁମ ଅନୁଭବ
କରେ ମୋତେ ବିମୋହନ
ଯେଉଁଠାରେ ଖୋଜିଲେ
ତୁମ ଶିହରଣ ।
ଅଥଚ ସ୍ଥିତିରେ
ଅଚଳ ଆମେ
ଗତିରେ ନିଷ୍ଫଳ ।
ଏବେ କେବଳ
ସ୍ମୃତିରେ ସ୍ମୃତିରେ ସଜୀବ
ଚିତ୍ରିତ ଆମ ଇଚ୍ଛାମାନ ।



■■■

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

# ପୁଅ

ଅଧ୍ୟାପକ ହିମାଂଶୁ ସାହୁ

ମୁଁ ତ ପୁଅ ଟିଏ
ଅଲିଅଳ ସନ୍ତାନ ବାପା ବୋଉଙ୍କର
କଥାମାନେ ନିତିଦିନ
ମାଛିକୁ ମ' କହେ ନି
ଜୀବନ୍ତ ପ୍ରତିମା ବାପା ବୋଉଙ୍କର
ସେବା ରେ ନିରନ୍ତର
ଦେଇଥାଏ ମନୋନିବେଶ
ତାଙ୍କରି ଅନୁଚିନ୍ତନରୁ ହିଁ ସୃଷ୍ଟି ହୁଏ
ଦିବ୍ୟ ପ୍ରେମର ଫଲଗୁ ଧାରା
ଶବ୍ଦର ଆକାଶରେ, ଭାଷା ସୁମନରେ
ମହମହ ସୁଗନ୍ଧିତ କରେ
ଓଡ଼ିଆ ଭାଷା ଓ ସାହିତ୍ୟ ମନ୍ଦିର କୁ
ଭାବି ନେଇ ତପୋବନ
ଜୀବନ କୋଣାର୍କର କାବ୍ୟ
ଶିଳ୍ପୀଟିଏ ମୁଁ
ହାଡକୁ କଲମ, ରକତକୁ ସାହି କରି
ଲେଖୁ ଲେଖୁ ଲେଖି ଦେଲି
ଜୀବନ କବିତା
ଏ ତ' ମୋ ପାଇଁ
ଜୀବନ ସଳିତା
ଜ୍ଞାନର ପ୍ରଦୀପ ହେଉ ପ୍ରଜ୍ଜ୍ୱଳନ
ପ୍ରତିଟି ହୃଦୟ ମନ୍ଦିର ରେ
ମନ୍ମୟ ଓ ତନ୍ମୟ ଭାବର
ରୂପକଳ୍ପ କୁ ନେଇ
ଲେଖା ହେଉ ସ୍ୱପ୍ନଭୁକ ମଣିଷର
ଆଦିମ ଆବାସର,
ବିସ୍ଥାପିତ ଜୀବନର ଅଲିଭା କଥା
ସେତ ହେବ ଆମ ପାଇଁ
ଜୀବନ ସୌଧ ଗଢି ତୋଳିବାର
ନୂଆ ପରି ଭାଷା ।



■■■

କବି କୁଟୀର, କାଣ୍ଡେଲ୍, କେସିଙ୍ଗା,
କଳାହାଣ୍ଡି
ମୋ: ୯୧୭୮୧୪୩୨୬୨

# ଅମୃତର ତତ୍ତ୍ୱ

ସମିତା ସ୍ୱାଇଁ



ତ୍ରିରଙ୍ଗାର ନେତ ତିନିରଙ୍ଗ ତତ୍ତ୍ୱ
ମୈତ୍ରୀର ମନ୍ତ୍ର ଗାଇ
ବିବିଧତା ମଧ୍ୟେ ଏକତା ସୂଚାଇ
ଉଡେ ଫରଫର ହୋଇ।।

ସବୁଜ ସଙ୍କେତ ଧରା ସୁଶୋଭିତ
ଝଙ୍କୃତ  ବନଭୂଇଁ
ଅଭାବ ନରହୁ  ଖାଦ୍ୟ ଆଉ ଶସ୍ୟ
କେବେ ହେଲେ କାହାପାଇଁ।।

ଶ୍ୱେତ ରଙ୍ଗ ସଦା ଶୁଦ୍ଧ ଓ ପବିତ୍ର
ସତ୍ୟ, ଶାନ୍ତି ସମାହିତ
ସଦାଚାର  ସହ ସ୍ଥିରତା ଆଚରି
ଜୀବନେ ଥାଏ ଜଡିତ।।

ତା ମଧ୍ୟ ରେ ଥିବା ଚକ୍ରଟି ସୂଚାଏ
ଜୀବନର ଅଗ୍ରଗତି
ଚବିଶଟି ପହି ଚବିଶ ପ୍ରହର
ଗଡିଚାଲେ ଦିନରାତି।।

ନାରଙ୍ଗୀ ର ରଙ୍ଗ ଉତ୍କର୍ଷ ର ମଙ୍ଗ
ଆଭିମୁଖ୍ୟ  ପ୍ରଗତିର
ବୀରତ୍ୱ ର ଶୌର୍ଯ୍ୟ ଭରସାର ଧୈର୍ଯ୍ୟ
ବାର୍ତ୍ତା ବାଣ୍ଟେ ସଂପ୍ରୀତିର ।।

ତ୍ରିରଙ୍ଗା  ମହତ୍ତ୍ୱ  ଅମୃତର  ତତ୍ତ୍ୱ
ସମାନତା ,ଅର୍ଥ ,ନୀତି
ସ୍ୱାସ୍ଥ୍ୟ,ସେବା,ଶାନ୍ତି,ଦୟା, କ୍ଷମା ,ପ୍ରୀତି
ଗାଏ ସଦା ଜୟଗୀତି।।



ଘରେ ଘରେ ଉଡେ ଜାତୀୟ ପତାକା
ସ୍ୱାଧୀନ ସନ୍ତକ ହୋଇ
ପଞ୍ଚସ୍ତରୀ ତମ  ଅମୃତ  ଉତ୍ସବ
ବୈଭବର ବାର୍ତ୍ତା ବହି।।

ପ୍ରଣାମ ଘେନ ହେ ପରମବୀର
ଗର୍ବ ଗଉରବ ଆମ
ତୁମରି ତ୍ୟାଗର ଆତ୍ମ ବଳିଦାନ
ଆଜି ବନ୍ଦେ ମାତରମ।।

ଜୟ ହିନ୍ଦ୍ ଜୟ ହିନ୍ଦ୍ ଜୟ ହିନ୍ଦ୍।

■■■

ଏମ୍. ଆଇ. ଜି. -୭/୮, ଶୈଳଶ୍ରୀ ବିହାର,
ଭୁବନେଶ୍ୱର - ୨୧

# ଟିକି ଚଢ଼େଇ

କରିସ୍ମା ତ୍ରିପାଠି



ଟିକି ଚଢେଇ ମୁଁ ଟିକି ଚଢେଇ
ଫୁଲରୁ ଫୁଲକୁ ଉଠି ବୁଲୁଥାଏ
ପଚାରେ ଫୁଲଙ୍କୁ -ଆଗୋ ଫୁଲେଇ
ଏତେ ରଙ୍ଗ ଧରି ଦେହରେ ତୁମର
ଗରବେ  କିପାଇଁ ନହୁଅ ମଣ୍ଡେଇ ।



ରଙ୍ଗ ବିହୀନ ଜୀବନ ଲାଗଇ
ଶୁଷ୍କ ମରୁଝର ଛାତି
ଚିର ସବୁଜର ରଙ୍ଗରେ ରଙ୍ଗରେ
ସମୟ ମୋ' ଯାଉ ବିତି
ମଣିଷ ଛାତିରେ ଅସୁମାରୀ ରଙ୍ଗ
ତହିଁ ରୁ ଗୋଟିଏ ପ୍ରୀତି
ତେଣୁ ସେ ଆପଣା ସନ୍ଧାନୀ ମନେ
ଲେଖେ ବସି ମିଠା ଗୀତି ।

ରଙ୍ଗ ଅଛି ବୋଲି ସପନେ ମୋହର
ଘୃଣା କରେ କ୍ରୁର ପଣ
ଶତ୍ରୁତା କରଇ ଚିର ତିରସ୍କାର
ଫଗୁ ଖେଳି ବାକୁ ମନ।

■■■

ଭୁବନେଶ୍ୱର

# ବସନ୍ତର ଅଭିମାନ

ଅନସୂୟା ବାରିକ



ପ୍ରଚଣ୍ଡ ଶୀତ ତାପରେ ଥରୁଥିଲା ଧରଣୀ
ଯାଉକି ନଯାଉ ଶୀତ ଗ୍ରୀଷ୍ମ ଆସି ଗଲାଣି
ବର୍ଣ୍ଣବୋଧେ ପଢୁଥିଲୁ ଛଅ ଋତୁ କ୍ରମକୁ
ଆଜିସେ କ୍ରମଟା ଖାଲି ରହିଅଛି ନାମକୁ ।

ଛଅ ଋତୁ ମଧ୍ୟେ ଶ୍ରେଷ୍ଠ ଋତୁରାଜ ବସନ୍ତ
ଶୀତପରେ କେଉଁଠାରେ ଲୁଚିଗଲେ କୁହତ
ବସନ୍ତର କୋଳାହଳ କୋଇଲି ର କାକଳୀ
ଲୁଚାଇ ପ୍ରକୃତି ରାଣୀ ଖେଳେକି ଲୁଚକାଳି ।



ମାନବ ଧର୍ମ ଯେମିତି ଆଜି ସ୍ୱାର୍ଥ ହାତରେ
ପ୍ରକୃତି ବି ନିଜକୁ ସଜାଏ ସେହି ମତରେ
ସ୍ୱାର୍ଥ ଆଗେ ମାନବତା କାହିଁ ଲୁଚି ଗଲାଣି
ପରିବାର ସ୍ନେହ ପ୍ରୀତି ସବୁ ମିଛ କାହାଣୀ ।

କୋଇଲି ଟା ବସାବାନ୍ଧି ଥୁଣ୍ଟା ବୃକ୍ଷ ଡାଳରେ
ବସିଛି ବସନ୍ତ ପାଇଁ ଆଶା ବାନ୍ଧି ପ୍ରାଣରେ
ଆସିବ ନବ ବସନ୍ତ ଶୀତ ଶେଷ ହୋଇଲେ
ପଲ୍ଲବୀତ ହେବ ପତ୍ର ଶୁଷ୍କ ତରୁ ଡାଳରେ ।

ଯାଅଲୋ କୋଇଲି ଆଜି ହୁଅନା ତୁ ଅଧୀର
ରାଜୁତି ଚଳେନା ଆଜି ପ୍ରକୃତି କି ବିଧିର
ବର୍ଷା ଆଗମନେ ଯେଣୁ କେକୀ କେକୀ ହୁଏ ଅଧୀର
ବସନ୍ତେ ବି କୋଇଲି ଟା ହୁଏ ଆମ୍ବ ବିଭୋର ।

ଶୀତ ଅନ୍ତେ ଗ୍ରୀଷ୍ମ ରାଜ ନିଜ ବାହୁବଳରେ
ମଧୁମୟ ବସନ୍ତ କୁ ଲୁଚାଇଛି ଛଳରେ
ଏ ଦୁନିଆଁ ଚାଲେ ଖାଲି ସ୍ୱାର୍ଥରଥେ ବିରାଜି
ବିଗତ ସ୍ମୃତିକୁ ସର୍ବେ ଯାଉଛନ୍ତି ବରଜି ।

■■■

ବି.ଡି.ଏ. କଲୋନୀ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର

# ସପନେ ସପନେ ଆସିଥିଲ ତୁମେ

**ପୀତାମ୍ବର ଭୋଇ**



ସପନେ ସପନେ ଆସିଥିଲ ତୁମେ
ହାତରେ ଅବିର ଘେନି
ମୁଁଯେ ଲୁଚିଥିଲି ଗଛ ଉହାଡରେ
ତମର ଆସିବା ଜାଣି ।
ପଛରୁ ମୁଁ ଯେବେ ମାରି ପିଚକାରି
ଭିଜାଇଲି ତନୁଶିରୀ
ରାଗିଯାଇ ମତେ ଦେଲଟି ଅନାଇ
ସତେକି ମୁଁ ଅବିଚାରୀ
ସୁନା ପିଲାପରି ଆସିବାରୁ ପାସେ
ରଙ୍ଗାଇଲ ଅଭିମାନୀ ।
ତୁମର କୋମଳ ହାତ ପରସରେ
ଶିହରିତ ହେଲା ତନୁ
ମୁଁ ଯେବେ ଅବିର ମୁହେଁ ଲଗାଇଲି
ରାଗ ଭୁଲିଗଲ ମନୁ
ଦୁଇଟି ହୃଦୟ ହୋଇଲା ମିଳନ
ମନ କଥା ମନ ଜାଣି ।
ଫୁଲ କବରୀରେ ବାସୁ ଥିଲ ତୁମେ
ଓଦାଥିଲା ଝିନ ବାସ
ଦେହେ ଯଉବନ ଫୁଟି ଉଠୁଥିଲା
କାମେ ଥିଲା ରସରସ
ନୂପୁର ନିକ୍ୱଣ ମନ ମୋହୁଥିଲା
ତୁମେ ମୋ ରସରଙ୍ଗିନୀ ।



■■■

ଭୁବନେଶ୍ୱର
ମୋ :୯୪୩୭୫୫୩୬୪୭

# ମହାକାଳ

ସୁରେଶ ଚନ୍ଦ୍ର ମିଶ୍ର

ଜୀବନ ଜଞ୍ଜାଳ ସରିଚି କି ନାଇଁ
ମହାକାଳକୁ କି ଲଗା
କାଳେ ମାଣ ପୂରି ଉଛୁଳିଯିବ କି
ଧରିଚି ହାତରେ ପଘା।

ସଂସାରି ମଣିଷ ହିସାବ ରଖେନି
ସତେ ସେ କୁଣିଆ ହୋଇ
ଆସିଚି କୁଆଡୁ ଯିବ ସେ କେଣିକି
ମହାକାଳ କୋଳେ ଶୋଇ ।



ମୁଣ୍ଡ କଚାଡ଼ିଲେ ଛାତିକି ପିଟିଲେ
ଆଉ କି ଆସିବ ଥରେ
ଶବ ସଙ୍ଗ ଭାବ,ପାଲଟିବା ଶିବ
କେ ଦେଖିଛି ନୟନରେ ।

ଜୀବନ ସୁଆଦ ସେନେହ ସରାଗ
ହୋଇଥିଲେ ଦିଆ ନିଆ
ଅମୂଲ୍ୟ ସମ୍ପଦ ଆତ୍ମିୟତା ଭାବ
ଜୀବନ ଉପ୍ରାନ୍ତେ ଥୁଆ ।

ଲୁହରେ ତର୍ପଣ ତୀର୍ଥଜଳେ ସ୍ନାନ
ଦେଉଥିଲେ ପିଣ୍ଡ ପାଣି,
ଅତୃପ୍ତ ଆତ୍ମା କି ସତରେ ହାତରେ
ଶରଧାରେ ନେବ ଟାଣି ?

ତା ଅଭୁଲା ସ୍ମୃତି ଆତ୍ମା ମୁକ୍ତି ଖୋଜି
ପ୍ରବେଶିଲେ ଅନ୍ୟ ଘଟେ
ଆପଣା ପର କେ କାହାକୁ ଚିହ୍ନିବ
ଗାଧୋଇଲେ ଏକା ତୁଠେ ।

ସାକ୍ଷୀଗୋପାଳ, ପୁରୀ

■■■

# “ଇ ପତ୍ରିକା” ର ମାର୍ଚ୍ଚ ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୦୩.୨୦୨୨ (ବୁଧବାର)

















ମାଟି ଉଠାଇବା ସହ ଜବରଦଖଲ କରୁଥିବା ଦେଖାଯାଉଛି। ଦେଖାଦେଇଛି।

### ‘ଇ-ପତ୍ରିକା’ ଉନ୍ମୋଚିତ

ଚନ୍ଦ୍ରଶେଖରପୁର, ୨୮ା୦୩ (ନି.ପ୍ର): ପ୍ରକୃତି, ସଂସ୍କୃତି ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହି ତିନୋଟି ଦିଗ ଉପରେ ଅଧିକ ଧ୍ୟାନ ଦେଇ ସାହିତ୍ୟ ସର୍ଜନା କରିବାକୁ ସାହିତ୍ୟିକ ଡ. ଶଶିଭୂଷଣ ରଥ କହିଛନ୍ତି। ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ମାସିକ 'ଇ-ପତ୍ରିକା'ର ନବମ ସଂଖ୍ୟା ଉନ୍ମୋଚିତ ହୋଇଛି। ୟୁନିଟ୍-୯ସ୍ଥିତ ସଂସଦର ନିଜସ୍ୱ ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ଇ-ପତ୍ରିକାର ମୁଖ୍ୟ ତଥା ସଂସଦର ପ୍ରତିଷ୍ଠାତା ସମ୍ପାଦକ କବି ଜସରଞ୍ଜ ମାଝି ସଭାପତିତ୍ୱ କରିଥିଲେ। ସମ୍ପାଦକ ସରୋଜ କୁମାର ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗାଳ୍ପିକ ଯଶୋବନ୍ତ ସେଠୀ, ମଞ୍ଜୁଲତା ସିଂ, ସମିତା ସାହୁ, ସ୍ୱର୍ଣ୍ଣଲତା ମହାପାତ୍ର, ଜାହ୍ନବୀ ଚୌଧୁରୀ ପ୍ରମୁଖ କବିତା ପାଠ କରିଥିଲେ। ସମ୍ପାଦକମଣ୍ଡଳୀ ସଦସ୍ୟ ବିଦ୍ୟାଧର ଗୁରୁ ଧନ୍ୟବାଦ ଦେଇଥିଲେ।

# ଇ ପତ୍ରିକା

ଦଶମ ସଂଖ୍ୟା ୧ ଏପ୍ରିଲ ୨୦୨୩

https://epatrika.cspursahityasansad.com/

Publisher :
**Newtra Creations**
Bhubaneswar



ମୁଖ୍ୟ ସଂପାଦକ: ବସନ୍ତ ମାଝି II ସଂପାଦକ: ସରୋଜ କୁମାର ଶତପଥୀ
Contact : 7/13, Type 'B' (Revised), Unit-9, Bhubaneswar - 751022
Mob : 9438621925 / 9937128547
Website: www.newtracreations.com / www.cspursahityasansad.com
Email : cspursahityasansad@gmail.com